କଟକ
ରବିବାର ୧୫ ଫେବ୍ରୁଆରୀ, ୨୦୨୬
ପ୍ରାତଃ ସଂସ୍କରଣ

February 15 2026 Cuttack
Vol - XXIII, Issue - 316
Price: Rs.5/- ( 8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ଭାରତ-ପାକିସ୍ତାନ ଟକ୍କର ଆଜି

**କଲମ୍ବୋ,୧୪।୨(ଏଜେନ୍ସି):** ଟି୨୦ ବିଶ୍ୱ କପ୍‌ରେ ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମଧ୍ୟରେ ଟକ୍କରକୁ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ମହାଶିବରାତ୍ରିରେ ହେବ ଏହି ଟକ୍କର। ତେବେ ବର୍ଷାର ଆଶଙ୍କା ମଧ୍ୟ ଦେଖାଦେଇଛି। ପାକିସ୍ତାନ ଭାରତ ସହ ମ୍ୟାଚ୍ ଖେଳିବ ନାହିଁ ବୋଲି ପ୍ରଥମେ ମନା କରିଦେଇଥିଲା। କିନ୍ତୁ ଆଇସିସିର ଧମକ ପରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇଥିଲା।

BERHAMPUR BROILER TRADERS ASSOCIATION
CONSUMER RATE
Live Bird : Rs. 140/-@Kg.
Without Skin : Rs. 280/-@Kg.
Date 15.2.2026

# ୧୦୦କୋଟିର ଟେକ୍ସଟାଇଲ ପାର୍କ ପାଇଁ ଶିଳାନ୍ୟାସ

## ୧୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ

## ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ ହେବ



**କେନ୍ଦୁଝର,୧୪।୨(ନି.ପ୍ର):** ଶିଳ୍ପ ବିବିଧତା ଓ ଡିଜିଟାଲ ଭିତ୍ତିଭୂମି ବିକାଶରେ କେନ୍ଦୁଝର ଜିଲ୍ଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ ଓ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି।

ଏହି ଅବସରରେ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି ମୁଖ୍ୟମନ୍ତ୍ରୀ। ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ। କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା।

୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ ପାର୍କରେ ୧୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲ୍‌କୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ଉତ୍ପାଦନ କରିବ ୨୪ ଲକ୍ଷ ପୋଷାକ ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ କନକ୍ଲେଭ ସମୟରେ ୭୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ରାଜ୍ୟ ସାରା ୫୩,୦୦୦ ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ ପାର୍କ ସହିତ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଓ ଜଗତସିଂହପୁରରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜଭୁତ କରୁଛନ୍ତି। ଏବେ ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହାଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ।

ମୁଖ୍ୟମନ୍ତ୍ରୀ ମଧ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ । ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ।

ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ତଥ୍ୟର ଯୁଗ। ଆମ ସରକାର ଅନ୍‌ଲାଇନରେ ୪୦୦ରୁ ଅଧିକ ସେବା ପ୍ରଦାନ କରେ। ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ। କେନ୍ଦ୍ର ଡାଟା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ୍ ଶାସନ ଢାଞ୍ଚାର ସ୍ଥିରତାକୁ ବୃଦ୍ଧି କରିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ ଜୋନ୍ ହୋଇଥିବା ଯୋଗୁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର କରିଥାଏ ବୋଲି ଅଗ୍ରାଧିକାର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି। ମକର ପର୍ବ ସମୟରେ ୧,୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଏକ ସମୃଦ୍ଧ ଓଡ଼ିଶା ତା'ର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଢ଼ି ଉଠିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ବିଧାୟକ ଅଖିଳ ନାଏକ, ଡ. ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ଓକାକ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡାଲକୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ ନାଗରିକ ଯୋଗ ଦେଇଥିଲେ।

## ଚୌଦ୍ୱାର ଜେଲରୁ ଫେରାର କଏଦୀ ବୃନ୍ଦାବନ ମଠରୁ ଗିରଫ



**ଚୌଦ୍ୱାର,୧୪।୨(ନି.ପ୍ର):** ଚୌଦ୍ୱାର ଜେଲ ରାଜ୍ୟର ସର୍ବବୃହତ ମଣ୍ଡଳ କାରାଗାର। ଏହି ଜେଲରୁ ଗତ ଅକ୍ଟୋବରରେ ବିହାରର ଦୁଇ ଜଣ କଏଦୀ ମଧୁକାନ୍ତ ରାଣା ଓ ରାଜା ସାହନୀ ଫେରାର ହୋଇଯାଇଥିଲେ। ଓଡ଼ିଶା ପୋଲିସ ଉତ୍ତର ପ୍ରଦେଶର ବୃନ୍ଦାବନରୁ ମଧୁକାନ୍ତ ରାଣାକୁ ଗିରଫ କରିଛି। ରାଜା ସାହନୀ ଏବେବି ଫେରାର ରହିଛି। ସେ ଖୁବ୍‌ଶୀଘ୍ର ଧରାପଡ଼ିବ ବୋଲି ପୋଲିସ କହିଛି। ମଧୁକାନ୍ତକୁ କଟକ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଛି।

ମଧୁକାନ୍ତ ଓ ରାଜା ଫେରାର ହୋଇଯିବା ପରେ ଓଡ଼ିଶା ପୋଲିସର ୬ଟି ଟିମ୍ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜୁଥିଲା। ଏହି ୬ ଟିମ୍‌ରେ ରହିଥିଲେ ୨୬ ଜଣ। ମଧୁକାନ୍ତ ବୃନ୍ଦାବନରେ ଏକ ମଠର ଗେଷ୍ଟ ହାଉସ୍‌ରେ ବାସୁ ପାଣ୍ଡେ ଛଦ୍ମନାମରେ ରହୁଥିଲା। କୌଶଳ କ୍ରମେ ଓଡ଼ିଶା ପୋଲିସ ତାକୁ ଧରିବାରେ ସଫଳ ହୋଇଛି।

ଏହି ଦୁଇ କଏଦୀ ଗତବର୍ଷ ଜାନୁଆରୀରେ ଯାଜପୁର ଜିଲ୍ଲା ପାଣିକୋଇଲିରେ ଏକ ଅଳଙ୍କାର ଦୋକାନରୁ ଲୁଟ୍ କରିବାସହ ଦୁଇ ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ। ସେମାନଙ୍କୁ ଗିରଫ କରାଯାଇ ପ୍ରଥମେ ଯାଜପୁରର ରଗଡ଼ି ଜେଲ୍‌ରେ ରଖାଯାଇଥିଲା। ଅଧିକ ସୁରକ୍ଷା ଦୃଷ୍ଟିରୁ ୮ ମାସ ପୂର୍ବେ ଦୁହିଁଙ୍କୁ ଅଣାଯାଇଥିଲା ଚୌଦ୍ୱାର ଜେଲ୍‌କୁ।

# ପୁଲଓ୍ୱାମା ଆକ୍ରମଣକୁ ୭ବର୍ଷ

## ବୀର ଯବାନଙ୍କୁ ଦେଶର ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ,୧୪।୨(ନି.ପ୍ର):** ସେଦିନଟି ଥିଲା ୨୦୧୯ ମସିହା ଫେବୃଆରୀ ୧୪ ତାରିଖ। ଜାମ୍ମୁ-କାଶ୍ମୀରର ପୁଲଓ୍ୱାମାରେ ସିଆର୍‌ପିଏଫ୍‌ର କନଭୟ ଉପରେ ହୋଇଥିଲା ଆତ୍ମଘାତୀ ଆକ୍ରମଣ। ଏଥିରେ ପ୍ରାୟ ୪୦ଜଣ ବୀର ଯବାନ ସହିଦ ହୋଇଥିଲେ। ସେହି କଳା ଦିନର ସ୍ମୃତି ଆଜି ବି ଦେଶବାସୀଙ୍କ ହୃଦୟରେ ରହିଛି।

ପୁଲଓ୍ୱାମା ଆତଙ୍କୀ ଆକ୍ରମଣକୁ ୭ ବର୍ଷ ପୂରିଛି। ବୀର ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି ସାରା ଦେଶ। ସେମାନଙ୍କ ସ୍ମୃତିରେ ବିଭିନ୍ନ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଭାରତୀୟ ସେନା ଏବଂ ବାୟୁସେନା ୧୨ ଦିନ ମଧ୍ୟରେ ପୁଲଓ୍ୱାମା ଆକ୍ରମଣର ପ୍ରତିଶୋଧ ନେଇଥିଲେ। ପାକିସ୍ତାନରେ ପ୍ରବେଶ କରି ବାଲାକୋଟରେ ଏକ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲେ। ଧ୍ୱଂସ କରିଦେଇଥିଲେ ଜୈଶ-ଏ-ମହମ୍ମଦର ଆଡ୍ଡା। ୩୦୦ ଆତଙ୍କବାଦୀଙ୍କୁ ମଧ ହତ୍ୟା କରିଥିଲେ। ପ୍ରତିଶୋଧ ନେବା ପରେ ମଧ କ୍ରୋଧର ନିଆଁ କମିନଥିଲା। ଜାମ୍ମୁ-କାଶ୍ମୀରରେ ସେନା ଓ ପୋଲିସ ମିଳିତ ଭାବରେ ଆତଙ୍କବାଦୀଙ୍କୁ ଏବଂ ସେମାନଙ୍କୁ ସମର୍ଥନ ସହ ପାଣ୍ଠି ଯୋଗାଇଥିବା ଲୋକଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଥିଲେ। ସେହି ସଂଗଠନଗୁଡ଼ିକୁ ନିଷିଦ୍ଧ କରାଯାଇଥିଲା। ସମର୍ଥକମାନଙ୍କୁ ଗିରଫ କରାଯାଇଥିଲା।

## ଇମରଜେନ୍ସି ଷ୍ଟ୍ରିପ୍‌ରେ ମୋଦୀଙ୍କ ଐତିହାସିକ ଅବତରଣ



**ଗୁଆହାଟୀ,୧୪।୨(ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆସାମର ଡିବ୍ରୁଗଡ଼ରେ ମୋରାନ ହାଇୱେରେ ଥିବା ଜରୁରୀକାଳୀନ ଅବତରଣ ସୁବିଧା (ଇଏଲ୍‌ଏଫ୍)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମାନ ଶନିବାର ଅବତରଣ କରିଥିଲା। ଏହା ଏକ ଐତିହାସିକ ଅବତରଣ।

ସେଠାରେ ସେ ଲଢୁଆ ବିମାନ, ପରିବହନ ବିମାନ ଏବଂ ହେଲିକପ୍ଟର ଦ୍ୱାରା ଆକାଶ ମାର୍ଗରେ ପ୍ରଦର୍ଶନ ଦେଖିଥିଲେ। ଇଏଲ୍‌ଏଫ୍ ଉତ୍ତର-ପୂର୍ବ ଭାରତରେ ପ୍ରଥମ। ଭାରତୀୟ ବାୟୁସେନା ସହିତ ମିଳିତ ଭାବେ ଜରୁରୀକାଳୀନ ଅବତରଣ ଓ ଉଡ଼ାଣରେ ସାମରିକ ଏବଂ ବେସାମରିକ ବିମାନକୁ ସହାୟତା କରିବା ପାଇଁ ଏହାର ନିର୍ମାଣ ହୋଇଥିଲା।

# ତାଲିକାରୁ ଜଣେ ବି ଯୋଗ୍ୟ ଭୋଟର ବାଦ୍ ନପଡ଼ିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୪।୨(ନି.ପ୍ର):** ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ। କେହି ଜଣେ ବି ଯୋଗ୍ୟ ଭୋଟର୍ ଯେପରି ବାଦ୍ ନପଡନ୍ତି ତାହା ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗରେ ଦି ସୋସିଓଜେନିକ୍ ଫାଉଣ୍ଡେସନ ଏବଂ ଆଉଟ୍‌ରିଚ ପକ୍ଷରୁ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଲନ।

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଏହି କର୍ମଶାଳାରେ ୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜିକୃତ କରିପାରିବେ, ସେ ସମ୍ପର୍କରେ ସୂଚନା ଦିଆଯାଇଛି। ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ବିଷୟରେ ଆଲୋଚନା ହୋଇଛି। କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନହୁଅନ୍ତି ସେଥିପ୍ରତି ସତର୍କ ରହିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି।

ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ ଆୟୋଜିତ ହୋଇଛି ରେଡିଓ ପ୍ରସାରକମାନଙ୍କ ପାଇଁ ଏହି ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା। ଜନସାଧାରଣଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ। ତେଣୁ ରେଡ଼ିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ କର୍ମଶାଳାରେ ଆଲୋଚନା କରାଯାଇଛି। ରେଡ଼ିଓ ପ୍ରସାରକ ମାନେ ସିଧାସଳଖ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହିତ ଏସ୍‌ଆଇଆର୍ ମ୍ୟାପିଂ ସମ୍ବନ୍ଧୀୟ ସିଧାସଳଖ ଆଲୋଚନା କରିଛନ୍ତି।

## ମିଶନ ମୋଡ୍‌ରେ ଜମିପଟ୍ଟା ସଂଶୋଧନ କାର୍ଯ୍ୟ

### ବିଳମ୍ବ ହେଲେ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧୪।୨(ନି.ପ୍ର):** ରାଜ୍ୟ ସରକାର ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ଶୀଘ୍ର ସାରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ କୁହାଯାଇଛି। ୧୩ ଫେବୃଆରୀ ୨୦୨୬ ତାରିଖରେ ଜାରି ହୋଇଥିବା ପତ୍ରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ ମୋଡ୍‌ରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିଛି ଜିଲ୍ଲାରେ ଅଧିକ ବିଳମ୍ବ ଓ ଅସନ୍ତୋଷଜନକ ପ୍ରଗତି ନେଇ ରାଜସ୍ୱ ସଚିବ ଚିନ୍ତାବ୍ୟକ୍ତ କରିଛନ୍ତି ।

## ଭାରତୀୟ ଇଞ୍ଜିନିୟରିଂ ଛାତ୍ର ଆମେରିକାରୁ ନିଖୋଜ

**ନୂଆଦିଲ୍ଲୀ,୧୪।୨(ନି.ପ୍ର) :** କାଲିଫର୍ଣ୍ଣିଆରେ ଜଣେ ଭାରତୀୟ ଛାତ୍ର ନିଖୋଜ ହୋଇଯାଇଛନ୍ତି। ୨୨ ବର୍ଷ ବୟସ୍କ ଏହି ଛାତ୍ରଙ୍କ ନାମ ସାକେତ ଶ୍ରୀନିବାସୈୟା। ସେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ବର୍କଲିରେ ରାସାୟନିକ ଏବଂ ବାୟୋମୋଲିକୁଲାର ଇଞ୍ଜିନିୟରିଂର ଛାତ୍ର। ମାଡ୍ରାସରୁ ବିଟେକ୍ ପରେ ସେ ସେଠାରେ ପହଞ୍ଚିଥିଲେ। ତାଙ୍କୁ ଶେଷ ଥର ପାଇଁ କ୍ୟାମ୍ପସରୁ ପ୍ରାୟ ଗୋଟିଏ କିଲୋମିଟର ଦୂରରେ ଦେଖାଯାଇଥିଲା। ଏକ ବ୍ୟାଗ୍‌ରୁ ତାଙ୍କର ପାସ୍‌ପୋର୍ଟ ଓ ଲ୍ୟାପଟପ କ୍ୟାମ୍ପସ ନିକଟରୁ ମିଳିଛି। ସାନ୍‌ଫ୍ରାନ୍ସିସ୍କୋରେ ଥିବା ଭାରତୀୟ କନସୁଲେଟ୍ ପକ୍ଷରୁ ନିଖୋଜ ଛାତ୍ରଙ୍କୁ ଚିନ୍ତା ପ୍ରକଟ କରାଯାଇଛି। ତାଙ୍କୁ ଖୋଜିବା କାର୍ଯ୍ୟ ଆରମ୍ଭ ହୋଇଯାଇଛି।

## ଆରମ୍ଭ ହେଲା ଅପରେସନ ସାଇବର କବଚ



**ଭୁବନେଶ୍ୱର,୧୪।୨(ନି.ପ୍ର):** ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଅପରେସନ ସାଇବର କବଚ ଆରମ୍ଭ ହୋଇଛି। ଏହି ଅଭିଯାନ ଫଳରେ ରାଜ୍ୟରେ ସାଇବର ସୁରକ୍ଷା ଆହୁରି ସୁଦୃଢ଼ ଓ ସଙ୍ଗଠିତ ହେବ। ସାଇବର ଅପରାଧୀଙ୍କ ବିରୁଦ୍ଧରେ ମଧ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯାନ ଆସନ୍ତା ଫେବୃଆରୀ ୨୭ ପର୍ଯ୍ୟନ୍ତ ଚାଲିବ। ସାଇବର ଠକେଇ ପାଇଁ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଓ ଜାଲ୍ ସିମ୍ କାର୍ଡ କାରବାରକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ପୋଲିସ ଡିଜି ୱାଇବି ଖୁରାନିଆ ୧୧ ଫେବୃଆରୀରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ଅଭିଯାନ ସମ୍ପର୍କରେ ଘୋଷଣା କରିଥିଲେ। ବେନାମୀ ବ୍ୟାଙ୍କ ଆକାଉଣ୍ଟ, ଜାଲ୍ ସିମ୍ କାର୍ଡ ଓ ସାଇବର ଅପରାଧ ନେଟୱାର୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ।

# ଆତ୍ମବିଶ୍ୱାସ ସଫଳତାର ଚାବିକାଠି

## ଏନ୍‌ସି ହାଇସ୍କୁଲ ପ୍ଲାଟିନମ ଜୁବିଲିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ



**ଯାଜପୁର ,୧୪।୨(ନି.ପ୍ର):** ଆତ୍ମବିଶ୍ୱାସ ହେଉଛି ସଫଳତାର ଚାବିକାଠି। ଛାତ୍ର ଛାତ୍ରୀ ବଡ଼ ସ୍ୱପ୍ନ ଦେଖିବା ଏବଂ କର୍ତ୍ତବ୍ୟ, ସମର୍ପଣ, ନିଷ୍ଠାକୁ ଜୀବନଦର୍ଶନ ଭାବେ ଗ୍ରହଣ କରିବା ଆବଶ୍ୟକ। ଶିକ୍ଷାର ଉଦ୍ଦେଶ୍ୟ କେବଳ ମାର୍କ ରଖିବା କିମ୍ବା ନିଯୁକ୍ତି ସୃଷ୍ଟି ନୁହେଁ, ଏହା ମଧ ପିଲାମାନଙ୍କ ଚରିତ୍ର ଗଠନ କରେ ଏବଂ ସେମାନଙ୍କୁ ବିଭିନ୍ନ ଜୀବନ କୌଶଳ ବା ଲାଇଫ ସ୍କିଲ୍ ଶିଖାଏ। ଯାଜପୁର ଜିଲ୍ଲା ବ୍ୟାସନଗରରେ ଏନ୍ ସି ହାଇସ୍କୁଲର ୮୦ ବର୍ଷ ପୂର୍ତ୍ତି ପାଳନ ପ୍ଲାଟିନମ୍ ଜୁବୁଲି ସମାରୋହରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହି ଉତ୍ସବକୁ ଐତିହାସିକ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ବିଦ୍ୟାଳୟ ଦାୟିତ୍ୱବାନ ନାଗରିକଙ୍କ ପିଢ଼ି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଯାଜପୁର ଜିଲ୍ଲାରେ ଶିକ୍ଷାର ଏକ ଦୃଢ଼ ସ୍ତମ୍ଭ ହୋଇଛି। ଅଞ୍ଚଳର ଶିକ୍ଷାଗତ ଦୃଶ୍ୟପଟରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି ଏହି ଅନୁଷ୍ଠାନ।

ପି.ଏମ୍ ଶ୍ରୀ ଯୋଜନାରେ ସ୍କୁଲକୁ ସାମିଲ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାକୁ ଆଧୁନିକ ଭିତ୍ତିଭୂମି, ଡିଜିଟାଲ ଶ୍ରେଣୀଗୃହ ଏବଂ ସ୍ମାର୍ଟ ଶିକ୍ଷା ସୁବିଧା ସହିତ ଏକ ଆଦର୍ଶ ପ୍ରତିଷ୍ଠାନ ଭାବରେ ବିକଶିତ କରାଯାଉଛି। ଏହି ସ୍କୁଲ ଆଧୁନିକ ସୁବିଧା ସହିତ ଗୁଣାତ୍ମକ ଶିକ୍ଷାର ଏକ ମଡେଲ ଭାବରେ ଉଭା ହେବ। ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବ। ବିଦ୍ୟାଳୟର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ସବୁ ଆବଶ୍ୟକ ତାହା ଏକ ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ପୂରଣ କରାଯିବ।

ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚାପ ବଦଳରେ ଧୈର୍ଯ୍ୟର ସହିତ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରୀକ୍ଷା ପେ ଆଲୋଚନାରେ ପରାମର୍ଶ ଦେଇଥିବା ଉଲ୍ଲେଖ କରି ସେ କହିଛନ୍ତି, ସଫଳତା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ ଏବଂ ବିଫଳତାକୁ ସଫଳତା ପାଇଁ ଏକ ପାହାଚ ଭାବରେ ବିବେଚନା କରାଯିବା ଉଚିତ। କାର୍ଯ୍ୟକ୍ରମରେ ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡ୍‌ସ ୨.୦କୁ କ୍ୟାବିନେଟ ଅନୁମୋଦନ

**ନୂଆଦିଲ୍ଲୀ,୧୪।୨(ନି.ପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡ୍ସ ୨.୦ (ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦) ପ୍ରତିଷ୍ଠାକୁ ଅନୁମୋଦନ ମିଳିଛି। ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି।

ଏହି ଯୋଜନାର ଲକ୍ଷ୍ୟ ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନ କରି ଭାରତର ଷ୍ଟାର୍ଟଅପ୍ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା।

ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦ ଭାରତକୁ ବିଶ୍ୱର ଏକ ପ୍ରମୁଖ ଷ୍ଟାର୍ଟଅପ୍ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିବା ପ୍ରୟାସର ପରିଣାମ। ୨୦୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆରମ୍ଭ ହେବା ପରଠାରୁ, ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହା୫୦୦ ରୁ କମ୍ ଷ୍ଟାର୍ଟଅପ୍‌ରୁ ବୃଦ୍ଧି ପାଇ ଆଜି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍‌ରେ ପହଞ୍ଚିଛି। ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜିକରଣ ହୋଇଛି ।

# କଥା ରଖିଲେ ରଶ୍ମିକା



ରଶ୍ମିକା ମନ୍ଦାନା ଯାହା କହିଥିଲେ ତାହା କାମ କରିଛନ୍ତି। କଥା କ'ଣ କି ଅଭିନୟ କରିଥିବା ନୂଆ ସିନେମାର ଶୁଟିଂ ଶେଷ ସମୟରେ ସେ ଏହାସହ ଜଡିତ ସମସ୍ତଙ୍କୁ ଏକ ବଡ ଉପହାର ଦେବେ। ହେଲେ ତାହା କ'ଣ ସେ ବିଷୟରେ ସେ ଟିକିଏ ହେଲେ ସୂଚନା ଦେଇନଥିଲେ। ଶୁଟିଂ ଶେଷ ହେବା ଦିନରେ ସମସ୍ତଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ। କେବଳ ସେତିକି ନୁହେଁ, ସେହିଦିନ ପ୍ୟାକଅପ୍ ହେବା ମାତ୍ରେ ନିଜ ତରଫରୁ ଢେର୍ ଖର୍ଚ୍ଚ କରି ସେଲିବ୍ରେସନର ଆୟୋଜନ ମଧ୍ୟ କରିଥିଲେ। ତା'ପରେ ରାତିରେ ହୋଟେଲରେ ନିଜେ ସମସ୍ତଙ୍କ ସହ ମିଶି ମଜା ମଧ୍ୟ କରିଥିଲେ। ଏହି ଫିଲ୍ମରେ ରଶ୍ମିକାଙ୍କ ନାୟକ ସାଜିଛନ୍ତି ରଣବୀର କପୁର।

# ସୂର୍ଯ୍ୟୋଦୟ ସହ ବ୍ୟାୟାମ କରିବା ବେଶୀ ଲାଭଦାୟକ

ସକାଳେ ସୂର୍ଯ୍ୟୋଦୟ ସହ ବ୍ୟାୟାମ କରିବା ବେଶ୍ ଲାଭଦାୟକ। ପୁରୁଣାକାଳିଆ ବୟସ୍କ ଲୋକମାନେ ପ୍ରାୟତଃ ସୂର୍ଯ୍ୟୋଦୟ ସହ ହିଁ ବ୍ୟାୟାମ କରିଥାନ୍ତି। ଏମ୍‌ଡିପିଆଇର ଅଧ୍ୟୟନ ପାଇଁ ଅଧିକ ଓଜନ ଥିବା ବୟସ୍କ ଲୋକମାନଙ୍କୁ ସକାଳେ ଓ ସନ୍ଧ୍ୟାରେ ବ୍ୟାୟାମ କରିବାକୁ ୨ ଭାଗରେ ବଣ୍ଟା ଯାଇଥିଲା। ଉଭୟ ଗ୍ରୁପ୍‌ର ଲୋକମାନେ ବ୍ୟାୟାମ କରିବା ଦ୍ୱାରା ଶକ୍ତି ବଢିଥିଲା। କିନ୍ତୁ ସକାଳେ ବ୍ୟାୟାମ କରୁଥିବା ଲୋକଙ୍କଠାରେ ଅଧିକ ଶକ୍ତି ଆସୁଥିବାର ଦେଖାଯାଇଥିଲା। ଏହି ଗବେଷଣାରୁ ଜଣାପଡିଛି ଯେ ସନ୍ଧ୍ୟା ଅପେକ୍ଷା ସକାଳେ ବ୍ୟାୟାମ କରୁଥିବା ଲୋକଙ୍କଠାରେ ଶକ୍ତି ଅଧିକ ଆସିଥାଏ ଅର୍ଥାତ୍ ସକାଳେ ବ୍ୟାୟାମ କରିବା ଦ୍ୱାରା ଅନେକ ଫାଇଦା ହୋଇଥାଏ।

### ଓଜନ କମିବା

ସକାଳେ ବ୍ୟାୟାମ କରିବା ଦ୍ୱାରା ମେଟାବଲିଜିମ୍ ବଢିବା ସହ ଅଧିକ କ୍ୟାଲୋରୀ ବର୍ଣ୍ଣ ହୋଇଥାଏ। ଏହି ସମୟରେ ବ୍ରିସ୍କ ୱାକିଂ, ଜଗିଂ, ସ୍କିପିଂ ପରି ବ୍ୟାୟାମ କରିବା ଦ୍ୱାରା ଓଜନ କମିବାରେ ସହଯୋଗ ମିଳିଥାଏ। ଏହି ବ୍ୟାୟାମ କରିବା ପରେ ଏକ ଗ୍ଲାସ ହାଲୁକା ଉଷୁମ ପାଣି ପିଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

### ଷ୍ଟ୍ରେସ କମ୍ ହୁଏ

ସକାଳ ସୂର୍ଯ୍ୟ ଆସିବା ସହ ବ୍ୟାୟାମ କରିବା ଦ୍ୱାରା ସକାରାତ୍ମକତା ସହ ଦିନର ଆରମ୍ଭ ହୋଇଥାଏ। ଏହାଦ୍ୱାରା ଭାବନାତ୍ମକ ସନ୍ତୁଳନ ରହିବା ସହ ଚିନ୍ତା କମିଥାଏ। ଚିନ୍ତା କମ୍ କରିବା ପାଇଁ ସକାଳେ ଭ୍ରାମରୀ ପ୍ରାଣାୟାମ, ଅନୁଲୋମ-ବିଲୋମ ହିଁ ବ୍ରିସ୍କ ୱାକ ଓ ତାଡ଼ାସନ ଆଦି କରିପାରିବେ।

### ହୃଦ୍‌ଘାତରୁ ସୁରକ୍ଷା ମିଳେ

ସକାଳ ସୂର୍ଯ୍ୟକିରଣ ଆସିବା ସହ ବ୍ୟାୟାମ କରିବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ହେବା ସହ ରକ୍ତଚାପ ନିୟନ୍ତ୍ରିତ ରହିଥାଏ। ଫଳରେ ହୃଦ୍‌ଘାତର ଆଶଙ୍କା କମ୍ ରହିଥାଏ।

### ନିଦର ଗୁଣବତ୍ତା ବଢିଥାଏ

ସକାଳେ ବ୍ୟାୟାମ କରିବା ଦ୍ୱାରା ଶରୀରର ବାୟୋଲୋଜିକାଲ୍ କ୍ଲକ୍ ଠିକ୍ ରହିଥାଏ। ଶୀଘ୍ର ଉଠି କାମ କରିବା ଦ୍ୱାରା ଠିକ୍ ସମୟରେ କାମ ସରିଥାଏ। ଫଳରେ ଏହାର ସକାରାତ୍ମକ ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ ରାତିରେ ଭଲ ନିଦ ହେବା ସହ ଅନିଦ୍ରାଜନିତ ସମସ୍ୟା ଦୂର ହୁଏ।

### ଫୋକସ୍ ବଢ଼େ

ସକାଳୁ ବ୍ୟାୟାମ କରିବା ଦ୍ୱାରା ଶରୀରକୁ ଅମ୍ଳଜାନ ସପ୍ଲାଏ ବଢିଥାଏ। ଫଳରେ ବ୍ୟକ୍ତିର ଫୋକସ୍ ବଢିଥାଏ। ଫୋକସ୍ ବଢିବା ପାଇଁ ବୃକ୍ଷାସନ ଓ କପାଳଭାତି କରିପାରିବେ।





# ସ୍ୱର୍ଗକୁ ଶିଡ଼ି

ସ୍ୱର୍ଗ କେଉଁଠି ଅଛି, କେହି ଜାଣିନାହାନ୍ତି । ସ୍ୱର୍ଗକୁ କେହି ଦେଖୁ ବି ନାହାନ୍ତି। ହେଲେ ସମସ୍ତଙ୍କ ମନରେ ଲାଳସା ଥାଏ ସ୍ୱର୍ଗକୁ ଶିଡ଼ିଟିଏ ଥାଆନ୍ତା କି, ସେଠାକୁ ଯାଇହୁଅନ୍ତା। ସ୍ୱର୍ଗକୁ ଯିବାର ଲାଳସା ଯେଉଁମାନଙ୍କର ଅଛି ସେମାନଙ୍କ ପାଇଁ ଏକ ଭଲ ଖବର। ଚୀନ୍‌ରେ ତିଆରି କରାଯାଇଛି ସ୍ୱର୍ଗ ପାଇଁ ଶିଡ଼ି। କଥାଟି ବିଶ୍ୱାସ ହେଉନଥିବା ହେଲେ ଚୀନ୍‌ର ଝାଙ୍ଗଜିୟାଳିରେ ସ୍ୱର୍ଗକୁ ଶିଡ଼ି ନିର୍ମାଣ ହୋଇଥିବା ସୋସିଆଲ ମିଡ଼ିଆରେ ଚର୍ଚ୍ଚା ହେଉଛି। ପ୍ରକୃତ କଥା ହେଲା ଚୀନ୍, ଝାଙ୍ଗଜିୟାଳିସ୍ଥ ତିୟାନମେନ ପର୍ବତରେ ଏହି ଶିଡ଼ି ରହିଛି। ୯୯୯ଟି ଶିଡ଼ିରେ ଚଢ଼ି ଉପରେ ପହଞ୍ଚିବା ପରେ ପାହାଡ଼ ମଝିରେ ଏକ ବଡ଼ ଗର୍ତ୍ତ ଭଳି ଦ୍ୱାର ଦେଖିବାକୁ ବେଶ୍ ଚମତ୍କାର ଲାଗେ। ଠିକ୍ ସ୍ୱର୍ଗକୁ ଶିଡ଼ି ଭଳି ହିଁ ପ୍ରତୀୟମାନ ହୁଏ। ତୀଖ ପାହାଡରେ ତିଆରି ଏହି ଶିଡ଼ିଗୁଡ଼ିକୁ ଚଢିବା ଆଦୌ ସହଜ ନୁହଁ। ତଥାପି ଲୋକେ ଏହାକୁ ସ୍ୱର୍ଗକୁ ଶିଡ଼ି ମନେ କରି ଚଢିବାକୁ ପଛାନ୍ତିନାହିଁ। ଅନେକେ ମାନସିକ ରଖି ଏହି ଶିଡ଼ି ଚଢନ୍ତି। କେହି କେହି ତ ବିନା ଚପଲ ଓ ଜୋତାରେ ବି ଏହି ଶିଡ଼ି ଚଢନ୍ତି, ଯାହାକି ଗୁଡ଼ ଲକ୍ ଆଣେ ବୋଲି ଲୋକେ ବିଶ୍ୱାସ କରନ୍ତି।



# ଡ୍ରେନ୍ ନା ଆକ୍ୱାରିୟମ୍ !

ଜାପାନ କେବଳ ଯେ, ଏହାର ଉନ୍ନତ ଟେକ୍ନୋଲୋଜି ପାଇଁ ପରିଚିତ ତା' ନୁହେଁ, ଏହା ତା'ର ପରିଷ୍କାର ପରିଚ୍ଛନ୍ନତା ପାଇଁ ବି ସାରା ପୃଥିବୀରେ ପରିଚିତ। ଜାପାନର ପରିମଳ ତା'ର ଡ୍ରେନ୍ ପାଣିକୁ ଦେଖିଲେ ଆପେ ବାରି ହୋଇଯାଏ। ଏଠାକାର ଡ୍ରେନ୍ ପାଣି ଆମ ଘରର ପିଇବା ପାଣିଠାରୁ ବି ସଫା। କେବଳ ସେତିକି ନୁହେଁ କାଚକେନ୍ଦୁ ପରି ଏହି ଡ୍ରେନ୍ ପାଣିରେ ପହରନ୍ତି ଆକ୍ୱାରିୟମ୍‌ରେ ରଖାଯାଉଥିବା ରଙ୍ଗିନ କୋଇ କାର୍ପ ମାଛ। ଏହି ଡ୍ରେନ୍ ପାଣିକୁ ଦେଖିଲେ ବିଶ୍ୱାସ କରି ହୁଏନା, ସତରେ କ'ଣ ଡ୍ରେନ୍ ପାଣି ଏତେ ସଫା ହୋଇପାରେ? ଖାସ୍‌କରି ନାଗାସାକିସ୍ଥ ଶିମାବାରା ସହରର ନାଳ ପାଣି ଏମିତି କାଚକେନ୍ଦୁ ପରି। ଏହି ପାଣି ଏତେ ସଫା ଯେ, ନାଳର ତଳଭାଗ ଓ ପହରୁଥିବା ରଙ୍ଗିନ ମାଛ ଜଳଜଳ ହୋଇ ସ୍ପଷ୍ଟ ଦେଖାଯାଆନ୍ତି, ଯାହାକି ବେଶ୍ ମନୋରମ ଲାଗେ। ତେବେ ପ୍ରକୃତ କଥା ହେଲା- ନାଳଗୁଡ଼ିକ ସାମାନ୍ୟ ସିୱେର ସିଷ୍ଟମ ନୁହେଁ, ବରଂ ଓପନ ଡ୍ରେନେଜ ଚ୍ୟାନେଲ ଅଟେ। ଯେଉଁଥିରେ ବର୍ଷାପାଣି ଓ ଝରଣା ପାଣି ପ୍ରବାହିତ ହୋଇଥାଏ। ଜାପାନର ଉଚ୍ଚମାନର ୱେଷ୍ଟ ମ୍ୟାନେଜମେଣ୍ଟ ପଲିସି, କମ୍ୟୁନିଟି ସ୍କ୍ରିନିଂ ଓ ନିୟମିତ ମେଣ୍ଟେନାନ୍ସ ଯୋଗୁ ଏଠାକାର ନାଳ ପାଣି ଏତେ ସଫା ରହେ। ଶିମାବାରା ବ୍ୟତୀତ ଗୁଜୋ, ତାକାୟାମା ଓ ହିସାୟାମା ଭଳି ଅଞ୍ଚଳରେ ବି ଏମିତି ସଫା ଜଳ ପ୍ରବାହିତ ହେଉଥିବା ନାଳ ଅଛି। ଏଠାକାର ସ୍ଥାନୀୟ ବାସିନ୍ଦା ବି ନିଜେ ନାଳ ସଫା କରନ୍ତି, ଯେମିତିକି ରଙ୍ଗିନ ସୁନ୍ଦର ମାଛ ସବୁ ରହିପାରିବେ।



# ଜୋକର୍ ମୋଟେଲ





ଆମେରିକା, ନବାଦା ରାଜ୍ୟର ଏକ ଛୋଟିଆ ସହର ହେଉଛି ଟୋନୋପା, ଯାହାକି ଏକ ମରୁଭୂମିର ଅଂଶ। ଏହି ସହରର ହାଇୱେରେ ଗଲାବେଳେ ରାସ୍ତାକଡ଼ରେ ଦେଖିବାକୁ ମିଳେ ଏକ ମୋଟେଲ୍। ଯାହାର ନାଁ 'ଦ କ୍ଲାଉନ୍' ମୋଟେଲ୍। ଉକ୍ତ ମୋଟେଲ୍‌ର ଖାସ୍ କଥା ହେଉଛି ଏହା ସମ୍ପୂର୍ଣ୍ଣଭାବେ କ୍ଲାଉନ୍ ବା ଜୋକର୍ ଥିମ୍‌ରେ ନିର୍ମିତ। ଏହାର ଭିତର ବାହାର ଯେଉଁଠି ଦେଖିବେ ଖାଲି ଜୋକର୍ ଆଉ ଜୋକର୍। ଏମିତିରେ ଅନେକେ ଡରନ୍ତି ଏଠାରେ ରହିବାକୁ। ଖାସକରି ଯେଉଁମାନେ କୁଲରୋଫୋବିଆରେ ଆକ୍ରାନ୍ତ ଅର୍ଥାତ୍ ଯେଉଁମାନେ ଜୋକରକୁ ଡରନ୍ତି ସେମାନେ ଏଠାରେ ରହିପାରନ୍ତି ନାହିଁ। କାରଣ ମୋଟେଲ ବାହାରୁ ହିଁ ଜୋକର୍ ଦେଖିବାକୁ ମିଳେ। ମୋଟେଲ୍ ବାହାରେ ଜୋକର୍‌ର ଏକ ବିରାଟକାୟ କଟ୍ ଆଉଟ୍ ଲାଗିଛି। କାନ୍ଥରେ ନାନା ପ୍ରକାରର ଜୋକର୍ ଛବି ସହ ଏଠାରେ ଜୋକର୍‌ର ପୋଷ୍ଟର, ମୂର୍ତ୍ତି, ସଫ୍ଟ ଟୟ ଅଛି। ମୋଟେଲରେ ଏକ ସଂଗ୍ରହାଳୟ ବି ଅଛି ଯେଉଁଠି ହଜାର ହଜାର ଜୋକର୍ ଅଛି। ଭିତରେ ଏକ ଗିଫ୍ଟ ଶପ୍ ଅଛି, ଯେଉଁଠାରେ ବିଭିନ୍ନ ପ୍ରକାରର ଜୋକର୍ କିଣିପାରିବେ। ଏଠାକାର କେଉଁ ରୁମ୍‌ରେ ଭୟଙ୍କର ଜୋକର୍ ଫିଲ୍ମର ଫଟୋ ଓ କଣ୍ଢେଇ ତ ଆଉ କେଉଁ ରୁମ୍‌ରେ କୌତୁକିଆ ଜୋକର୍‌ର ଫଟୋ ଲାଗିଥାଏ। ଅନେକେ ଏହି ମୋଟେଲକୁ ହଣ୍ଟେଡ ବୋଲି କୁହନ୍ତି। କାରଣ କେହି କେହି କୁହନ୍ତି ଏଠାରେ କାନ୍ଥକୁ ରାମ୍ପୁଡିବା ଭଳି ଓ ପିଲା କାନ୍ଦିବା ଭଳି ଶବ୍ଦ ଶୁଭିଥାଏ। ଆଉ ଏକ କଥା ହେଉଛି ମୋଟେଲ୍ ପାଖରେ ଅଛି ଏକ ଶ୍ମଶାନ, ଯାହାକି ୧୯୦୧ ମସିହାର ବୋଲି କୁହାଯାଉଛି। ଯେଉଁଥିପାଇଁ ଲୋକେ ଏହି ମୋଟେଲ୍‌କୁ ଅଧିକ ହଣ୍ଟେଡ ବୋଲି ମନେ କରୁଛନ୍ତି।




# କିପରି କଟିବ ଆଜିର ଦିନ

୧୫ ଫେବୃଆରୀ ୨୦୨୬

**ମେଷ:** ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ଅବସ୍ଥା ଦେଖି ବ୍ୟବସ୍ଥା ନକଲେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚିନ୍ତିତ ରହିଥିଲେ ଆଜି ତାହା ମିଳିପାରିବ।

**ବୃଷ:** ଅଫିସରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସ୍ୱାର୍ଥ ହାସଲ କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନଥାଇ ମଧ୍ୟ ମନଟା ଭଲ ରହିବନି।

**ମିଥୁନ:** ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ ହାସଲ କରିବେ। ରାଜନୀତି ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ:** ଅର୍ଥର ଅଭାବ ରହିବ ନାହିଁ ତଥାପି ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହେବେ। ବ୍ୟବସାୟ ଓ ପରିବହନରୁ ଅଶାନ୍ତି ବଢ଼ିବ।

**ସିଂହ:** କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଏବଂ ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ପ୍ରଶାସନ, ପ୍ରକାଶନ, ଔଦ୍ୟୋଗିକ କର୍ମ, ବାଣିଜ୍ୟ, ଶିଳ୍ପ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା:** ଯାତ୍ରା କାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ।

**ତୁଳା:** ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ । ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା:** ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇପାରିବେ। ପରିବାର ସଦସ୍ୟଙ୍କ ଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ:** ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରିଚାଲିବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ।

**ମକର:** ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ପଡ଼ୋଶୀମାନେ ବିଭିନ୍ନ ଝାମେଲା ସୃଷ୍ଟି କରିପାରନ୍ତି। କିନ୍ତୁ ଯାତ୍ରା ସମୟରେ ଅସାବଧାନତା ହେତୁ ଧନ ହାନି ଘଟିପାରେ।

**କୁମ୍ଭ:** ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ କିଛି କଷ୍ଟ ପାଇପାରନ୍ତି।

**ମୀନ:** ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିପାରନ୍ତି। ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

# କେନ୍ଦୁଝରରେ ପୋଷାକ ଉତ୍ପାଦନ କାରଖାନା ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ




## ହିଣ୍ଡାଲକୋ ୧୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ଏହି ପ୍ରକଳ୍ପର ବିକାଶ କରିବ, ୧୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ଭୁବନେଶ୍ୱର/କେନ୍ଦୁଝର,୧୪।୨(ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର ବଳଭଦ୍ରପୁରଠାରେ ଫେବୃଆରୀ ୧୪ ତାରିଖ ଦିନ ଏକ ଆଧୁନିକ ପୋଷାକ ଉପାଦନ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଯାହା ସମାବେଶୀ ଶିଳ୍ପ ଅଭିବୃଦ୍ଧି ଏବଂ ଗ୍ରାମାଞ୍ଚଳ ଜୀବିକା ସୃଷ୍ଟି ଦିଗରେ ଏକ ବୃହତ ପଦକ୍ଷେପ । ଏହି କାରଖାନା ଆଦିତ୍ୟ ବିର୍ଲା ଗ୍ରୁପର ଛାମୁଆ ଧାତୁ କମ୍ପାନୀ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସଆର) ପ୍ରୟାସ ସମୂହର ଅଂଶ ଭାବରେ ବିକଶିତ କରାଯିବ ।

ରାଜ୍ୟ ସରକାର ଏହି ପ୍ରକଳ୍ପ ନିମନ୍ତେ ଜମି ଯୋଗାଇ ଦେଇଛନ୍ତି, ଯାହା ଖଣିଜ ପଦାର୍ଥରେ ସମୃଦ୍ଧ ଏବଂ ପଛୁଆ ଅଞ୍ଚଳଗୁଡିକରେ ଦୀର୍ଘସ୍ଥାୟୀ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ଉପରେ ସରକାରଙ୍କ ଦୃଷ୍ଟିନିବଦ୍ଧକୁ ପ୍ରତିଫଳିତ କରୁଛି । ଏହି କାରଖାନା କାର୍ଯ୍ୟକ୍ଷମ ହେବାପରେ ଏହା ପ୍ରାୟ ୧୨୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ କର୍ମନିଯୁକ୍ତି ସୃଷ୍ଟି କରିବା ଆଶା କରାଯାଉଛି ଏବଂ ଏହା ବିଶେଷକରି ମହିଳା ଓ ଯୁବବର୍ଗଙ୍କ ସମେତ ସ୍ଥାନୀୟ ଜନସମୁଦାୟଙ୍କ ପାଇଁ ଇଲ୍ଲେଖନୀୟ ଫାଇଦା ଆଣିଦେବ।

କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ଦିଗରେ ହିଣ୍ଡାଲକୋର ନିରନ୍ତର ଅବଦାନକୁ ପ୍ରଶଂସା କରି କହିଥିଲେ ଯେ, ଏହି ପ୍ରକଳ୍ପ ଖଣିଜ ପଦାର୍ଥ ଥିବା ଜିଲ୍ଲାଗୁଡିକୁ ବିବିଧକୃତ ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ର ଭାବରେ ରୂପାନ୍ତରିତ କରିବାକୁ ସରକାରଙ୍କ ଦୂରଦୃଷ୍ଟି ସହିତ ମେଳ ଖାଉଛି ।ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସରେ ରାଜ୍ୟ ସହିତ ଅଂଶୀଦାର ନିମନ୍ତେ ମୁଁ ହିଣ୍ଡାଲକୋକୁ ଧନ୍ୟବାଦ ଜଣାଉଛି।ଏହି କାରଖାନାରୁ ପ୍ରତିବର୍ଷ ୨୪ ଲକ୍ଷ ପୋଷାକ ଉପାଦିତ ହେବ । ଲୁଇ ଫିଲିପ, ଭାନହ୍ୟୁସେନ, ଅଲେନସୋଲି ଏବଂ ପିଟର ଇଂଲଣ୍ଡ ଭଳି ବ୍ରାଣ୍ଡଗୁଡିକର ପୋଷାକ ଏଠାରେ ଉପାଦିତ ହେବ ଏବଂ ବିଶ୍ୱ ବଜାରକୁ ବିକ୍ରି ନିମନ୍ତେ ପଠାଯିବ ,ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଏବଂ ଏହି ପ୍ରକଳ୍ପ ଖଣି ଓ ଭାରି ଧାତୁ ଉପାଦନ ଉର୍ଦ୍ଧ୍ୱରେ ମୂଲ୍ୟଯୁକ୍ତ ଶିଳ୍ପଗୁଡିକୁ ପରିବ୍ୟାପ୍ତ କରିବା ନିମନ୍ତେ ଓଡ଼ିଶାର ପ୍ରଶସ୍ତ ଲକ୍ଷ୍ୟକୁ ସମର୍ଥନ କରୁଛି।

ଏହି ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରି ଅର୍ଦ୍ଧେନ୍ଦୁ ମହାପାତ୍ର, ପ୍ରେସିଡେଣ୍ଟ କର୍ପୋରେଟ ଆଫେୟାର୍ସ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଥିଲେ ଯେ, କମ୍ପାନୀ ତାହାର ବ୍ୟବସାୟ ପରିଚାଳନା ଅଞ୍ଚଳଗୁଡିକରେ ଗୋଷ୍ଠୀଗୁଡିକୁ ସଶକ୍ତ କରିବା ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିବା ବଜାୟ ରଖିଛି ‘‘ଏହି ପୋଷାକ ଉପାଦନକାରୀ କାରଖାନା ଆମର ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ସୁଯୋଗଗୁଡିକ ସୃଷ୍ଟି କରିବାକୁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଆମେ ଓଡ଼ିଶା ସରକାରଙ୍କ ସମର୍ଥନ ନିମନ୍ତେ କୃତଜ୍ଞତା ଜଣାଉଛୁ ଏବଂ ସ୍ଥାନୀୟ ଜନସମୁଦାୟଙ୍କ ସହିତ ନିବିଡ ଭାବରେ କାର୍ଯ୍ୟ କରିବାକୁ ଆଗ୍ରହ ରଖୁଛୁ।

କେନ୍ଦୁଝର କାରଖାନା ଓଡ଼ିଶାରେ ହିଣ୍ଡାଲକୋର ବର୍ଦ୍ଧନଶୀଳ ଜୀବିକା ଉପାର୍ଜନ ପ୍ରୟାସଗୁଡିକ ସହିତ ଆଉ ଏକ ଯୋଗ ହୋଇଛି । ଟିକିରିରେ ଆଉ ଏକ ପୋଷାକ ଉପାଦନ କାରଖାନା ନିର୍ମାଣାଧୀନ ରହିଛି ଏବଂ ସମ୍ବଲପୁରରେ ଅନୁରୂପ ଏକ କାରଖାନା ସ୍ଥାପନ ଯୋଜନା ରହିଛି । ସମ୍ମିଳିତ ଭାବରେ ଏହି ପ୍ରକଳ୍ପଗୁଡିକ ବିଶେଷଭାବରେ ପଛୁଆ ବର୍ଗଙ୍କ ସମେତ ଅନ୍ୟମାନଙ୍କ ଦକ୍ଷତା ବିକାଶକୁ ସୁଦୃଢ କରିବା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଡ. ପ୍ରଦୀପ କୁମାର ରାଉତ, ଓଏଏସ୍ (ଏସଏସ) ସିଇଓ – ଓକାକ୍ ଧନ୍ୟବାଦ ପ୍ରଦାନ କରିଥିଲେ। ଅଖିଳ ଚରଣ ନାୟକ, ବିଧାୟକ ପାଟଣା, ଡ. ଫକିର ମୋହନ ନାୟକ, ବିଧାୟକ ତେଲକୋଇ ଏବଂ ଶ୍ରୀମତୀ ଲିକୁ ସାହୁ, ଚେୟାରପର୍ସନ, କେନ୍ଦୁଝର ପୌରପାଳିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଉନ୍ନତି କରଣ ନାଁରେ କାଟିଦେଲେ ମୂଲ୍ୟବାନ ଗଛ



ଅସ୍ତରଙ୍ଗ ,୧୪।୨(ନି.ପ୍ର):–ସ୍ଥାନୀୟ ଅଂଚଳରେ ଉନ୍ନତି କରଣ ନାଁରେ ବଳି ପଡିଛି ୫୦ରୁ ଉର୍ଦ୍ଧ ମୂଲ୍ୟବାନ ଗଛ। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ଅସ୍ତରଙ୍ଗ ନିକଟବର୍ତ୍ତୀ ବାଲିଆପଟା ସ୍ଥିତ ବିରଞ୍ଚି ନାରାୟଣଙ୍କ ପୀଠନିକଟରେ ଦାମୀ ଆକାଶିଆ ଗଛ କଟା ହେବାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି। ଗଛ କାଟିବା ପୂର୍ବରୁ କାର୍ଯ୍ୟାଳୟ ଅଧିକାରୀ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ବନ ବିଭାଗ ଅଧିକାରୀଙ୍କ ଅନୁମତି ନେଇ ନଥିବା ଜଣାପଡିଛି।କିଛି ମୁଷ୍ଟିମେୟ ବ୍ୟକ୍ତି ପ୍ରଶାସନ କୁ ନଜଣାଇ ଆକାଶିଆ ଭଳି ମୂଲ୍ୟବାନ ଗଛକୁ କାଟି ସଫା କରିଦେଇଛନ୍ତି। ଏପରିକି ଗଛର ଗଣ୍ଡି ଗୁଡିକୁ କୁହୁଡି ଅଂଚଳରେ ଗଢି ଉଠିଥିବା ବେଆଇନ କରତ କଳ ମାଲିକଙ୍କ ସହିତ ସଲାସୁତୁରା ହୋଇ ବିକ୍ରି କରିବାକୁ ମସୁଧା ହୋଇଥିବା ଚର୍ଚ୍ଚା ହେଉଛି। ଯାହାକି ରାତି ରାତି କିଛି ମୂଲ୍ୟବାନ କାଠ ହେରଫେର ହୋଇଯାଇଥିବା ସନ୍ଦେହ କରା ଯାଉଛି ।ହେରଫେର କାଠଗଣ୍ଡି ଗୁଡିକ ଅସ୍ତରଙ୍ଗ କଲେଜ ଛକରୁ କୁହୁଡି ହାଇସ୍କୁଲ ମଧ୍ୟରେ ଥିବା ରାସ୍ତା ନିକଟରେ ପଡି ରହିଛବେଆଇନ କରତକଳ ବନ ବିଭାଗ ଆଖି ସାମ୍ନାରେ ଚାଲୁଥିବା ବେଳେ ସବୁ ଜାଣି ଅସ୍ତରଙ୍ଗ ବନ ବିଭାଗ ନିରବ ଦ୍ରଷ୍ଟା ପାଲଟି ଥିବାରୁ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଯୋଗ୍ୟ ଯେ ମୁଷ୍ଟିମେୟଙ୍କ ମଧ୍ୟରେ କଳହ ହେବାରୁ ମୂଲ୍ୟବାନ ଗଛକଟା ଘଟଣା ଶନିବାର ସର୍ବ ସମ୍ମୁଖକୁ ଆସିଥିଲା।

ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ଥାନା ପୁଲିସ କର୍ମଚାରୀ, ବନ ବିଭାଗ ଓ ରାଜସ୍ୱ ବିଭାଗ କର୍ମଚାରୀ ଅନୁଧ୍ୟାନ କରିଥିଲେ। ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି, ମୂଲ୍ୟବାନ କାଠ ଗୁଡିକ ଜବତ କରାଯାଇଛି। ଗଛ କଟା ଘଟଣାରେ କେଁଉ ମାନେ ସମ୍ପୃକ୍ତ ଚିହ୍ନଟ କରିବା ସହ ଅବଶିଷ୍ଟ କାଠ କେଁଉ ବେଆଇନି କରତ କଳରେ ରହିଛି ତାହା ଯାଞ୍ଚ କରି ସୂଚନା ଦେବାକୁ ପୋଲିସକୁ ନିର୍ଦ୍ଦେଶ ଦିଆ ଯାଇଛି। ଅନ୍ୟ ପକ୍ଷରେ ଗଛକଟା କୁ ନେଇ ବନ ବିଭାଗ କର୍ମଚାରୀ କହିଛନ୍ତି ଗଛକଟାକୁ ନେଇ ଖବର ନଥିଲା। ତେବେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ବନ ବିଭାଗ ଏକ ଟିମ୍ ଘଟଣା ସ୍ଥଳରେ ଅନୁଧ୍ୟାନ କରିଥିବା ଜଣାପଡିଛି।ଏ ନେଇ ପୁରୀ ବନଖଣ୍ଡ ଅଧିକାରୀ ମକର ଧନୁଜ ରାସୋ କହିଛନ୍ତି, ଗଛ କଟା ହୋଇଥିବା ଅଞ୍ଚଳ ବନ ବିଭାଗ ଅଧୀନରେ ଯାଉନାହିଁ, ଏହା ରାଜସ୍ୱ ବିଭାଗ ଅଧୀନରେ। ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ମୂଲ୍ୟବାନ ଗଛ କଟାର ଉପଯୁକ୍ତ ତଦନ୍ତ ହେବ ନାଁ ଫାଇଲି ତଳେ ଚାପିକ ହୋଇ ରହିଯିବ ।

# ଏସଏ କିଙ୍ଗ ପ୍ଲାଜା ହୋଟେଲ୍ ଓ ରେଷ୍ଟୁରାଣ୍ଟ ସିଲ୍ ଖୋଲିଲା ବଲାଙ୍ଗୀର ପୌରପରିଷଦ

ବଲାଙ୍ଗୀର, ୧୪।୨ (ନି.ପ୍ର) କିଛି ମାସ ପୂର୍ବରୁ ସହରର କିଛି ହୋଟେଲ୍ ଓ ରେଷ୍ଟୁରାଣ୍ଟ ଉପରେ ଏକ୍ସନ ନେଇଥିଲା ବଲାଙ୍ଗୀର ପୌରପରିଷଦ ସିଲ ମଧ୍ଧ କରିଥିଲା ସେ ମଧ୍ୟରୁ ଗୋଟେ ସୁଦପଡ଼ାରେ ଥିବା ଏସ ଏ କିଙ୍ଗ ପ୍ଲାଜା ହୋଟେଲର ସମସ୍ତ କାଗଜପତ୍ର ଯାଞ୍ଚ କଲାପରେ ହୋଟେଲର ରେସିଡେନଶାଲ୍ ଥିବା ବେଳେ ତାକୁ କମର୍ସିଆଲ ନ କରିଥିବାରୁ ସିଲ୍ ହୋଇଥିଲା ଏବେ ଏସ ଏ କିଙ୍ଗ ପ୍ଲାଜା କାଗଜପତ୍ର ଠିକ କରିବା ସହ ବାକି ଅର୍ଥ ପୈଠ କଲାପରେ ପୌର ପରିଷଦ ଯେଉ ସବୁ ନିୟମ ରହିଥିଲା, ପାର୍କିଂ, ଟାଉନ ପ୍ଲାନିଂ, ଜମି ସବୁ କାଗଜ ପତ୍ର ଠିକ୍ କରିବାରୁ ତାହା ଏବେ ଖୋଲି ବା ପାଇଁ ଅନୁମତି ଦେଇଛି ବଲାଙ୍ଗୀର ପୌରପରିଷଦ।

# ନିଖୋଜ ଗୋକୁଳଙ୍କ ଶବ ଜଙ୍ଗଲରୁ ଉଦ୍ଧାର

ନୟାଗଡ଼, ୧୪।୨ (ନି.ପ୍ର): ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଳିସାହି ଫାଣ୍ଡି ନିକଟ ଗୁଡୁପାଙ୍ଗି ଗ୍ରାମର ଶଙ୍କର ପ୍ରଧାନଙ୍କ ପୁତ୍ର ଗୋକୁଳ ପ୍ରଧାନ (ଡାକନାମ ପନ୍ଦାରି)(୬୧)ଙ୍କର ଶବକୁ ଉଦ୍ଧାର କରାଯାଇଛି। ସେ ୬ ଦିନ ଧରି ନିଖୋଜ ଥିଲେ।ସେ ଗତ ସୋମବାର ଦିନ ସାଇକେଲ ଓ କଟୁରି ଧରି ଜଙ୍ଗଲ ଜଗିବାକୁ ଗାଁ ପାଳିରେ ରୋହିସାହି ଗ୍ରାମ ନିକଟ ଦଧିନଉଡି ଜଙ୍ଗଲକୁ ଯାଇଥିଲେ। ଘରକୁ ଫେରିବାରେ ଡେରି ହେବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ହେଲେ ତାଙ୍କର କୈଣସି ସନ୍ଧାନ ପାଇନଥିଲେ।ଯାହାକି ପୋଲିସରେ ଖବର ଦେଇଥିଲେ।

ଶନିବାର ଜଙ୍ଗଲକୁ ଶୁଖିଲା ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ଲୋକ କାଠ ଖୋଜୁଥିବା ବେଳେ ଦରପୋଡ଼ା ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ଗୋକୁଳର ଶବକୁ ଦେଖିଥିଲେ।ଏକଥା ଜଣାପଡ଼ିବା ପରେ ଗୋକୁଳର ପରିବାର ଲୋକେ ଜଙ୍ଗଲକୁ ଯାଇ ଶବ ଚିହ୍ନଟ କରିଥିଲେ।ତେବେ ତାଙ୍କର ଦରପୋଡ଼ା ମୃତଦେହକୁ ଦେଖିଥିବା ବେଳେ ଜଙ୍ଗଲକୁ ନେଇ ଯାଇଥିବା କଟୁରି ଓ ସାଇକେଲ ପାଖରେ ନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ତାଙ୍କର ଅର୍ଦ୍ଧାଧିକ ଶରୀର ପୋଡ଼ି ଯାଇଥିଲା। ଜଙ୍ଗଲରେ କେମିତି ପୋଡ଼ିଲେ ବୋଲି ଗାଁ ସାରା କଥା ହେଉଥିଲା ବେଳେ ବନ୍ୟଜନ୍ତୁ ଶିକାର କରିବା ପାଇଁ କିଏ ବିଦ୍ୟୁତ ତାର ଟାଣିଥିବା ବେଳେ ସେହି କରେଣ୍ଟ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି।

### ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ

# ଗ୍ରାମ ଜଳ ଯୋଗାଣ ଉପରେ ଗୁରୁତ୍ୱ

ବାରିପଦା/ଖୁଣ୍ଟା,୧୪।୨(ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ



ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଉକ୍ତ ବୈଠକରେ ସମୀକ୍ଷା କରିଥିଲେ । ମୁଖ୍ୟତଃ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ରାସ୍ତା ଓ ବଙ୍ଗଳା, ଆଇଟିଡିଏ, ଗ୍ରାମ ନିର୍ମାଣ ବିଭାଜନ, ମନରେଗା ଓ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସେହିପରି ଜଙ୍ଗଲ ବିଭାଗ ସମନ୍ୱୟରେ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତିକୁ ମଧ୍ୟ ନିରୀକ୍ଷଣ କରି ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହା ସହ ପ୍ରତ୍ୟେକ ଗ୍ରାମରେ ଆବଶ୍ୟକ ମୁତାବକ ଜଳଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବକେୟା ରହିଯାଇଥିବା ଆରଡ଼ି ରାସ୍ତା ଏବଂ ନୂତନ ରାସ୍ତା ତିଆରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଆରସିସିଏଫ ପ୍ରକାଶ ଚନ୍ଦ୍ର ଗଗିନାନୀ, ଉପ ନିର୍ଦ୍ଦେଶକ (ଉତ୍ତର) ପ୍ରଶାନ୍ତ ପାଟିଲ୍, ଉପ ନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡ, ପିଏ ଆଇଟିଡିଏ କରଞ୍ଜିଆ ଚିତ୍ତରଞ୍ଜନ ମହାନ୍ତ, ପିଏ ଆଇଟିଡିଏ ନରେନ୍ଦ୍ର ଖମାରୀ, ପିଏ ଆଇଟିଡିଏ ରାଇରଙ୍ଗପୁର ଜଗରଞ୍ଜନ ନାୟକ, ପିଏ ଆଇଟିଡିଏ ବାରିପଦା ପ୍ରଣୟ ରଞ୍ଜନ ବେହେରା ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ଶିଶିର ମୁନ୍ଦୁୟା ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ

ବାରିପଦା/ଖୁଣ୍ଟା,୧୪।୨(ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଭାବେ ଶିଶିର କୁମାର ମୁନ୍ଦୁୟା ଦାୟିତ୍ୱ ନେଇଛନ୍ତି। ଏହାସହ ବାରିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ୨୦୨୪ ବ୍ୟାଚ ର ଓଡ଼ିଶା ସୂଚନା ସେବା (ଓଆଇଏସ୍) ଅଧିକାରୀ ଶ୍ରୀ ମୁନ୍ଦୁୟା କହିଛନ୍ତି ଯେ ସରକାରଙ୍କ ପ୍ରତିଟି ଯୋଜନାକୁ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିବେ। ସେହିପରି ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପ ସହିତ ଲୋକଙ୍କୁ ଯୋଡ଼ିବେ। ଅଭିନବ ଶୈଳୀରେ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ସୁଦୂରପ୍ରସାରୀ କରିବାକୁ ମନୋନିବେଶ କରିବେ ବୋଲି ସେ କହିଛନ୍ତି।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଉଜ୍ଜ୍ୱଳତା ସହ ଫ୍ଲାଗ୍‌ସିପ୍ ବାର୍ଷିକୀ ପାଳନ

ଭୁବନେଶ୍ୱର,୧୪।୨(ନି.ପ୍ର):ଖିମଜୀ ଜୁଏଲର୍ସ ପକ୍ଷରୁ ରାଜ୍ୟବ୍ୟାପୀ ଉଜ୍ଜ୍ୱଳତା ସହ ଫ୍ଲାଗସିପ୍ ବାର୍ଷିକୀ ପାଳନ କରିଛି। ସହିଦନଗରର ସଂଲଗ୍ନ ୬୨୧ ଜନପଥ ସ୍ଥିତ୍ ପ୍ରମୁଖ ଫ୍ଲାଗସିପ୍ ଷ୍ଟୋର୍ ବାର୍ଷିକୀ ଉପଲକ୍ଷେ ବଡ଼ ଉତ୍ସାହ ସହ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏହାର ସମ୍ମାନନୀୟ ଗ୍ରାହକମାନଙ୍କ ପାଇଁ ଏକ ଭବ୍ୟ, ସୀମିତ ସମୟ ଅଫର ଘୋଷଣା କରାଯାଇଛି, ଯାହା ଏହି ଅଂଚଳକୁ ଉଜ୍ଜ୍ୱଳିତ କରିବାକୁ ପ୍ରସ୍ତୁତ ହୋଇଯାଇଛି। ଚଳିତ ଫେବୃଆରୀ ୧୪ ତାରିଖ ରୁ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଅଫରରେ ଗ୍ରାହକମାନେ ସୁନା ଓ ହୀରା ଗହଣା ଉଭୟର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିହାତି ପାଇପାରିବେ। ଏହା କେବଳ ଏକ ବିକ୍ରୟ ନୁହେଁ ଏହା ୯୦ ବର୍ଷର ଐତିହ୍ୟର ଏକ ଚମକପ୍ରଦ ମାଷ୍ଟରପିସ୍ ହାସଲ କରିବାର ସୁବର୍ଣ୍ଣ ସୁଯୋଗ, ତାହା ପୁଣି ଅପୂର୍ବ ସଂଚୟ ସହିତ ପୂର୍ବାପେକ୍ଷା ଅଧିକ ଉଜ୍ଜ୍ୱଳତାର ସହ ଚମକନ୍ତୁ। କାରଣ ନିଜର ସମ୍ମାନନୀୟ ଗ୍ରାହକମାନଙ୍କ ପ୍ରତି କୃତଜ୍ଞତା ସ୍ୱରୂପ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଓଡ଼ିଶାରେ ଥିବା ସମସ୍ତ ସୋ'ରୁମ୍‌ରେ ବ୍ୟାପକ ରିହାତି ପ୍ରଦାନ କରାଯାଉଛି। 'ଆମକୁ ଓଡ଼ିଶାର ସବୁଠୁ ବିଶ୍ୱସନୀୟ ନାମରେ ଯେଉଁମାନେ ପରିଣତ କରିଛନ୍ତି ସେମାନଙ୍କୁ କିଛି ଫେରାଇ ଆମେ ଆମର ଫ୍ଲାଗସିପ ଷ୍ଟୋର୍‌ର ମାଇଲଖୁଂଟକୁ ପାଳନ କରି ଅତ୍ୟନ୍ତ ରୋମାଂଚିତ ମନେ କରୁଛୁ ବୋଲି ଖିମ୍‌ଜୀର ଟିମ୍ କହିଛି। ଏହି ଅଫର ୯୦ ବର୍ଷର କାରିଗରୀ ପ୍ରତି ଏକ ସମ୍ମାନ ଜଣାଉଛି । ଆମର ସବୁଠୁ ସୁନ୍ଦର, ଯତ୍ନର ସହ ନିର୍ମିତ ଡିଜାଇନଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସହଜରେ ଲୋକମାନଙ୍କ ପାଖରେ ପହଂଚୋଉଛି''। ଚମକୁଥିବା ହୀରା ନେକ୍‌ଲେସ୍‌ଠାରୁ ଆରମ୍ଭ କରି ସୂକ୍ଷ୍ମ ଭାବେ ଡିଜାଇନ କରାଯାଇଥିବା ବ୍ରାଇଡାଲ୍ ସେଟ୍ ପର୍ଯ୍ୟନ୍ତ ଆଗକୁ ବଢ଼ିଯାଇଥିବା ଏକ ପରମ୍ପରା ପାଇଁ ପରିଚିତ ଖିମ୍‌ଜୀ ଜୁଏଲର୍ସ ସୁବର୍ଣ୍ଣ ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି । ରାଜ୍ୟରେ ବର୍ତ୍ତମାନ ୧୧ଟି ସୋ'ରୁମ୍ ଓ ଆଗକୁ ଶୁଭାରମ୍ଭ ହେବାକୁ ଯାଉଥିବା ୪ଟି ସୋରୁମ୍ ସହିତ ଏହି ବ୍ରାଣ୍ଡ୍ ଏହାର ଉପସ୍ଥିତିକୁ ଦ୍ରୁତ ଗତିରେ ସମ୍ପ୍ରସାରଣ କରି ପ୍ରତିଟି ମୁହୂର୍ତ୍ତକୁ ଭବ୍ୟ ଓ ଅତୁଳନୀୟ ଗୁଣାତ୍ମକ ମାନରେ ପରିଣତ କରିବାକୁ ନିଶ୍ଚିତ କରୁଛି ।




# ଚୌଦ୍ୱାରରୁ ଚମ୍ପଟ: ବୃନ୍ଦାବନରୁ ଗିରଫ

କଟକ, ୧୪।୨ (ନି.ପ୍ର): ଚୌଦ୍ୱାର ସ୍ଥିତ ରାଜ୍ୟର ସର୍ବବୃହତ ମଣ୍ଡଳ କାରାଗାରରୁ ଫେରାର ୨ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମଧ୍ୟରୁ ଜଣକୁ କମିଶନରେଟ ପୋଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ଗିରଫ କରିଛି । ଫେରାର ଅଭିଯୁକ୍ତ ମଧୁକାନ୍ତ ରାଣାଙ୍କୁ କମିଶନରେଟ ପୋଲିସ ଉତ୍ତରପ୍ରଦେଶରୁ ଗିରଫ କରିଛି । ବୃନ୍ଦାବନର ମଥୁରାରୁ ଅଭିଯୁକ୍ତ ମଧୁକାନ୍ତକୁ ଗିରଫ କରିବାରେ କମିଶନରେଟ ପୋଲିସ ସଫଳ ହୋଇଛି । ସେଠାରେ ଏକ ଗେଷ୍ଟ ହାଉସରେ ନାଁ ବଦଳାଇ ମଧୁକାନ୍ତ କାମ କରୁଥିଲା । ଶନିବାର ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ ଦେବଦତ୍ତ ସିଂହ ଏହି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟଜଣେ ଅଭିଯୁକ୍ତକୁ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି ।

ପୋଲିସ ସୂଚନା ମୁତାବକ, ଗତ ଅକ୍ଟୋବର ୩ ତାରିଖ ମଧ୍ୟରାତ୍ରିରେ ଚୌଦ୍ୱାର ସରକଲ ଜେଲରୁ ୨ କଏଦୀ ଅଭିଯୁକ୍ତ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଫେରାର ହୋଇଯାଇଥିଲେ । ଲୁହା ରଡ଼, କମ୍ବଳ ଓ ରସି ବ୍ୟବହାର କରି ଉଭୟ ଅନ୍ଧକାରର ସୁଯୋଗ ନେଇ ପାଚେରୀ କାନ୍ଥ ଡେଇଁ କେଉଁଆଡ଼େ ପଳାଇ ଯାଇଥିଲେ । ଏ ସଂପର୍କରେ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ମଧୁକାନ୍ତ ଓ ତା ସହଯୋଗୀକୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାପରେ କମିଶନରେଟ ପୋଲିସର ଏକ ୨୬ ଜଣିଆ ସ୍ୱତନ୍ତ୍ର ଅଣ୍ଡର କଭର ଟିମ ଗଠନ କରାଯାଇ ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ଖୋଜାଖୋଜି କରାଯାଇଥିଲା । ମଧୁକାନ୍ତ ଓ ରାଜା ଆନ୍ତଃରାଜ୍ୟ ଡକାୟତି ଟିମର ସଦସ୍ୟ ଥିଲେ ବୋଲି ପୋଲିସ କମିଶନର ସୂଚନା ଦେଇଛି । ଚୌଦ୍ୱାର ଜେଲରୁ ଫେରାର ହେବା ପରେ ଉଭୟ ଅଭିଯୁକ୍ତ ଟ୍ରେନ ଯୋଗେ ପୁରୀ ଅଭିମୁଖେ ପଳାଇଥିଲେ । ଏହା ଗୋଟିଏ ଦିନ ପରେ ସେମାନେ ପୁଣି ଟ୍ରେନ ଯୋଗେ ବିହାର ପଳାଇ ଯାଇଥିଲେ ବୋଲି ସିପି ଶ୍ରୀ ସିଂହ ସୂଚନା ଦେଇଛନ୍ତି । ଏହା ପରେ ୨ ଅଭିଯୁକ୍ତ ଅଲଗା ଅଲଗା ହୋଇଯାଇଥିଲେ । ପୋଲିସ ବିଭିନ୍ନ ଉତ୍ସ ଓ ଅଭିଯୁକ୍ତଙ୍କ ପରିବାରବର୍ଗଙ୍କ ଠାରୁ ପଚରା ଉଚରା କରି ସେମାନଙ୍କୁ ଧରିବା ପାଇଁ ଭାରତର ବିଭିନ୍ନ ରାଜ୍ୟରେ ଛାନଭିନ ଜାରି ରଖିଥିଲେ । କମିଶନରେଟ ପୋଲିସର ସ୍ୱତନ୍ତ୍ର ଗୁପ୍ତ ଟିମ ସେମାନଙ୍କୁ ପାଟନା, ନୋଏଡ଼ା ଓ ନାଗାଲାଣ୍ଡରେ ଖୋଜାଖୋଜି କରିଥିଲେ । ଫେରାର ଅଭିଯୁକ୍ତ ମଧୁକାନ୍ତ ବୃନ୍ଦାବନରେ ଏକ ଗେଷ୍ଟ ହାଉସରେ କାମ କରୁଥିଲା । ମଧୁକାନ୍ତ ନିଜ ନାଁ ଓ ବେଶ ବଦଳାଇ ବାସୁ ପାଣ୍ଡେ ନାଁରେ ସେଠାରେ କାମ କରୁଥିଲା ବୋଲି ପୋଲିସ ସୂଚନା ଦେଇଛି । କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ ଅଭିଯୁକ୍ତ ମଧୁକାନ୍ତ କୁମାର ରାଣା ଓରଫ ମଧୁକାନ୍ତ ସିଂହଙ୍କୁ ୧୩ ଫେବୃଆରୀ ୨୦୨୬ରେ ଉତ୍ତରପ୍ରଦେଶ ବୃନ୍ଦାବନର ଏକ ଅତିଥି ଗୃହରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତ ମଧୁକାନ୍ତ (୨୪) ର ଘର ବିହାର ରାଜ୍ୟ ସରଣ ଜିଲ୍ଲାରେ ବୋଲିସ ଜଣାପଡ଼ିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟ ଅଭିଯୁକ୍ତ ରାଜ ସାହାଣୀଙ୍କୁ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଘଟଣାର ତଦନ୍ତ ଜାରି ରହିଛି ।

ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀ ୪ ତାରିଖରେ ଯାଜପୁର ଜିଲ୍ଲା ପାଣିକୋଇଲିଠାରେ ଥିବା ପଣ୍ଡା ଅଳଙ୍କାର ଦୋକାନରେ ଲୁଟପାଟ ପାଇଁ ଅଭିଯୁକ୍ତମାନେ ୨ ଜଣକୁ ହତ୍ୟା କରିଥିଲେ । ସେତେବେଳେ ସାଧାରଣ ଲୋକେ ଅଭିଯୁକ୍ତ ମଧୁକାନ୍ତ ରାଣା ଓ ରାଜା ସାହାଣୀଙ୍କୁ ଘଟଣା ସ୍ଥଳରୁ ଧରି ପୋଲିସର ଜିମା ଦେଇଥିଲେ । ପୋଲିସ ଉଭୟ ୨ ବିହାରୀ ଅଭିଯୁକ୍ତଙ୍କୁ ଗିରଫ କରି ଯାଜପୁର ରଗଡ଼ି ଜେଲକୁ ପଠାଇ ଦେଇଥିଲେ । ଜେଲରେ ଥିବାବେଳେ ଅଧିକ ସୁରକ୍ଷା ଦୃଷ୍ଟିରୁ ଆଠ ମାସ ତଳେ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲର ୨ଟି ସ୍ୱତନ୍ତ୍ର ସେଲରେ ରଖା ଯାଇଥିଲା ।

# ସେବା କରିବାରେ ପ୍ରକୃତ ମହାନତା ନିହିତ: ରାଜ୍ୟପାଳ

ଭୁବନେଶ୍ୱର, ୧୪।୨(ଏଜେନ୍ସି): ଅନ୍ୟମାନଙ୍କ ସେବା କରିବାରେ ପ୍ରକୃତ ମହାନତା ନିହିତ ଥାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶନିବାର ଭୁବନେଶ୍ୱରରେ ଆୟୋଜିତ ପ୍ରାଇଡ ଅଫ ଓଡ଼ିଶା ସମ୍ମାନ ଉତ୍ସବ – ସିଜିନ୍ ୨.୦ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ରାଜ୍ୟପାଳ ସମ୍ମାନ ପ୍ରଦାନ କରିଥିଲେ।



ରାଜ୍ୟପାଳ କହିଥିଲେ ଯେ, ଏହା ସାହସ, କରୁଣା ଏବଂ ପ୍ରତିବଦ୍ଧତା ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱୀକୃତି ଦିଏ। ଏହି କାର୍ଯ୍ୟକ୍ରମ କେବଳ ଏକ ସମ୍ମାନ ପ୍ରଦାନ ସମାରୋହ ନୁହେଁ, ବରଂ ନିରବ ପରିବର୍ତ୍ତନକାରୀଙ୍କ ପ୍ରତି ସମ୍ମାନ, ଯାହାଙ୍କ ପ୍ରୟାସ ଓଡ଼ିଶାର ଆତ୍ମାକୁ ଦୃଢ଼ କରିଛି। ରାଜ୍ୟପାଳ କହିଥିଲେ, ଆଜିର ଦ୍ରୁତ ଗତିଶୀଳ, ପ୍ରଯୁକ୍ତିବିଦ୍ୟା ଚାଳିତ ବିଶ୍ୱରେ ଲୋକମାନେ ପ୍ରାୟତଃ ସଫଳତା ଏବଂ ପ୍ରତିଷ୍ଠା ପଛରେ ପଡ଼ି ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱକୁ ଅଣଦେଖା କରନ୍ତି। ସମାଜରେ ସମ୍ବେଦନଶୀଳତା ହ୍ରାସ ପାଇବା ଉପରେ ଚିନ୍ତା ପ୍ରକାଶ କରି ରାଜ୍ୟପାଳ କହିଛନ୍ତି, ଦୁର୍ଘଟଣା ବେଳେ କିଛି ବ୍ୟକ୍ତି ସାହାଯ୍ୟ କରିବା ପରିବର୍ତ୍ତେ ଘଟଣା ରେକର୍ଡ କରିବାକୁ ପସନ୍ଦ କରନ୍ତି। ଜଳବାୟୁ ପରିବର୍ତ୍ତନ, ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ ଏବଂ ସାମାଜିକ ଅସମାନତା ଭଳି ଚ୍ୟାଲେଞ୍ଜଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରି କହିଛନ୍ତି, ଏ ସବୁର ନିରାକରଣ ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ନାଗରିକମାନଙ୍କୁ ମଧ୍ୟ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ପଡିବ। ସମ୍ମାନପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଛନ୍ତି ଯେ ସେମାନଙ୍କର ନିଃସ୍ୱାର୍ଥପର ସେବା ରାଜ୍ୟବ୍ୟାପୀ ଅଗଣିତ ଜୀବନ ପାଇଁ ଆଶା, ମର୍ଯ୍ୟାଦା ଏବଂ ସୁଯୋଗ ଆଣିଛି। ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ, ଶିକ୍ଷା, ସାମାଜିକ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଅବହେଳିତଙ୍କ ଯତ୍ନ ଭଳି ବିବିଧ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଥିବା ସମ୍ମାନିତ ବ୍ୟକ୍ତିମାନେ କରୁଣା ଏବଂ ପ୍ରତିବଦ୍ଧତା ମନୋଭାବର ଉଦାହରଣ ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୧୪।୨(ନି.ପ୍ର) :ଉପ–ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିମାପଡ଼ା ଏନଏସି ଅନ୍ତର୍ଗତ ତଳଅଣ୍ଡିଆଠାରେ ପର୍ଯ୍ୟଟନ ବିଭାଗ ତରଫରୁ ୮ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମିତ ହେବାକୁ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ପ୍ରକଳ୍ପ ଦ୍ୱାରା ନିମାପଡ଼ା ଦେଇ କୋଣାର୍କ ଯିବାଆସିବା କରୁଥିବା ପର୍ଯ୍ୟଟକମାନେ ବିଶ୍ରାମ ବେଶ ସହାୟକ ହେବ । ଏଠାରେ ଇ–ଭେଇକିଲ ଚାର୍ଜିଂ ସୁବିଧା, ମାର୍ଟ ଏବଂ ଛୋଟ ଛୋଟ ଦୋକାନ ସହ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ସୁବିଧା ରହିବ । ଭବିଷ୍ୟତରେ ଏହି ସୁବିଧା କେନ୍ଦ୍ର ନିକଟରେ ଏକ ଗେଟ୍ ମଧ୍ୟ ନିର୍ମାଣ କରାଯିବ । ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ,



ଏନ ଏସି ଇଓ ଚିନ୍ମୟ କୁମାର ଦାସ, ବିଡ଼ିଓ ଡ ଅଭିଜିତ ଷଡ଼ଙ୍ଗୀ,ତହସିଲଦାର ଡ. ମନୋଜ କୁମାର ପ୍ରଧାନ,ଏନ ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି,ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, କାଉନସିଲାର ଧନୁର୍ଦ୍ଧର ଦାସ,ଯୁବ ସଭାପତି ସାଇ ପ୍ରିତମ ପଟ୍ଟନାୟକ,ସନ୍ତୋଷ ପରିଡ଼ା ପ୍ରମୁଖ ଉପସ୍ଥିତଥିଲେ । ସେହିପରି ରଙ୍ଗମଠ ମାଇନର କେନାଲ ଡାହାଣ ପାର୍ଶ୍ୱ ରାସ୍ତାର ଉନ୍ନତି ପାଇଁ ୧୨.୭୨ ଲକ୍ଷ ଟଙ୍କା, ସାତପୁରି ସବ୍ ମାଇନର କେନାଲର ପୁନରୁଦ୍ଧାର ଏବଂ ଉନ୍ନତିକରଣ ପାଇଁ ୮.୫୪ ଲକ୍ଷ ଟଙ୍କା ଏବଂ ରଙ୍ଗମଠଠାରେ କୁଶଭଦ୍ରା ବାମ ପାର୍ଶ୍ୱ ବନ୍ଧ ରାସ୍ତା ଉନ୍ନତିକରଣ ପାଇଁ ୧୦ ଲକ୍ଷ ଟଙ୍କା।ବ୍ୟୟରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପଗୁଡ଼ିକ କେନାଲ ବନ୍ଧକୁ ସୁଦୃଢ଼ କରିବା ସହ ଗମନାଗମନ ବ୍ୟବସ୍ଥାରେ ସୁଧାର ଆଣିପାରିବ ବୋଲି ସେ କହିଛନ୍ତି ।ଏହା ସହିତ ୧ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ଚଉଁରପଦା ମାଇନର କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧ ଏବଂ କୋଳି ପୋଖରୀ ଶାଖା କେନାଲର ବାମ ପାର୍ଶ୍ୱ ବନ୍ଧ ରାସ୍ତାର ଉନ୍ନତିକରଣ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଚଉଁରପଦା ଗ୍ରାମପଞ୍ଚାୟତର ହଂସପଡ଼ା ଉପ–ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ୪୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଉପ–ସ୍ୱାସ୍ଥ୍ୟ କେନ୍ଦ୍ର ହଂସପଡ଼ା ସହ ନିକଟବର୍ତ୍ତୀ ଅଞ୍ଚଳବାସୀଙ୍କୁ ସୁବିଧାଜନକ ଓ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିରେ ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ଚେତନ ପୋଥାଳ, ସହକାରୀ ଯନ୍ତ୍ରୀ ସୁଧାଂଶୁ ଷଡ଼ଙ୍ଗୀ, ଏଇ ଚନ୍ଦ୍ରମଣି ପ୍ରଧାନ, ସତ୍ୟ ଭୂଷଣ ସ୍ୱାଇଁ, ଓଟିଡି ସି ଏସି ସୁନିଲ ବେହେରା, ଏସଡିଓ ପ୍ରଶାନ୍ତ ଜେନା,ଇଂ ରାକେଶ କୁମାର ଧରଙ୍କ ସମେତ ଅନେକ ଜନ ପ୍ରତିନିଧି ଉପସ୍ଥିତଥିଲେ ।

**ଅନୁଚିହ୍ନ**

ଶାନ୍ତି, ପ୍ରେମ, ଦୟା, କ୍ଷମା ଓ କରୁଣାର ଆଧାରରେ ହୃଦୟ ଜିତିବା ଅତି ସହଜ ।

## ସମ୍ପାଦକୀୟ

# ପଶୁଧନ ଓ ସମୃଦ୍ଧି

**ଭା**ରତରେ ଗ୍ରାମଗୁଡ଼ିକର ସମୃଦ୍ଧିର ଚିତ୍ର ଏବେ କେବଳ ଖେତରେ ସୀମିତ ନୁହେଁ । ଗ୍ରାମୀଣଙ୍କ ଆୟ, ରୋଜଗାର ଓ ଆର୍ଥିକ ସ୍ଥିରତାର ମଜଭୁତ ଆଧାର ହୋଇଯାଇଛି ପଶୁଧନ । କୃଷକଙ୍କ ପାଇଁ ମଧ୍ୟ ଖେତର ଫସଲ ସହ ପଶୁପାଳନ, ଦୁଗ୍ଧ ଉତ୍ପାଦନ, କୁକୁଡ଼ା ପାଳନ ଆଦି ମଧ୍ୟ ଭରସାଯୋଗ୍ୟ ଆୟର ମାଧ୍ୟମ ହୋଇଯାଇଛି । କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏଥର କେନ୍ଦ୍ରୀୟ ବଜେଟରେ ପଶୁଧନକୁ ଗ୍ରାମୀଣ ବିକାଶର ଇଞ୍ଜିନ ଭାବେ ଆଗକୁ ବଢ଼ାଇବାକୁ ସଙ୍କେତ ଦେଇଛନ୍ତି । ପଶୁ ଚିକିତ୍ସକଙ୍କ ଆବଶ୍ୟକତାକୁ ଦୃଷ୍ଟି ରଖି ଦେଶରେ ୨୦ ହଜାରରୁ ଅଧିକ ପଶୁ ଚିକିତ୍ସକଙ୍କ ଉପଲବ୍ଧତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ଫଳରେ ପଶୁ ଚିକିତ୍ସକ ଗ୍ରାମାଞ୍ଚଳକୁ ଗସ୍ତ କରିପାରିବେ ଏବଂ ଗ୍ରାମାଞ୍ଚଳରେ ପଶୁ ଚିକିତ୍ସା ସୁବିଧାଜନକ ହୋଇପାରିବ। ପଶୁ ମୃତ୍ୟୁ ହାର ମଧ୍ୟ ହ୍ରାସ ପାଇବ। ସହାୟତା ପାଇଁ ୧.୫ ଲକ୍ଷ ସେବା ପ୍ରଦାନକାରୀଙ୍କୁ ପ୍ରଶିକ୍ଷଣ ଦେବା ଯୋଜନା ରହିଛି ।

**ଖେତ ତୁଳନାରେ ପଶୁପାଳନ ଅଧିକ ଦ୍ରୁତ ଗତିରେ ଗ୍ରାମୀଣଙ୍କ ଆୟ ବୃଦ୍ଧି କରୁଛି । ପଶୁଧନକୁ ଗ୍ରାମୀଣ ବିକାଶର ଇଞ୍ଜିନ ଭାବେ ଆଗକୁ ବଢ଼ାଇବାକୁ ସଙ୍କେତ ଦେଇଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ । ୨୦ ହଜାରରୁ ଅଧିକ ପଶୁ ଚିକିତ୍ସକଙ୍କ ଉପଲବ୍ଧତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି ।**



ଦେଶରେ ଖେତରୁ ହେଉଥିବା ମୋଟ୍ ଆୟର ପ୍ରାୟ ୧୬ ପ୍ରତିଶତ ଆୟ ପଶୁପାଳନରୁ ଆସୁଛି । ୨୦୧୪-୧୫ରୁ ଲଗାତାର ୧୨.୭୭ ପ୍ରତିଶତ ବାର୍ଷିକ ହାରରେ ଏହା ବୃଦ୍ଧି ପାଉଛି। ଏବେ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରର ବର୍ଦ୍ଧିତ ମୂଲ୍ୟରେ ପଶୁଧନର ଯୋଗଦାନ ୩୦.୮୭ ପ୍ରତିଶତରୁ ଅଧିକ, ଗୋଟିଏ ଦଶକ ପୂର୍ବେ ଏହା ୨୪.୩୮ ପ୍ରତିଶତ ରହିଥିଲା । ଏହାର ଅର୍ଥ ଖେତ ତୁଳନାରେ ପଶୁପାଳନ ଅଧିକ ଦ୍ରୁତ ଗତିରେ ଗ୍ରାମୀଣଙ୍କ ଆୟ ବୃଦ୍ଧି କରୁଛି । ପଶୁ ଚିକିତ୍ସା କଲେଜ, ପ୍ରାଣୀଧନ ଚିକିତ୍ସାଳୟ, ଡାଏଗ୍ନୋଷ୍ଟିକ ଲ୍ୟାବ ଏବଂ ପ୍ରଜନନ ସୁବିଧା ସ୍ଥାପିତ କରିବା ପାଇଁ ରହିଛି ଋଣ ଆଧାରିତ ସବ୍‌ସିଡ଼ିର ପ୍ରାବଧାନ । ଦେଶରେ ପଶୁ ଚିକିତ୍ସା କଲେଜର ସଂଖ୍ୟା ୮୪ ଥିବାବେଳେ ଏହି ସଂଖ୍ୟା ବୃଦ୍ଧି ପାଇବାର ଆବଶ୍ୟକତା ରହିଛି । ପଶୁପାଳକ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକୁ କ୍ରେଡ଼ିଟ-ଲିଙ୍କ୍‌ଡ଼ ସବ୍‌ସିଡ଼ି ସହ ଯୋଡ଼ା ଯାଉଛି, ଫଳରେ ଏହି ସଙ୍ଗଠନଗୁଡ଼ିକ ଟେକ୍‌ନିକ ଆପଣାଇ ମୂଲ୍ୟବୃଦ୍ଧି ଓ ମାର୍କେଟିଂ ପାଇଁ ଆଗକୁ ବଢ଼ିପାରିବେ ।

# ପାକିସ୍ତାନର ବିଳାପ

**ଅ**ପରେଶନ ସିନ୍ଦୂରର ଆଘାତ ଏବେ ବି ଭୁଲି ନାହିଁ ପାକିସ୍ତାନ । ଏହାକୁ ନେଇ ମଝିରେ ମଝିରେ ବିଳାପ କରୁଛି । ବିଶ୍ୱର ଗରିବ ଦେଶଗୁଡ଼ିକର ଶିଶୁଙ୍କୁ ଟିକା ଉପଲବ୍ଧ କରାଇବା ପାଇଁ ବିଶ୍ୱ ସ୍ତରରେ ଗ୍ଲୋବାଲ ଆଲାଏନ୍ସ ଫର୍ ଭ୍ୟାକ୍‌ସିନ୍ସ ଆଣ୍ଡ୍ ଇମ୍ୟୁନାଇଜେସନ (ଜିଏଭିଆଇ) କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ଭାରତରୁ ପାକିସ୍ତାନକୁ ଶସ୍ତାରେ ମିଳୁଥିଲା । ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ବି ଜାରି ରହିଥିଲା ଏହି ସପ୍ଲାଇ । ନିକଟରେ ପାକିସ୍ତାନର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁସ୍ତଫା କମାଲ କହିଛନ୍ତି, ଅପରେଶନ ସିନ୍ଦୂର ପରେ ଭାରତରୁ ପାକିସ୍ତାନକୁ ମିଳୁଥିବା ଶସ୍ତା ଟିକା ଉପରେ ରୋକ୍ ଲାଗିଥିବାରୁ ପାକିସ୍ତାନର ଆର୍ଥିକ ସ୍ଥିତି ବିଗିଡ଼ିବାରେ ଲାଗିଛି । ପାକିସ୍ତାନ ସରକାର ତା'ର ନାଗରିକଙ୍କୁ ୧୩ ପ୍ରକାର ଟିକା ନିଶୁଳ୍କ ଲଗାଇଥାଏ, କିନ୍ତୁ ଏହି ଟିକା ମଧ୍ୟରୁ ଗୋଟିଏ ବି ପାକିସ୍ତାନରେ ତିଆରି ହେଉନାହିଁ । ପାକ୍ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ପାକିସ୍ତାନ ୪୦ କୋଟି ଡଲାର ମୂଲ୍ୟର ଟିକା ବର୍ଷକୁ ଆମଦାନୀ କରୁଛି । ଏଥିରୁ ପ୍ରାୟ ୪୯ ପ୍ରତିଶତ ବହନ କରୁଛି ଗ୍ଲୋବାଲ ଆଲାଏନ୍ସ ଫର୍ ଭ୍ୟାକ୍‌ସିନ୍ସ ଆଣ୍ଡ୍ ଇମ୍ୟୁନାଇଜେସନ (ଜିଏଭିଆଇ) । ପାକିସ୍ତାନକୁ ଦେବାକୁ ପଡୁଛି ୫୧ ପ୍ରତିଶତ । ଯଦି ପାକିସ୍ତାନ ନିଜ ଦେଶରେ ଟିକା ଉତ୍ପାଦନ ନକରି ତେବେ ୨୦୩୧ ସୁଦ୍ଧା ବର୍ଷକୁ ଟିକା ଆମଦାନୀ ବିଲ୍ ୧.୨ ବିଲିୟନ ଡଲାରରେ ପହଞ୍ଚିଯିବ । ୨୦୩୧ ପରେ ମଧ୍ୟ ଟିକା ପାଇଁ ଅନ୍ତଃରାଷ୍ଟ୍ରୀୟ ସମର୍ଥନ ମିଳିବ ନାହିଁ । ପାକିସ୍ତାନରେ ବର୍ଷକୁ ଜନ୍ମ ହେଉଛନ୍ତି ୬୨ ଲକ୍ଷ ଶିଶୁ, ସେମାନଙ୍କ ପାଇଁ ଟିକା ଦରକାର ।



## ସାମ୍ପ୍ରତିକୀ

# ଗ୍ରୀନଲ୍ୟାଣ୍ଡରେ କ'ଣ ଅଛି

**ଗ୍ରୀ**ନଲ୍ୟାଣ୍ଡରେ ରହିଛି ପ୍ରାକୃତିକ ସମ୍ପଦର ଭଣ୍ଡାର । ଜିଓଲଜିକାଲ ସର୍ଭେ ଅଫ୍ ଡେନମାର୍କ ଏବଂ ଗ୍ରୀନଲ୍ୟାଣ୍ଡ ଅନୁଯାୟୀ **୩୬.୧** ବିଲିୟନ ଟନ୍‌ର ରେୟାର ଆର୍ଥ ଖଣିଜର ଆନୁମାନିକ ଭଣ୍ଡାର ରହିଛି । **୬୦** ଲକ୍ଷ ଟନ୍ ଗ୍ରାଫାଇଟ୍ ଗ୍ରୀନଲ୍ୟାଣ୍ଡରେ ମହଜୁଦ ଥିବା ଅନୁମାନ କରାଯାଉଛି, ବୈଶ୍ୱିକ ସ୍ତରରେ ମୋଟ୍ ଗ୍ରାଫାଇଟ୍‌ର ଏହା ୦.୭୫ ପ୍ରତିଶତ । ଗ୍ରୀନଲ୍ୟାଣ୍ଡରେ ମଧ୍ୟ ରହିଛି **୨.୩୫** ଲକ୍ଷ ଟନ୍ ଲିଥିୟମ ଭଣ୍ଡାର । ଆଜିର ବିଶ୍ୱରେ ବ୍ୟାଟେରୀ ପାଇଁ ଲିଥିୟମର ଚାହିଦା ଦ୍ରୁତ ଗତିରେ ବଢ଼ିଚାଲିଛି । ଗ୍ରୀନଲ୍ୟାଣ୍ଡରେ ବି **୨୮** ବିଲିୟନ ବ୍ୟାରେଜ ଅଶୋଧିତ ତୈଳ ରହିଥିବା ଅନୁମାନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏହାର ଖନନ କାର୍ଯ୍ୟ ହୋଇନାହିଁ। ଗ୍ରୀନଲ୍ୟାଣ୍ଡକୁ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରୁଛି ଆମେରିକା । ୨୦୧୯ରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ତାଙ୍କର ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ଗ୍ରୀନ ଲ୍ୟାଣ୍ଡକୁ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଡେନମାର୍କ ନିୟନ୍ତ୍ରଣରେ ଗ୍ରୀନଲ୍ୟାଣ୍ଡ ରହିଛି । ସେତେବେଳେ ଡେନମାର୍କର ରାଜନେତାମାନେ ଆମେରିକାର ପ୍ରସ୍ତାବକୁ ପ୍ରତ୍ୟାଖାନ କରିଦେଇଥିଲେ, କହିଥିଲେ ଗ୍ରୀନଲ୍ୟାଣ୍ଡ ବିକ୍ରି ପାଇଁ ଉପଲବ୍ଧ ନୁହେଁ । ଡେନମାର୍କର ରାଜନେତାମାନଙ୍କର ଏହି ଉତ୍ତର ଟ୍ରମ୍ପ ଏଯାଏ ଭୁଲି ନାହାନ୍ତି ।



# ସି-ବକ୍ସ ପୋର୍ଟାଲ : କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପାଇଁ ଏକ ଡିଜିଟାଲ କବଚ



**ସାବିତ୍ରୀ ଠାକୁର**

ଭାରତ ସରକାରଙ୍କ ମହିଳା ଓ ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ

**ଭା**ରତ ଯେତେବେଳେ ୨୦୪୭ ମସିହା ସୁଦ୍ଧା ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ଦିଗରେ ଆଗକୁ ଅଗ୍ରସର ହେଉଛି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ମହିଳାମାନଙ୍କ ନେତୃତ୍ୱରେ ବିକାଶକୁ ଜାତୀୟ ପ୍ରଗତିରେ କେନ୍ଦ୍ରିତ କରିଛନ୍ତି। ଅନ୍ତର୍ଭୁକ୍ତି ଅର୍ଥନୈତିକ ବିକାଶରେ ମହିଳାମାନଙ୍କ ନିର୍ଣ୍ଣାୟକ ଭୂମିକାକୁ ସ୍ୱୀକାର ପୂର୍ବକ, ସରକାର ଏକ ସୁରକ୍ଷିତ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ସମ୍ବେଦନଶୀଳ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରୁଛନ୍ତି ଯାହା ମହିଳାମାନଙ୍କୁ ସେମାନଙ୍କ ବୃତ୍ତିଗତ କ୍ଷେତ୍ରରେ ଆତ୍ମବିଶ୍ୱାସର ସହିତ ଆଗକୁ ବିବାକୁ ସକ୍ଷମ କରିଥାଏ । ଏହି ଦିଗରେ, କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ଏକ ମହତ୍ତ୍ୱପୂର୍ଣ୍ଣ ଭିତ୍ତିଭୂମି ଭାବରେ କାର୍ଯ୍ୟ କରେ । ଏହା ଅଭିଯୋଗର ସମାଧାନ କରିବା ସହିତ ଦେଶବ୍ୟାପୀ କର୍ମଜୀବୀ ମହିଳାମାନଙ୍କ ଅଧିକାରକୁ ବଜାୟ ରଖିବା ନିମନ୍ତେ ଏକ ମଜଭୁତ ଆଇନଗତ ଢାଞ୍ଚା ପ୍ରଦାନ କରେ।

ବିଗତ ଏକ ଦଶନ୍ଧି ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ହୋଇ ରହିନାହିଁ, ଅପରନ୍ତୁ ନୀତି ପ୍ରଣୟନ, ସାଂଗଠନିକ ସଂସ୍କାର ଏବଂ ପ୍ରଭାବଶାଳୀ କାର୍ଯ୍ୟକ୍ରମ ରୂପାୟନରେ ପରିଣତ ହୋଇଛି । 'ନାରୀ ଶକ୍ତି'କୁ ଜାତୀୟ ସ୍ତରରେ ପ୍ରଗତିର ମୂଳଦୁଆ ଭାବରେ ଗ୍ରହଣ କରାଯାଇ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ସୁରକ୍ଷା ଭଳି କ୍ଷେତ୍ରରେ ବ୍ୟାପକ ସାରଞ୍ଜନିକ ସଂସ୍କାର କରାଯାଇଛି । ଏଭଳି ଭବିଷ୍ୟତ ଦୃଷ୍ଟିକୋଣର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟବହାରିକ ଉଦାହରଣ ଭାବରେ ସି-ବକ୍ସ ପୋର୍ଟାଲ, ଯାହା ୨୦୧୭ ମସିହାରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହା ମହିଳାମାନଙ୍କ ସମ୍ମାନ ରକ୍ଷା, ସୁରକ୍ଷା ପ୍ରଦାନ ଏବଂ କର୍ମକ୍ଷେତ୍ରରେ ସେମାନଙ୍କୁ ନ୍ୟାୟସମ୍ମତ ଭାବରେ ସହଜ ପ୍ରବେଶକୁ ସୁନିଶ୍ଚିତ କରିବା ନିମନ୍ତେ ରୂପାନ୍ତିତ କରାଯାଇଥିବା ଏକ ଶକ୍ତିଶାଳୀ ଡିଜିଟାଲ ପ୍ଲାଟଫର୍ମ ଭାବରେ ଉଭା ହୋଇଛି । ଏହା ପ୍ରତ୍ୟେକ ସ୍ତରରେ କାର୍ଯ୍ୟାଳୟମାନଙ୍କରେ ଏଭଳି ଦାୟିତ୍ୱକୁ ମଜଭୁତ କରିଛି ।

ବର୍ତ୍ତମାନ ଭାରତରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ନିରବଚ୍ଛିନ୍ନ ଭାବରେ ବୃଦ୍ଧି ପାଇବାରେ ଲାଗିଛି, ଯାହା ପରିବର୍ତ୍ତିତ ସାମାଜିକ ମାନସିକତାକୁ ପ୍ରତିଫଳିତ କରେ । ଏଥିସହିତ ଏହା ସେମାନଙ୍କର ଆର୍ଥିକ ସୁଯୋଗକୁ ବିସ୍ତାରଣ କରୁଛି । ମହିଳା କର୍ମଶକ୍ତିର ଅଂଶଗ୍ରହଣ ହାର ୨୦୧୭-୧୮ ମସିହାରେ ୨୩.୩ ପ୍ରତିଶତ ଥିବାବେଳେ ତାହା କ୍ରମାଗତ ଭାବରେ ବୃଦ୍ଧି ପାଇ ୨୦୨୩-୨୪ ମସିହାରେ ୪୧.୭ ପ୍ରତିଶତ ଛୁଇଁଛି। ମହିଳାମାନେ କେବଳ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନୁହେଁ, ଅପରନ୍ତୁ ଷ୍ଟାର୍ଟଅପ୍, ସେବା କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟସେବା, ଉତ୍ପାଦନ ଏବଂ ଦେଶର ବିଶାଳ ଅସଂଗଠିତ କ୍ଷେତ୍ରରେ ବିପୁଳ ସଂଖ୍ୟାରେ କାର୍ଯ୍ୟ କରୁଛନ୍ତି । ସେମାନେ ଉଦ୍ୟୋଗୀ, ବୃତ୍ତିଗତ, କୁଶଳୀ କର୍ମଶକ୍ତି, ପରିଚାଳକ ଏବଂ ନେତା ଭାବରେ ସେମାନଙ୍କର ଅବଦାନ ଦେଇଆସୁଛନ୍ତି । ଏଭଳି ସ୍ଥିତିରେ କାର୍ଯ୍ୟକ୍ଷେତ୍ରଗୁଡ଼ିକ ସୁରକ୍ଷିତ, ସମ୍ମାନଜନକ ଏବଂ ଭୟମୁକ୍ତ କିମ୍ବା ଭେଦଭାବରୁ ମୁକ୍ତ ରହିବା ଏକାନ୍ତ ଆବଶ୍ୟକ ମନେହୁଏ । କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ ୨୦୧୩ (ପୋସ ଆଇନ) ଏହି ଅଭିପ୍ରାୟରେ ହିଁ ପ୍ରଣୟନ କରାଯାଇଥିଲା, ଯାହା ସଂସ୍ଥାମାନଙ୍କରେ ପ୍ରତିରୋଧକ ଏବଂ ସଂଶୋଧନମୂଳକ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛି। ଆଇନର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ସ୍ୱଚ୍ଛତାକୁ ମଜଭୁତ କରିବା ନିମନ୍ତେ, ମୋଦୀ ସରକାର ୨୦୨୪ ମସିହା ଅଗଷ୍ଟ ୨୯ ତାରିଖ ଡିଜିଟାଲ ଶାସନ ଢାଞ୍ଚା ଅଧୀନରେ ବୈଷୟିକ ଉନ୍ନତି ସହିତ 'ସି-ବକ୍ସ'ପୋର୍ଟାଲକୁ ପୁନଃ ଆରମ୍ଭ କରିଥିଲେ । ଏହାକୁ ସବୁ କ୍ଷେତ୍ରରେ ମହିଳାମାନଙ୍କ ନିମନ୍ତେ ଅଧିକ ଉପଯୋଗୀ, ଅନୁକୂଳ ଏବଂ ସୁଗମ ତଥା ପାରଦର୍ଶୀ କରାଯାଇଛି ।

ଏହି ପୋର୍ଟାଲ ଦେଶବ୍ୟାପୀ ଗଠିତ ଆଭ୍ୟନ୍ତରୀଣ କମିଟି (ଆଇ.ସି.) ଏବଂ ସ୍ଥାନୀୟ କମିଟି (ଏଲ.ସି.) ସମ୍ପର୍କୀତ ସୂଚନାର ଏକ କେନ୍ଦ୍ରୀୟ ଭଣ୍ଡାରର ସୁଯୋଗ ଯୋଗାଏ । ଏହି ଭଣ୍ଡାର 'ପୋସ' ଆଇନ ଅନୁସାରେ ଅନୁପାଳନର ପଦ୍ଧତିଗତ ନିରୀକ୍ଷଣ ଓ ଯାଞ୍ଚ ନିମନ୍ତେ ସକ୍ଷମ କରେ ଏବଂ ଏହା ସୁନିଶ୍ଚିତ କରେ ଯେ ସଂଗଠନଗୁଡ଼ିକ ଆଭ୍ୟନ୍ତରୀଣ କମିଟି ଗଠନ କରିବାର ସେମାନଙ୍କ ବୈଧାନିକ ଦାୟିତ୍ୱ ଯେପରି ବିଧିବଦ୍ଧ ଭାବରେ ପୂରଣ କରନ୍ତି । ଏହିସବୁ ତଥ୍ୟକୁ ଏକତ୍ରିତ କରି ଏବଂ ଡିଜିଟାଲ ଡକୁମେଣ୍ଟେସନକ୍ଷମ କରି, ପୋର୍ଟାଲ ସଂସ୍ଥାଗତ ତଦାରଖକୁ ମଜଭୁତ କରିଛି ଏବଂ ବିଭିନ୍ନ ସ୍ତରରେ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକୁ ସୁଦୃଢ଼ ଏବଂ ପାରଦର୍ଶୀ କରିଛି ।

'ସି ପୋର୍ଟାଲ'ର ଉନ୍ନତ ସଂସ୍କାର ମହିଳାମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଶାରୀରିକ ଭାବରେ କାର୍ଯ୍ୟାଳୟକୁ ଯିବାକୁ ବାଧ୍ୟତାମୂଳକ ନକରି, ସିଧାସଳଖ ଭାବରେ ସମ୍ପୃକ୍ତି ଆଭ୍ୟନ୍ତରୀଣ କମିଟି କିମ୍ବା ସ୍ଥାନୀୟ କମିଟି ନିକଟରେ ନିଜର ଅଭିଯୋଗକୁ ଦାଖଲ କରିବାକୁ ସକ୍ଷମ କରିଛି । ଏହା ଅଭିଯୋଗ ପ୍ରକ୍ରିୟାରେ ବିଳମ୍ବକୁ ପର୍ଯ୍ୟାପ୍ତ ମାତ୍ରାରେ କମାଇବାରେ ସହାୟକ ହୋଇଛି ଏବଂ ଅନାବଶ୍ୟକ ମାନବୀୟ ହସ୍ତକ୍ଷେପକୁ ମଧ୍ୟ ହ୍ରାସ କରିଛି ଯାହାକି ଅଭିଯୋଗକାରୀଙ୍କୁ ନିରୁତ୍ସାହିତ କରିପାରେ ବୋଲି ଆଶଙ୍କା କରାଯାଉଥିଲା । ଅଭିଯୋଗକାରୀମାନେ ବାସ୍ତବ ସମୟ (ରିଅଲ ଟାଇମ)ରେ ଅନ୍‌ଲାଇନରେ ସେମାନଙ୍କର ଅଭିଯୋଗର ସ୍ଥିତିକୁ ମଧ୍ୟ ଟ୍ରାକ୍ କରିପାରିବେ, ଯାହାକି ଏହାର ସ୍ୱଚ୍ଛତତା ଏବଂ ବ୍ୟବସ୍ଥା ଉପରେ ସେମାନଙ୍କର ଆସ୍ଥା ଓ ବିଶ୍ୱାସକୁ ବୃଦ୍ଧି କରିବ । ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଏହା ସମସ୍ତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନଙ୍କ ନିମନ୍ତେ ସମାନ ଭାବରେ ଉପଲବ୍ଧ । ତାହା ସରକାରୀ କିମ୍ବା ବେସରକାରୀ ଅଥବା ସଂଗଠିତ ଅଥବା ଅସଂଗଠିତ ହୋଇଥାଉ । ଏକ ବିରାଟ କର୍ପୋରେଟ କାର୍ଯ୍ୟାଳୟରେ କିମ୍ବା ଏକ କ୍ଷୁଦ୍ର ଉଦ୍ୟୋଗରେ, ଏକ ଚୁକ୍ତିଭିତ୍ତିକ ବ୍ୟବସ୍ଥାରେ, ଅଥବା ଅନୌପଚାରିକ କର୍ମଶକ୍ତିର ଅଂଶ ଭାବରେ, ମହିଳାମାନେ ସମାନ ଡିଜିଟାଲ ଅଭିଯୋଗ ସମାଧାନ ବ୍ୟବସ୍ଥା ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରିବେ । ଏହା ସ୍ପଷ୍ଟ ଭାବରେ ସୂଚୀତ କରେ ଯେ, ମହିଳାମାନଙ୍କ ସୁରକ୍ଷା ଉପରେ ସରକାରଙ୍କ ନୀତି ସମାବେଶୀ ଏବଂ କୌଣସି ନିର୍ଦ୍ଦିଷ୍ଟ ବର୍ଗ କିମ୍ବା ବୃତ୍ତି ଅବା ଭୌଗୋଳିକ ସ୍ଥାନରେ ଏହା ସୀମିତ ନୁହେଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଡିଜିଟାଲ ଇଣ୍ଡିଆ' ଆଭିମୁଖ୍ୟ ସହିତ ସମନ୍ୱୟ ରକ୍ଷା ପୂର୍ବକ 'ସି ବକ୍ସ' ମହିଳାମାନଙ୍କୁ ଅଭିଯୋଗ ଦାଖଲ କରିବା ଏବଂ ସେମାନଙ୍କ ପ୍ରଗତି ଉପରେ ଦୃଷ୍ଟି ରଖିବା ନିମନ୍ତେ ଏକ ସୁରକ୍ଷିତ, ସରଳ ଏବଂ ଗୋପନୀୟ ବ୍ୟବସ୍ଥାର ସୁଯୋଗ ପ୍ରଦାନ କରେ । ଡିଜିଟାଲ ଇଣ୍ଟରଫେସ ଅଧିକ ସହଜ ଏବଂ ଏହାକୁ ସହଜରେ ବ୍ୟବହାର କରିବା ଭଳି ସକ୍ଷମ କରାଯାଇଛି, ଯାହା ସୁନିଶ୍ଚିତ କରେ ଯେ ସୀମିତ ବୈଷୟିକ ଜ୍ଞାନ କିମ୍ବା ଅଭିଜ୍ଞତା ଥିବା ଲୋକମାନେ ମଧ୍ୟ ଏହାକୁ ଏଭଳି ପ୍ରଭାବଶାଳୀ ଭାବରେ ବ୍ୟବହାର କରିପାରିବେ । ପୋର୍ଟାଲରେ ପଞ୍ଜୀକୃତ ଅଭିଯୋଗଗୁଡ଼ିକୁ ନିଯୁକ୍ତିର ସ୍ୱଭାବ ଉପରେ ନିର୍ଭର କରି ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ କର୍ମକ୍ଷେତ୍ରର ଆଭ୍ୟନ୍ତରୀଣ କମିଟି କିମ୍ବା ସମ୍ପୃକ୍ତ ଜିଲ୍ଲାର ସ୍ଥାନୀୟ କମିଟି ନିକଟକୁ ପଠାଇ ଦିଆଯାଇଥାଏ । ମାମଲାର ଗୋପନୀୟତା ସୁରକ୍ଷିତ ରଖିବା ନିମନ୍ତେ, ଏପରି ବ୍ୟବସ୍ଥା କରାଯାଇଛି ଯେ ଆଭ୍ୟନ୍ତରୀଣ କମିଟିର ଅଧ୍ୟକ୍ଷଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଅଭିଯୋଗର ବିବରଣୀ ଦେଖି ପାରିବେନାହିଁ । ଏହାଫଳରେ ପୀଡ଼ିତା ମହିଳାଙ୍କ ପରିଚୟ ଏବଂ ଗୋପନୀୟତାକୁ ସୁରକ୍ଷିତ ରଖାଯାଇଥାଏ । ଏହି ବୈଶିଷ୍ଟ୍ୟ ଅଭିଯୋଗକାରୀଙ୍କ ଦ୍ୱାରା ପ୍ରାୟତଃ ସମ୍ମୁଖୀନ ହେଉଥିବା ପ୍ରମୁଖ ଆଶଙ୍କାଗୁଡ଼ିକ ମଧ୍ୟରୁ ଅନ୍ୟତମ-ପ୍ରକାଶିତ ହେବା କିମ୍ବା ପ୍ରତିଶୋଧ ନେବାର ଭୟକୁ ସମାଧାନ 'ପୋସ' ଆଇନ ଅନୁଯାୟୀ, ଅଭିଯୋଗ ଏବଂ ସେଗୁଡ଼ିକର ସମାଧାନ ସହିତ ଜଡ଼ିତ ତଥ୍ୟର ରକ୍ଷଣାବେକ୍ଷଣ ଏବଂ ତଦାରଖ କରିବା ସରକାରଙ୍କ ଦାୟିତ୍ୱ । ଏହି ଆଇନ ଯେକୌଣସି ଅଭିଯୋଗର ତଦନ୍ତ ପାଇଁ ୯୦ ଦିନର ସମୟସୀମା ସ୍ଥିର କରିଛି, ଯାହା ନିଶ୍ଚିତ କରେ ଯେ ନ୍ୟାୟ ପ୍ରଦାନରେ ବିଳମ୍ବ କିମ୍ବା ପ୍ରତ୍ୟାଖ୍ୟାନ କରାଯିବ ନାହିଁ । 'ସି ବକ୍ସ' ପୋର୍ଟାଲ ଏହି ବୈଧାନିକ ସମୟସୀମା ସହିତ ଅନୁପାଳନକୁ ମଧ୍ୟ ସୁନିଶ୍ଚିତ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସମୟସୀମା ମଧ୍ୟରେ ସମାଧାନ ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରଣାଳୟ ନିୟମିତ ଭାବରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଡ୍ୟାସବୋର୍ଡକୁ ଆଲର୍ଟ କରିବା, ସ୍ୱୟଂଚାଳିତ ଇ-ମେଲ ଏବଂ ସ୍ମାରକ ବାର୍ତ୍ତାମାନ ପଠାଇଥାଏ ଛ ଏହି ସ୍ମାରକଗୁଡ଼ିକ ତୁରନ୍ତ କାର୍ଯ୍ୟପନ୍ଥା ଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ଏବଂ ଅଯଥାରେ ବିଳମ୍ବର ଆଶଙ୍କାକୁ ହ୍ରାସ କରିଥାଏ । ଏଭଳି ଏକ ସକ୍ରିୟ ବ୍ୟବସ୍ଥା ଦାୟିତ୍ୱ ଏବଂ ଫଳାଫଳ ଆଧାରିତ ଶାସନର ଏକ ଆଭିମୁଖ୍ୟକୁ ପ୍ରତିଫଳିତ କରେ, ଯେଉଁଠାରେ ସଂସ୍ଥାଗତ ବ୍ୟବସ୍ଥା ଡିଜିଟାଲ ମନିଟରିଂ ଉପକରଣ ଦ୍ୱାରା ସମର୍ଥିତ ହୋଇଥାଏ।

'ସି ବକ୍ସ'ର ପ୍ରଭାବ ବୃଦ୍ଧି କରିବାରେ ନୋଡାଲ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତ ନୋଡାଲ ଅଧିକାରୀମାନେ ନିଯୁକ୍ତିଦାତା, ଆଭ୍ୟନ୍ତରୀଣ କିମ୍ବା ସ୍ଥାନୀୟ କମିଟି ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥାଆନ୍ତି । ସେମାନେ ଯୋଗାଯୋଗକୁ ସହଜସାଧ୍ୟ କରିଥାଆନ୍ତି, ପ୍ରକ୍ରିୟାଗୁଡ଼ିକୁ ସଠିକ ଭାବରେ ଅନୁସରଣ କରି ପ୍ରକ୍ରିୟାଗତ ବାଧକକୁ ସମାଧାନ କରିବାରେ ସହାୟକ କରିଥାଆନ୍ତି । ଏହି ବ୍ୟବସ୍ଥା ସୁନିଶ୍ଚିତ କରେ ଯେ ଅଭିଯୋଗଗୁଡ଼ିକ କେବଳ ନଥିପତ୍ରରେ ପଞ୍ଜୀକୃତ ନୁହେଁ ବରଂ ସମୟୋଚିତ ଏବଂ ନିୟମ ଅନୁବନ୍ଧିତ ଭାବେ କାର୍ଯ୍ୟ କରିଥାଏ । ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ନିର୍ଦ୍ଦିଷ୍ଟ ଦାୟିତ୍ୱ ସୃଷ୍ଟି କରି, ବ୍ୟବସ୍ଥା କାର୍ଯ୍ୟକ୍ଷେତ୍ର ମର୍ଯ୍ୟାଦାର ସହିତ ଜଡ଼ିତ ସମ୍ବେଦନଶୀଳ ବିଷୟଗୁଡ଼ିକୁ ପରିଚାଳନା କରିବାର ଗାମ୍ଭୀର୍ଯ୍ୟକୁ ମଜଭୁତ କରେ ।

ଆଇନଗତ ଅନୁପାଳନ ବ୍ୟତୀତ 'ସି- ବକ୍ସ' ପୋର୍ଟାଲ ସଚେତନତା ଏବଂ ପ୍ରତିରୋଧକ କାର୍ଯ୍ୟର ଏକ ବ୍ୟାପକ ସଂସ୍କୃତିରେ ମଧ୍ୟ ଯୋଗଦାନ କରେ। ସଂଗଠନଗୁଡ଼ିକୁ 'ପୋସ' ଆଇନ ଅନୁଯାୟୀ କାର୍ଯ୍ୟକ୍ଷେତ୍ରରେ ଆଚରଣ ଏବଂ ଅଧିକାରୀ ସମ୍ପର୍କରେ ନିୟମିତ ତାଲିମ ଅଧିବେଶନ, ସମ୍ବେଦନଶୀଳତା କର୍ମଶାଳା ଏବଂ ସଚେତନତା ଅଭିଯାନ ପରିଚାଳନା କରିବାକୁ ଉତ୍ସାହିତ କରାଯାଏ। ଡିଜିଟାଲ ଅଭିଯୋଗଗୁଡ଼ିକର ସମାଧାନ ବ୍ୟବସ୍ଥାର ଅସ୍ତିତ୍ୱ ନିଯୁକ୍ତିଦାତା ଏବଂ କର୍ମଚାରୀମାନଙ୍କୁ ସ୍ମରଣ କରାଇଥାଏ ଯେ ହଇରାଣକୁ ସହ୍ୟ କରାଯିବନାହିଁ ଏବଂ ଅଭିଯୋଗର ସମାଧାନ ନିମନ୍ତେ ଏଥିରେ ସୁଗମ ବ୍ୟବସ୍ଥାମାନ ରହିଛି । ଏହା ଏକ ଅଧିକ ସମ୍ମାନଜନକ ଏବଂ ସମାନ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରେ ।

ମହିଳାକେନ୍ଦ୍ରିକ ନୀତିଗୁଡ଼ିକର ବ୍ୟାପକ ପରିପ୍ରେକ୍ଷୀରେ ଯଦି ବିଚାର କରାଯାଏ 'ସି ବକ୍ସ'ର ଗୁରୁତ୍ୱ ଅଧିକ ସ୍ପଷ୍ଟ ହୋଇଥାଏ । ଆଜି ସାରା ଦେଶରେ ୧୦ କୋଟିରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଜଡ଼ିତ । ସାମୁଦାୟିକ ବିକାଶ ଏବଂ ଆର୍ଥିକ ସ୍ଥିରତାରେ ପ୍ରମୁଖ ଯୋଗଦାନ କରିଆସୁଛି । 'ଲକ୍ଷପତି ଦିଦି'ଭଳି ପଦକ୍ଷେପ ମାଧ୍ୟମରେ ଦେଶର ଲକ୍ଷ ଲକ୍ଷ ମହିଳା ଆର୍ଥିକ ଭାବରେ ସ୍ୱାବଲମ୍ବୀ ହେଉଛନ୍ତି ଏବଂ ନୂତନ ଆୟ ଉତ୍ପାଦନକାରୀ କାର୍ଯ୍ୟକଳାପ ସହିତ ସେମାନେ ସାମିଲ ହେଉଛନ୍ତି । 'ନମୋ ଡ୍ରୋନ ଦିଦି' ଭଳି ଅଭିନବ ଯୋଜନା ମହିଳାମାନଙ୍କୁ ଆଧୁନିକ ପ୍ରଯୁକ୍ତି ବିଦ୍ୟା, କୃଷି ସେବା ଏବଂ ଉଦ୍ୟୋଗ ସହିତ ସଂଯୋଗ କରୁଛି, ଯାହାଫଳରେ ସେମାନଙ୍କୁ ନିଯୁକ୍ତିର ଉଦୀୟମାନ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରବେଶ କରିବାର ସୁଯୋଗ ପ୍ରଦାନ କରୁଛି । ମହିଳାମାନେ ବିବିଧ ଆର୍ଥିକ ସ୍ଥାନମାନଙ୍କରେ ସେମାନଙ୍କର ଉପସ୍ଥିତିକୁ ବିସ୍ତାର କରିବା ସହିତ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ସୁରକ୍ଷା ଏବଂ ମର୍ଯ୍ୟାଦା ସୁନିଶ୍ଚିତ କରିବା ଦୀର୍ଘକାଳୀନ ପ୍ରାପ୍ତି ନିମନ୍ତେ ଏକ ମୁଖ୍ୟ ଆବଶ୍ୟକତା ହୋଇପଡୁଛି ।

ଯେତେବେଳେ ପ୍ରଥମଥର ପାଇଁ ବହୁସଂଖ୍ୟକ ମହିଳା ସଂଗଠିତ ଏବଂ ଆନୁଷ୍ଠାନିକ କର୍ମକ୍ଷେତ୍ରର ଅଂଶ ହେଉଛନ୍ତି । ସେତେବେଳେ 'ସି ବକ୍ସ' ଭଳି ପ୍ଲାଟଫର୍ମ ସେମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରେ ଯେ ସରକାର ସେମାନଙ୍କ ସହିତ ଠିଆ ହୋଇଛି । ଏହା କେବଳ ଆଇନ ପ୍ରଣୟନ କରି ନୁହେଁ, ବରଂ ସେଗୁଡ଼ିକୁ ପ୍ରଭାବୀ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ଭୂମିରେ କାର୍ଯ୍ୟକାରୀ କରି । ଏହି ପୋର୍ଟାଲ ଆଇନଗତ ଆଭିମୁଖ୍ୟ ଏବଂ ବ୍ୟାବହାରିକ କାର୍ଯ୍ୟକାରୀତା ମଧ୍ୟରେ ସେତୁ ସ୍ଥାପନ କରେ । ଏହା ମହିଳାମାନଙ୍କୁ ଆଶ୍ୱସ୍ତ କରେ ଯେ ସେମାନଙ୍କର ସ୍ୱର ସର୍ବତ୍ର ଶୁଣାଯିବ ଏବଂ ଏକ ସରଞ୍ଜିତ ଆଇନଗତ ଢାଞ୍ଚା ମଧ୍ୟରେ ସେମାନଙ୍କର ଚିନ୍ତାର ସମାଧାନ କରାଯିବ ।

ବହୁଭାଷୀ ସମର୍ଥନ, ବାସ୍ତବ ସମୟ ଟ୍ରାକିଂ, ଡିଜିଟାଲ ଡକୁମେଣ୍ଟେସନ ଏବଂ ଏକ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ, 'ସି-ବକ୍ସ' ପୋର୍ଟାଲ ମହିଳାମାନଙ୍କ ନିମନ୍ତେ କର୍ମକ୍ଷେତ୍ର ସୁରକ୍ଷାକୁ କେବଳ ଏକ ଆଇନଗତ ବ୍ୟବସ୍ଥାରେ ସୀମିତ କରେନାହିଁ ବରଂ ଏହାକୁ ପ୍ରଯୁକ୍ତି ବିଦ୍ୟା ଏବଂ ପ୍ରଶାସନିକ ପ୍ରତିବଦ୍ଧତା ଦ୍ୱାରା ସମର୍ଥିତ ଏକ ସରଞ୍ଜିତ, ନିର୍ଭରଯୋଗ୍ୟ ଏବଂ ଉତ୍ତରଦାୟୀ ସାଂଗଠନିକ ଢାଞ୍ଚାରେ ପରିଣତ କରେ । ଏହା କର୍ମଜୀବୀ ମହିଳମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସକୁ ସୁଦୃଢ଼ କରେ ଏବଂ ଲିଙ୍ଗ ସମ୍ବେଦନୀ ଶାସନ ପ୍ରତି ଏକ ବ୍ୟାପକ ପ୍ରତିବଦ୍ଧତାର ସଙ୍କେତ ପ୍ରଦାନ କରେ।

'ସି ବକ୍ସ' ବାସ୍ତବ ପକ୍ଷେ ଏକ ଦୂରଦୃଷ୍ଟିସମ୍ପନ୍ନ ଆଭିମୁଖ୍ୟକୁ ପ୍ରତିଫଳିତ କରେ, ଯେଉଁଥିରେ ନାରୀ ଶକ୍ତି ଭୟମୁକ୍ତ ହୁଏ ଏବଂ କର୍ମକ୍ଷେତ୍ରରେ ମର୍ଯ୍ୟାଦା ଏବଂ ଆତ୍ମବିଶ୍ୱାସର ସହିତ ଆଗକୁ ବିବାର ସୁଯୋଗ ପ୍ରଦାନ କରିଥାଏ । ଆଇନଗତ ସୁରକ୍ଷା, ଡିଜିଟାଲ ନବାଚାର ଏବଂ ପ୍ରତିଷ୍ଠାନର ଦାୟିତ୍ୱବୋଧକୁ ମିଶ୍ରଣ କରି ଏହା ମହିଳାମାନଙ୍କୁ ରାଷ୍ଟ୍ର ନିର୍ମାଣରେ ସମ୍ପୂର୍ଣ୍ଣ ଏବଂ ନିର୍ଭୀକ ଭାବରେ ଯୋଗଦାନକୁ ସକ୍ଷମ କରେ। ଏପରି କରିବା ଦ୍ୱାରା ଏହା ୨୦୪୭ ମସିହା ସୁଦ୍ଧା ଏକ ବିକଶିତ, ଅନ୍ତର୍ଭୁକ୍ତ ଏବଂ ସମୃଦ୍ଧ ଭାର ନିମନ୍ତେ ମୂଳଦୁଆକୁ ମଜଭୁତ କରେ ।

# ମହାଶିବରାତ୍ରି ଓ ରୁଦ୍ରାକ୍ଷ

ଦେବରାଜ ପଟ୍ଟନାୟକ

**ଜୀ**ବନରେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ଭିନ୍ନ ଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ। ତେବେ ମହାଶିବରାତ୍ରିର ଭିନ୍ନ ମହତ୍ତ୍ୱ ରହିଛି। ପ୍ରତ୍ୟେକ ମାସର କୃଷ୍ଣ ପକ୍ଷରେ ଚତୁର୍ଦ୍ଦଶୀ କିମ୍ବା ଅମାବାସ୍ୟାର ପୂର୍ବଦିନ ଶିବରାତ୍ରି ପାଳନ କରାଯାଇଥାଏ। ତେବେ ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ଏହି ରାତ୍ରିରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ଏଭଳି ଏକ ସ୍ଥିତିରେ ଥାଏ ଯେତେବେଳେ ମାନବ ଶରୀର ପ୍ରାକୃତିକ ରୂପରେ ଶକ୍ତି ସମ୍ପନ୍ନ ରହିଥାଏ। ଏହା ଏଭଳି ଏକ ଦିନ ଯେତେବେଳେ ପ୍ରକୃତି ବ୍ୟକ୍ତିକୁ ଆଧ୍ୟାତ୍ମିକତାର ଶୀର୍ଷକୁ ନେଇ ଯାଇଥାଏ। ଏହାର ଉପଯୋଗ କରିବାକୁ ମହାଶିବରାତ୍ରି ପାଳନ ହୋଇଥାଏ। ମହାଶିବରାତ୍ରି ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକୃତିଠାରୁ ବିଶେଷ ଶକ୍ତି ଆହରଣ କରି ଆଧ୍ୟାତ୍ମିକ ଆନନ୍ଦ ପ୍ରାପ୍ତ କରିବା। ଆଧ୍ୟାତ୍ମିକ ମାର୍ଗରେ ଥିବା ଲୋକଙ୍କ ପାଇଁ ଶିବରାତ୍ରି ବିଶେଷ ମହତ୍ତ୍ୱପୂର୍ଣ୍ଣ। ଯୋଗ ପରମ୍ପରାରେ ଶିବଙ୍କ ଈଶ୍ୱରଙ୍କ ରୂପରେ ନୁହେଁ, ବରଂ ଆଦି ଗୁରୁଙ୍କ ରୂପରେ ପୂଜା କରାଯାଇଥାଏ। ଶିବ ହେଉଛନ୍ତି ପ୍ରଥମ ଗୁରୁ, ଯାହାଙ୍କଠାରୁ ଜ୍ଞାନର ଉତ୍ପତ୍ତି ହୋଇଛି। ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଧ୍ୟାନରେ ବସିବା ପରେ ଭଗବାନ ଶିବ ଦିନେ ସମ୍ପୂର୍ଣ୍ଣ ଶାନ୍ତ ହୋଇଯାଇଥିଲେ। ସେଦିନ ଥିଲା ମହାଶିବରାତ୍ରି। ତାଙ୍କ ଭିତରେ କୌଣସି ଗତି ନଥିଲା, ସେ ସମ୍ପୂର୍ଣ୍ଣ ନିଶ୍ଚଳ ଥିଲେ। ସେଥିପାଇଁ ମହାଶିବରାତ୍ରିକୁ ନିଶ୍ଚଳତାର ଦିନ କୁହାଯାଇଥାଏ। ମହାଶିବରାତ୍ରି ତପସ୍ୱୀ ଏବଂ ଜିଜ୍ଞାସୁଙ୍କ ସମ୍ମୁଖରେ ଅନେକ ସମ୍ଭାବନା ସୃଷ୍ଟି କରିଥାଏ। ଏହି ଦିବସରେ ମନୁଷ୍ୟ ଧ୍ୟାନ ଏବଂ ଶିବ ଆରାଧନାରେ ସମୟ ବ୍ୟତୀତ କଲେ ପରମ ଆନନ୍ଦ ଲାଭ କରିପାରିବ ଯାହା ଜୀବନ ଜୀଇବାର ପ୍ରେରଣା ଯୋଗାଇବ।

ରୁଦ୍ରାକ୍ଷର ପୂଜା ଏବଂ ଏହାକୁ ପବିତ୍ର ହୋଇ ଧାରଣ କରିବା ଦ୍ୱାରା ଜୀବନ ଉପରେ ଗଭୀର ପ୍ରଭାବ ପଡ଼ିଥାଏ। ଏକମୁଖୀ ରୁଦ୍ରାକ୍ଷ ଭଗବାନ ଶିବ, ଦ୍ୱିମୁଖୀ ରୁଦ୍ରାକ୍ଷ ଗୌରୀ ଶଙ୍କର, ତ୍ରିମୁଖୀ ରୁଦ୍ରାକ୍ଷ ତେଜମୟ ଅଗ୍ନି, ଚତୁର୍ମୁଖୀ ରୁଦ୍ରାକ୍ଷ ଶ୍ରୀପଞ୍ଚଦେବ, ଷଷ୍ଠମୁଖୀ ରୁଦ୍ରାକ୍ଷ ଭଗବାନ କାର୍ତ୍ତିକେୟ, ସପ୍ତମୁଖୀ ପ୍ରଭୁ ଅନନ୍ତ, ଅଷ୍ଟମୁଖୀ ଭଗବାନ ଶ୍ରୀଗଣେଶ, ନବମୁଖୀ ରୁଦ୍ରାକ୍ଷ ଭଗବତୀ ଦେବୀ ଦୁର୍ଗା, ଦଶମୁଖୀ ରୁଦ୍ରାକ୍ଷ ଶ୍ରୀହରିବିଷ୍ଣୁ, ୧୩ମୁଖୀ ରୁଦ୍ରାକ୍ଷ ଶ୍ରୀଇନ୍ଦ୍ର ତଥା ୧୪ମୁଖୀ ରୁଦ୍ରାକ୍ଷ ସ୍ୱୟଂ ହନୁମାନଙ୍କ ପ୍ରତୀକ ହୋଇଥାଏ। ଭିନ୍ନ ଭିନ୍ନ ରୁଦ୍ରାକ୍ଷର ଭିନ୍ନ ପ୍ରଭାବ ରହିଛି। ଯେପରିକି ଏକମୁଖୀ ରୁଦ୍ରାକ୍ଷ ସୁଖ, ମୋକ୍ଷ ଏବଂ ଉନ୍ନତି ପ୍ରଦାନ କରିଥାଏ। ଦ୍ୱିମୁଖୀ ରୁଦ୍ରାକ୍ଷ ସମସ୍ତ କାମନା ପୂରଣ କରି ଦାମ୍ପତ୍ୟ ଜୀବନକୁ ସୁଖ, ଶାନ୍ତି ଏବଂ ତେଜ ପ୍ରଦାନ କରିଥାଏ। ତ୍ରିମୁଖୀ ରୁଦ୍ରାକ୍ଷ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଏ। ଚର୍ତୁମୁଖୀ ରୁଦ୍ରାକ୍ଷ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ପ୍ରଦାନ କରିଥାଏ। ପଞ୍ଚମୁଖୀ ରୁଦ୍ରାକ୍ଷ ସୁଖ ପ୍ରଦାନ କରିଥାଏ। ଷଷ୍ଠମୁଖୀ ରୁଦ୍ରାକ୍ଷ ପାପରୁ ମୁକ୍ତି ଦେଇଥାଏ ଓ ସନ୍ତାନ ସୁଖ ପ୍ରଦାନ କରିଥାଏ। ସପ୍ତମୁଖୀ ରୁଦ୍ରାକ୍ଷ ଦରିଦ୍ର୍ୟ ଦୂର କରିଥାଏ। ଅଷ୍ଟମୁଖୀ ରୁଦ୍ରାକ୍ଷ ଆୟୁ ଏବଂ ସକାରାତ୍ମକ ଶକ୍ତି ପ୍ରଦାନ କରିଥାଏ। ନବମୁଖୀ ରୁଦ୍ରାକ୍ଷ ମୃତ୍ୟୁର ଡରରୁ ମୁକ୍ତ କରିଥାଏ। ଦଶମୁଖୀ ରୁଦ୍ରାକ୍ଷ ଶାନ୍ତି ଏବଂ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ। ୧୧ମୁଖୀ ରୁଦ୍ରାକ୍ଷ ବିଜୟ ପ୍ରଦାନ କରିଥାଏ। ଜ୍ଞାନ ଏବଂ ଭକ୍ତି ପ୍ରଦାନ କରିଥାଏ। ୧୨ମୁଖୀ ରୁଦ୍ରାକ୍ଷ ଧନଲାଭ କରାଏ। ୧୩ ମୁଖୀ ରୁଦ୍ରାକ୍ଷ ଶୁଭ ଏବଂ ଲାଭ ପ୍ରଦାନ କରିଥାଏ। ୧୪ମୁଖୀ ରୁଦ୍ରାକ୍ଷ ସମ୍ପୂର୍ଣ୍ଣ ପାପରୁ ମୁକ୍ତି ପ୍ରଦାନ କରିଥାଏ।





ଯୋଗ ପରମ୍ପରାରେ ଏହି ରାତିକୁ ଏତେ ଗୁରୁତ୍ୱ ଦେବାର କାରଣ, ଏହା ମାଧ୍ୟମରେ ଆଧ୍ୟାତ୍ମିକତାର ଚରମ ସୋପାନରେ ପହଞ୍ଚିବାର ସମ୍ଭାବନା ରହିଛି। ଜୀବନ, ପଦାର୍ଥ, ସାରା ଜଗତ, ବିଶ୍ୱ ବ୍ରହ୍ମାଣ୍ଡ ବାବଦରେ ମଣିଷ ଯାହା ଜାଣେ, ତାହା କେବଳ ଏକ ଶକ୍ତି ଯାହା ଲକ୍ଷାଧିକ ପ୍ରକାରେ ପ୍ରକଟିତ । ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ। ଯୋଗ ଭିନ୍ନ ଭିନ୍ନ ହୋଇପାରେ ତେବେ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ। ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିଳେ।

ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମିଶନ ରୋଡ଼,
ବକ୍ସି ବଜାର, କଟକ, ମୋ : ୯୮୬୧୧୮୭୨୧୨

# ନୂଆଗାଁରେ ଝାଡା ବାନ୍ତି: ୩ ଆକ୍ରାନ୍ତ

କଣାସ,୧୪।୨(ନି.ପ୍ର): କଣାସ ବ୍ଲକ ଗଡିଶାଗୋଦା ଥାନା ଅନ୍ତର୍ଗତ ନୁଆଗାଁ ଗ୍ରାମରେ ଝାଡାବାନ୍ତି କୟାମେଲାଉଥିବା ଏବେ ଗ୍ରାମବାସୀ ଓ ପ୍ରସାସନର ମୁଣ୍ଡବ୍ୟଥା ବଢାଇଛି। ଗତ ବର୍ଷ ଝାଡାବାନ୍ତିରେ ତିନି ଜଣ ମୃତ୍ୟୁ ବରଣ କରିଥିବାରୁ ଏବେ ଗାଁ ଲୋକମାନେ ଭୟଭିତ ହେଇପଡିଛନ୍ତି। ଦୟାନଦୀର ଦୁଷିତ ଜଳ ରୋଗର ପ୍ରମୁଖ କାରଣ ବୋଲି କୁହାଯାଉଛି। ଯଦିଓ ପ୍ରଶାସନ ପକ୍ଷରୁ ଟ୍ୟାଙ୍କରରେ ଜଳ ଯୋଗଣ ହେଉଛି ତାହା ଯଥେଷ୍ଟ ହେଉନଥିବା ଲୋକେ ଅଭୀଯୋଗ କରୁଛନ୍ତି। ଶନିବାର ଗାଁରେ ଦୁଇଜଣ ଆକ୍ରନ୍ତ ରହିଛନ୍ତି । ଜଣେ ମେଡିକାଲ



ରେ ଚିକିସ୍ୱିତ ହେଉଥିବା ବେଳେ ଆଉ ଜଣେ ନିଜ ଘରେ ଚିକିସ୍ୱା ହେଉଛନ୍ତି। ପୁର୍ବରୁ ଜଣେ ଆକ୍ରାନ୍ତ ଚିକିସ୍ୱା ହେଇ ଭଲ ହେଇଛନ୍ତି। ଭୂବନେଶ୍ୱରର ସ୍ୱେରେଜ ୱେଷ୍ଟ ଗଙ୍ଗୁଆ ନାଳ ଦେଇ ଦୟାରେ ମିଶୁଛି। ଦୟା ସମ୍ପୂର୍ଣ୍ଣ ପ୍ରଦୁଷିତ ହେଉଛି। ତା ସାଙ୍ଗକୁ ମଳ ଦଳ ମଢ ଦୟାର ଦୁର୍ଦ୍ଦଶା ଆହୁରି ବଢାଇଛି। ଗାଁ ରେ ପଡଛି ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ। ପ୍ରତି ଦ୍ୱାରରେ ଲାଗିଛି ଷ୍ଟାଣ୍ଡ ପୋଷ୍ଟ। ହେଲେ ପ୍ରକଳ୍ପରୁ ପାଣି ଯୋଗାଣ ହେଉନି। ପ୍ରକଳ୍ପ ନିର୍ମାଣ ଅହେତୁକ ବିଳମ୍ବ ହେବାରୁ ପାନୀୟ

## ମେଡିକାଲ ଟିମ୍‌ର ଗାଁରେ ସର୍ଭେ

ସମସ୍ୟା ପାଇଁ ଲୋକେ ହିନସ୍ଥା ହେଉଛନ୍ତି। ଘଟଣା ଜଣାପଡିବା ପରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଗ୍ରାମରେ ସର୍ଭେ ଆରମ୍ଭ ହେଇଛି। ସ୍ୱାସ୍ଥ୍ୟକର୍ମୀ.ଅଙ୍ଗନବାଡି କର୍ମୀଙ୍କ ସହ ମେଡିକାଲ ଟିମ ଗାଁରେ ବୁଲି ସ୍ଥିତି ପରଖୁଛନ୍ତି। ଓଆରଏସ ବଂଟନ ସହ ଅନ୍ୟ ଆନୁସଙ୍ଗିକ କାର୍ଯ୍ୟ ଜାରି ରଖିଛି। କୁଅ ଓ ନଳକୁରେ ବ୍ଲିଚିଂ କରୁଛନ୍ତି। ମାଇକ ଯୋଗେ ନଦୀ ଜଳ ବ୍ୟବହାର ନକରିବାକୁ ପ୍ରଚାର କରୁଛନ୍ତି। ପାନୀୟ ଜଳ ଯୋଗଣ ସମ୍ପର୍କରେ ବିଡିଓ ସୌମ୍ୟ ରନ ସ୍ୱାଇଁ କହଛନ୍ତି। ପରିସ୍ଥିତିକୁ ନଜର ରଖାଯାଇଛି । ପ୍ରଶାସନ ସମ୍ପୂର୍ଣ୍ଣ ପସ୍ତୁତ ରହିଛି। ଦୁଇଟି ଟୟାଙ୍କରରେ ପାନୀୟ ଜଳ ଯୋଗଣ ହେଉଥିଲା। ଏବେ ପୁଣି ଦୁଇଟା ଅଧରକ ଟ୍ୟାଙ୍କର ଲାଗିଛି। ଯଦି ସେଥିରେ ବି ଆବଶ୍ୟକତା ମେଣ୍ଟିବନି ତାହେଲେ ଆବଶ୍ୟକ ମୁତାବକ ଜଳଯୋଗାଣର ସମସ୍ତ ବ୍ୟବସ୍ଥା କରାଯିବ।

# କେସିଙ୍ଗା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କେସିଙ୍ଗା ,୧୪।୨(ନି.ପ୍ର) : କେସିଙ୍ଗା ମହାବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି ।ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀ ସଭାପତିତ୍ୱ କରି ମହାବିଦ୍ୟାଳୟର ସାମଗ୍ରିକ ବିକାଶ ସନ୍ତୋଷଜନକ ବୋଲି କହିଥିବାବେଳେ ପରୀକ୍ଷା ଫଳ ଏବଂ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବରେ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ନୃପରାଜ ଯାଦବ ମହାବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ଏବଂ ବିକାଶକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟରେ ପ୍ରତିଷ୍ଠାତା ଅଧକ୍ଷ ପ୍ରଦୀପ କୁମାର ରଥ ମହାବିଦ୍ୟାଳୟର ସହିତ ତାଙ୍କର ବ୍ୟକ୍ତିଗତ ଏବଂ ଅନୁଷ୍ଠାନିକ ସମ୍ପର୍କ କେତେ ନିବିଡ଼ ତା ଉପରେ ଆଲୋକପାତ କରିଥିଲେ ଓ ନିଜସ୍ୱ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ମଣିଷ ପରି ମଣିଷ ଟିଏ ହେବାକୁ ଉପଦେଶ ଦେଇଥିଲେ ।ଛାତ୍ର ସଂସଦର ଉପଦେଷ୍ଟା ଡକ୍ଟର ସତୀସଚନ୍ଦ୍ର ଖମାରୀ ନିଜସ୍ୱ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ କର୍ମଠ ଏବଂ କର୍ମଯୋଗୀ ହେବାପାଇଁ ଆହ୍ୱାନ ଦେଇଥିଲେ ।ଇତ୍ୟବସରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ସହ ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା । ଡକ୍ଟର ରାକେଶ କୁମାର ବିଶି ମଞ୍ଚ ପରିଚାଳନା କରିଥିବାବେଳେ ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅର୍ଥାଭାବରେ ବାପା,ମା ହନ୍ତସନ୍ତ

ନିଆଳି,୧୪।୨(ନି ପ୍ର): ନିଆଳି ଥାନା ଅଧୀନସ୍ଥ ରତନପୁର ପଞ୍ଚାୟତର ଜିତେନ୍ଦ୍ର ବେହେରାଙ୍କ ଏକ ମାତ୍ର ପୁଅ ମନୋଜ କୁମାର ବେହେରା ପୁଲୱାମା ଆତ୍ମଘାତୀ ବିସ୍ଫୋରଣରେ ସହିଦ ହୋଇଯାଇଥିଲେ। ଏହି ଘଟଣା ୭ ବର୍ଷ ପୁରି ଯାଇଥିବା ବେଳେ ଆଜି ମଧ ପରିବାର ଓ ସ୍ଥାନୀୟ ବାସିନ୍ଦା ମନୋଜକୁ ଝୁରୁଛନ୍ତି।କାରଣ ସେ ଛାଡି ଯାଇଛନ୍ତି ଅନେକ ଛାପ। ମା ସାବିତ୍ରୀ ଏକ ମାତ୍ର ରୋଜଗାରିଆ ପୁଅକୁ ହରାଇ କାନ୍ଦି କାନ୍ଦି ଦିନ କାଟୁଛନ୍ତି। ଏମିତିକି ବାପ ମାଙ୍କ ପାଖରେ ଔଷଧ ଖାଇବା ପାଇଁ ମଧ ପଇସା ନାହିଁ। ସୂଚନା ଥାଉକି ୨୦୧୯ ମସିହା ଫେବୃଆରୀ ୧୪ ସାରା ଦେଶ ପାଇଁ ଥିଲା କାଳର ଦିନ। ଏହି ଦିନ ଆତ୍ମଘାତୀ ବିସ୍ଫୋରଣରେ ୪୦ ଜଣ ଯବାନ ସହିଦ ହୋଇଥିବା ବେଳେ ଏଥିରେ ଥିଲେ ଦୁଇ ଜଣ ଓଡ଼ିଆ ଯବାନ। ମନୋଜଙ୍କ ସହିଦ ଦିବସକୁ ସ୍ମରଣୀୟ କରିବା ପାଇଁ ପରିବାର ବର୍ଗ ପକ୍ଷରୁ ଘର



ବାହାରେ ଥିବା ମନୋଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ୱଳନ କରିବା ସହିତ ଭଗବତ ଗୀତ। ପଠନ କରାଯାଇଥିଲା। ଘର ଭିତରେ ମନୋଜଙ୍କ ଉଦ୍ଦେଶ୍ୟରେ ମନୋଜଙ୍କ ବାପା ଜିତେନ୍ଦ୍ର ଏକ ଲାଇବ୍ରେରୀ ଖୋଲିବା ସହିତ ମନୋଜଙ୍କ ପ୍ରତ୍ୟେକଟି ଫଟୋକୁ ସ୍ଥାନ ଦେଇଛନ୍ତି। ଏମିତିକି ପୁଅ ଦେଶ ଆଉ ଜାତି ପାଇଁ ସ୍ୱର୍ଣ୍ଣ ଅକ୍ଷରରେ ନା ରଖିଥିବା ଯୋଗୁଁ ବାପ ମା ଯେତେ ଅଭାବରେ ରହିଲେ ବି ବାପ ମା ଓ ନିଆଳି ମାଟି ଗର୍ବିତ। ମନୋଜଙ୍କ ଷଷ୍ଠ ବାର୍ଷିକ ପୂର୍ତ୍ତି ଉପଲକ୍ଷେ ନିଆଳି, ଚାରିଛକ, ବାଲିଅନ୍ତା, ବାଲି ପାଟଣା, କାକଟପୁର, ଜଗତସିଂହପୁର ବିଭିନ୍ନ ସଂଗଠନ କର୍ମକର୍ତ୍ତା ମାନେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେଛସେହିପରି କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଡ଼. କେଦାର ନାଥ ସାହୁ ଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। କଟକ ଜିଲ୍ଲା ବିଜେପି ସଂଯୋଜକ ତ୍ରିଲୋଚନ ବେହେରା, ଜଗତସିଂହପୁର ଜିଲ୍ଲା ର ପ୍ରସନ କୁମାର ସାହୁ ଙ୍କ ସମେତ ଅନେକ ଲୋକ ମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ଶିବରାତ୍ରି ପାଇଁ ଫଳ ଦାମ୍ ଆକାଶଛୁଆଁ

ରାଉରକେଲା,୧୪।୨ (ନି.ପ୍ର): ରାଉରକେଲା ସମେତ ଇସ୍ପାତ ନଗରୀରେ ମହାଶିବରାତ୍ରି ପାଇଁ ପୂଜା ସାମଗ୍ରୀ, ଫଳ ଏବଂ ମିଠା ବିକ୍ରି କରୁଥିବା ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି । ବିଶେଷକରି ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବାସନ୍ତୀ ମାର୍କେଟ, ଛେଣ୍ଡ ମାର୍କେଟ, ପାନପୋଷ ମାର୍କେଟ, ତରକେରା, ଦେଓଗାଁ ମାର୍କେଟ, ବେଦବ୍ୟାସ ମାର୍କେଟ, ଆମ୍ବ ବାଗାନ ମାର୍କେଟ, ଇସ୍ପାତ ମାର୍କେଟ, ସେକ୍ଟର-୧୮ ମାର୍କେଟ ଏବଂ ସହରର ଅନ୍ୟାନ୍ୟ ବଜାରରେ ଗ୍ରାହକମାନେ ମହାଶିବରାତ୍ରି ପାଇଁ ପୂଜା ସାମଗ୍ରୀ ଓ ଫଳ କିଣାକିଣି କରୁଛନ୍ତି। ବଡ଼ ମାଟି ଦୀପ ଏବଂ ଫୁଲ ସମେତ ଅନ୍ୟାନ୍ୟ ପୂଜା ସାମଗ୍ରୀ କିଣାଯାଉଛିଛ ଶିବରାତ୍ରି ପାଇଁ ଫଳର ମୂଲ୍ୟ ବୃଦ୍ଧି ପାଇଛି । କଦଳୀ ୫୦ ଟଙ୍କାରୁ ୧୨୦ ଟଙ୍କା ପର୍ଯ୍ୟନ୍ତ, କମଳା କିଲୋ ୫୦ ଟଙ୍କା, ଅଙ୍ଗୁର କିଲୋ ୧୦୦ ଟଙ୍କା ସମେତ ଅନ୍ୟାନ୍ୟ ଫଳ କିଣାଯାଉଥିବା ଦେଖାଯାଇଥିଲା ।

# ଚୋରି ସନ୍ଦେହରେ ପିଟି ପିଟି ହତ୍ୟା ଘଟଣା
## ୨୦ ଜଣଙ୍କୁ କୋର୍ଟ ଚାଲାଣ,ଗାଁରେ ୨ ପ୍ଲାଟୁନ ଫୋର୍ସ ମୁତୟନ

ଭଞ୍ଜନଗର,୧୪।୨(ନି.ପ୍ର) : ଭଞ୍ଜନଗର ଥାନା ଅଧିନ ସାର୍ଦ୍ଦୁଳ ଗ୍ରାମରେ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ କିଛି ଲୋକ ଶୁକ୍ରବାର ରାତିରେ ପିଟି ପିଟି ଗୁରୁତର କରିଦେଇଥିବା ବେଳେ ଶନିବାର ସକାଳ ସମୟରେ ତାର ଭଞ୍ଜନଗର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୁଲିସ ଏହି ମାମଲାରେ ସଂପୃକ୍ତି ଅଭିଯୋଗରେ ୨୦ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ଆକ୍ରମଣରେ ବ୍ୟବହୃତ ଠେଙ୍ଗା,ଲୁହା ପାଇପ,ଦଉଡି ଆଦିକୁ ଜବତ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି। ମୃତକ ଜଣଙ୍କ ହେଲେ ବେଣୁଧର ପ୍ରଧାନ(୫୪)। ତାଙ୍କ ଘର କନ୍ଧମାଳ ଜିଲ୍ଲା ରାଇକିଆ ଥାନା ତତମାହା ଗ୍ରାମର ହୋଇଥିବା ବେଳେ ସେ ଜି.ଉଦୟଗିରି ଥାନା ଅଧିନ କୁରୁମୁଙ୍ଗିଆ ଗ୍ରାମରେ ରହି ଆସୁଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଇ ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।ଏହି ଘଟଣାରେ ପରେ ଗ୍ରାମରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ବେଳେ ଘଟଣା ପ୍ରତି ଦୃଢ ନଜର ରଖାଯାଇଥିବା ସେ କହିଛନ୍ତି । ଭଞ୍ଜନଗର ଏସ୍ଡିପିଓ



ଡ,ଦିପକ କୁମାର ମିଶ୍ର ଏବଂ ଥାନା ଅଧିକାରୀ ଜିବନାନନ୍ଦ ଜେନାଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଟିମ ଉକ୍ତ ଗ୍ରାମରେ ପହଞ୍ଚି ଅଭିଯୁକ୍ତ ମାନଙ୍କୁ ଧରିବା ସହ ତଦନ୍ତ ଜାରି ରହିଥିବା ସେ କହିଛନ୍ତି । ପୁଲିସ କେସ ନମ୍ବର ୧୪୫/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି। ଛତ୍ରପୁରରୁ ଏକ ସାଇଣ୍ଟିଫିକ୍ ଟିମ୍ ସାର୍ଦ୍ଦୁଳ ଗ୍ରାମରେ ପହଞ୍ଚି ଛାନଭିନ କରିବା ସହ ରକ୍ତ ନମୁନା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ଫେରିଛନ୍ତି। ଏଭଳି କାହା ଉପରେ ଚୋର ସନ୍ଦେହ ହେଲେ ଆଇନକୁ ହାତକୁ ନନେଇ ପୁଲିସରେ ଜିମା ଦେବାକୁ ଶ୍ରୀ ଦେ ପ୍ରକାଶ କରିଛନ୍ତି ।

# ମାଇଁ ଭାରତ କେନ୍ଦ୍ର ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧୩।୨(ନି.ପ୍ର): ମାଇଁ ଭାରତ ଓ ତ୍ରିପୁରା କ୍ଲବର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା କେନ୍ଦ୍ରାପଡା ବ୍ଲକ ଅଧିନ ବଗଡା ସ୍ପୋର୍ଟସ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବାଡି, ଭଲିବଲ, ସ୍ଲୋ ସାଇକେଲ, ୧୦୦ ଓ ୨୦୦ ମିଟର ରେସ, ମ୍ୟୁଜିକ ଚେୟାର ପ୍ରଭୃତି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୧୫ରୁ ୨୯ବର୍ଷ ବୟସ ବର୍ଗର କ୍ରୀଡାବିତମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ କ୍ରୀଡାଶିକ୍ଷକ ଉମାକାନ୍ତ କର ଓ ପ୍ରଫୁଲ୍ଲ ପ୍ରଧାନ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ମାଇଁ ଭାରତ କେନ୍ଦ୍ରର ଜିଲ୍ଲା ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ବଗଡା ପଞ୍ଚାୟତ ସରପଞ୍ଚ ସୁବନୀ ସାହୁ, ବଗଡା ସ୍ପୋର୍ଟସ ଏକାଡେମୀ ସଭାପତି ସୁବୁଦ୍ଧି ଚରଣ ସାହୁ ଓ ଫକିର ଚରଣ ବାରିକ ପ୍ରମୁଖ ଯୋଗଦେଇ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କୃତି ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଗାଁ ସାଥି ସଂଘର ବିଡିଓଙ୍କୁ ଦାବିପତ୍ର

କଣାସ,୧୪।୨(ନିପ୍ର): କଣାସ ବ୍ଲକ ଗାଁ ସାଥି ସଂଘ ତରଫରୁ ବ୍ଲକ କାର୍ଯ୍ୟାଳୟରେ ବିଡିଓ ସୌମ୍ୟ ରନ ସ୍ୱାଇଁଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଗାଁ ସାଥିମାନଙ୍କୁ ଗାଁରେ ହେଉଥିବା କାର୍ଯ୍ୟସବୁ ସରପଞ୍ଚ ସେମାନଙ୍କୁ ନଜଣାଇ କରିବା। ବିଭିନ୍ନ କାର୍ଯ୍ୟର ଅର୍ଥ ଗାଁ ସାଥିମାନଙ୍କୁ ଦୁଇତିନି ବର୍ଷ ଧରି ପ୍ରଦାନ ନ କରିବା ପ୍ରସଙ୍ଗ ନେଇ ସେମାନେ ବିଡିଓଙ୍କୁ ଜଣାଇଥିଲେ। ପଞ୍ଚାୟତରେ ଦେଖାଦେଉଥିବା ସମସ୍ତ ସମସ୍ୟା ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା ପରେ ବିଡିଓ ଶ୍ରୀ ସ୍ୱାଇଁ ସେମାନଙ୍କୁ ଗାଁ ସାଥିମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ରହିଥିବା କହିଛନ୍ତି। ଅର୍ଥ ଆସିନଥିଲା।ଏବେ ଅର୍ଥ ଆସିଛି। କେଉଁମାନଙ୍କ ନାମ ମଷ୍ଟର ରୋଲରେ ଏଣ୍ଟ୍ରି ହେଇଛି ସେ ସବୁ ଦେଖିବେ ଏବଂ ଅର୍ଥ ପ୍ରଦାନର ବ୍ୟବସ୍ଥା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳରେ ପ୍ରେମାନନ୍ଦ ସାହୁ ,ସାଗର ମାନସିଂହ, ଅର୍ଜ୍ଜୁନ ନାୟକ ,ବିଶ୍ୱମ୍ବର ବୈରିଗନ,ରୀନାମଣୀ ସାମ'ରାୟ,ସୁଷମା ପରିଡା.ଜ୍ୟୋତ୍ସ୍ନାରାଣୀ ପାଲଟାସିଂହ,ପ୍ରମୋଦ ମାଂଟୁ, ସୁଷା' ପରିଡା ଓ ସମୀର ପ୍ରଧାନଙ୍କ ସହ ପ୍ରମୁଖ ଅନେକ ଗାଁ ସାଥିମାନେ ଉପସ୍ଥିତ ଥିଲେ ।


## AFFIDAVIT

By virtue of an affidavit sworn before the Executive Magistrate, Bijepur, dt.07-02-2026, I, Jala Dharua, S/o-Hedanga Dharua, Vill-Deheripali, Po-Badbausen, PS-Bijepur, Dist-Bargarh, Odisha, Pin-768032 declare that I have changed the name of my minor son from Bhagrathi Dharua (old name) to Aditya Dharua (new name). Henceforth, he will be known as Aditya Dharua for all purposes.

Jala Dharua
Deponent


# ଗଞ୍ଜାମ ଜିଲ୍ଲାପାଳଙ୍କ ଐତିହାସିକ ଯୋଗୀଗୁମ୍ଫା ପରିଦର୍ଶନ



ଭଞ୍ଜନଗର,୧୪।୨(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ବାଲିପଦର ଠାରେ ଥିବା ଐତିହାସିକ ଯୋଗୀଗୁମ୍ଫା ଘୁମୁସର ରାଜ ବଂଶଧରଙ୍କ ସମ୍ପର୍କ ରହିଥିବାରୁ ଉକ୍ତ ସ୍ଥାନ ପର୍ଯ୍ୟଟନ ସ୍ଥାନର ମାନ୍ୟତା ପାଇଁ ଦାବି ହୋଇ ଆସିଛି। ବିଖ୍ୟାତ କାଷ୍ଠ ଶିଳ୍ପୀ ଯୋଗୀ ମହାରଣାଙ୍କ ଏହି ଗୁମ୍ଫା ସାଧନା ପୀଠ ଥିଲା ।ନିଜ ଝିଅ କଳାବତୀଙ୍କର ଅବିକଳ କାଠର କଣ୍ଢେଇ ନିର୍ମାଣ କରି ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କୁ ଉପହାର ଦେଇଥିବା କିମ୍ବଦନ୍ତୀ ରହିଛି। ଏପରିକି କଣ୍ଢେଇକୁ ହାତଧରି ଚଲାଇଲେ ତାହା ଚାଲିପାରୁଥିବା କଥା କୁହା ଯାଇଛି।ଏହି ବିରଳ କଳାକୃତି ଘୁମୁସର ରାଜ୍ୟର ବାଲିପଦରରେ ରହିଥିବାରୁ ରାଜା ଧନଞ୍ଜୟ ଭଞ୍ଜ ଯୋଗୀ ମହାରଣାଙ୍କ ପରିବାର ବର୍ଗଙ୍କୁ ଶହଶହ ଭରଣ ଇନାମ ଜମି ଦାନ କରିଥିବା ପ୍ରମାଣ ରହିଛି। ଉକ୍ତ ସ୍ଥାନକୁ ପର୍ଯ୍ୟଟନ ସ୍ଥାନର ମାନ୍ୟତା ଓ କୃଷ୍ଣସାର ମୃଗ ମାନଙ୍କର ସୁରକ୍ଷା ଟାୱାର ସହ ପାହାଡକୁ ପାବଛର ବ୍ୟବସ୍ଥା କରିବାକୁ ଅଞ୍ଚଳ ବାସିଙ୍କ ଦାବି ରହି ଆସିଥିଲା। ଗତ ୧୨ ତାରିଖ ଦିନ ବାଲିପଦର ସରପଞ୍ଚଙ୍କ ସହଯୋଗରେ ଗଞ୍ଜାମ ଜିଲ୍ଲାପାଳ ପରିଦର୍ଶନ କରି ପାଞ୍ଚ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଯୋଗୀ ଗୁମ୍ଫା ପରିସରରେ ସରପଞ୍ଚ ପ୍ରତିନିଧି ସମାଜସେବୀ କୈଳସ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜେନ୍ଦ୍ର ମହାରଣା, ଦ୍ୟୁତିକୃଷ୍ଣ ବିଶ୍ୱାଳ, ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର, ପଦ୍ମ ଲୋଚନ ଗୌଡ, ସନ୍ୟାସୀ ମହାରଣା, ଜି. ସଞ୍ଜିବ କୁମାର ପାତ୍ର, ଦେବରାଜ ମହାରଣା, କୋରା ମଣି ମହାରଣା, କବିରାଜ ପରିଡା, ଦୁର୍ଯ୍ୟୋଧନ ମହାରଣା, ପୁରୁଷୋତ୍ତମ ମହାରଣା, ରଘୁନାଥ ମହାରଣା, ସିମାଞ୍ଚଳ ସାହୁ, କୁନା ମହାରଣା, ଧର୍ମେନ୍ଦ୍ର ବାଡତ୍ୟା, ଟୁନା ମହାରଣ, ସିମାଞ୍ଚଳ ପଣ୍ଡା ପ୍ରମୁଖ ଯୋଗଦେଇ ପରବର୍ତ୍ତୀ କାର୍ଯ୍ୟ ପନ୍ଥା ସ୍ଥିର କରବା ସହ କଳାବତୀ ଠାକୁରାଣୀଙ୍କ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ।

# ରେଡ଼ିଓ ସୁରଭିରେ ସ୍ଥାନ ପାଇଲା ମଧଖଣ୍ଡ ଲୋକକଳା ଦଣ୍ଡ ନୃତ୍ୟ

ଦଶପଲ୍ଲା,୧୪।୨(ନି.ପ୍ର): ବର୍ତମାନ ସମୟରେ ଲୋକ କଳା ସଂସ୍କୃତି ଅବା ପୁରାତନ ପରମ୍ପରା ଲୋପ ପାଇବାକୁ ବସିଥିବା ବେଳେ ଯୁବ ସମାଜ ପାଶ୍ଚାତ୍ୟ ସଭ୍ୟତା ର କବଳରେ କବଳିତ ହୋଇ ସାରିଲେଣି। ମାତ୍ର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧଖଣ୍ଡ ର କେତେକ ଯୁବ ବ୍ୟକ୍ତିତ୍ୱଙ୍କ ମଧରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗ୍ରାମର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଲୋକ ନୃତ୍ୟ ଦଣ୍ଡକଳା କମିଟି ସଦସ୍ୟ ଗ୍ରାମର କଳା ସଂସ୍କୃତି କୁ ବଜାୟ ରଖିଛନ୍ତି। ଶୁକ୍ରବାର ଦିନ ଭୁବନେଶ୍ୱରର ବୁଧେଶ୍ୱର ମନ୍ଦିରରେ ବିଶ୍ୱ ରେଡ଼ିଓ ଦିବସରେ ରେଡ଼ିଓ ସୁରଭି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଲୋକ ନୃତ୍ୟ ଦଣ୍ଡକଳା ର କେଳା କେଳୁଣୀ ଶୁଆଙ୍ଗ ପରିବେଷଣ କରିଥିଲେ। ରେଡ଼ିଓ ସୁରଭି ତରଫରୁ ସମସ୍ତ ଦଣ୍ଡପରିବାର



ର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ଜଜ ଓ ଦର୍ଶକ ପ୍ରଶଂସା କରିବା ସହିତ ଏକ ନମ୍ବର ହେବାର ମାନପତ୍ର ସମସ୍ତଙ୍କୁ ପ୍ରଦାନ କରିଥିଲେ।ପାଟଭୋଗତା ଓ ପରିଚାଳକ ସହିତ ସମସ୍ତ କଳାକାର ମାନଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ମଞ୍ଚରେ ସମ୍ମାନିତ କରିଥିଲେ ଏବଂ ଏହି ମଧଖଣ୍ଡ ଦଣ୍ଡ ନୃତ୍ୟକୁ ବିଶ୍ୱ ସ୍ତରୀୟ ମାନ୍ୟତା ପାଇଁ ରେଡ଼ିଓ ସୁରଭିରେ ସ୍ଥାନ ଓ ସମ୍ପୂର୍ଣ୍ଣ ଦଣ୍ଡ ନୃତ୍ୟ କୁ ଅଡିଓ ଓ ଭିଡ଼ିଓ ରେକର୍ଡିଙ୍ଗ କରି ଦୂରଦର୍ଶନରେ ପ୍ରସାରଣ ପାଇଁ ଆଗାମୀ ଦିନରେ ସ୍ଥାନ ଦେବାକୁ ସମସ୍ତ ଜଜ ଓ ରେଡ଼ିଓ ସୁରଭି ଓ ଏଫମ ରେଡ଼ିଓ ର ସଦସ୍ୟ ମାନେ ଜଣାଇଥିଲେ। ଗ୍ରାମବାସୀ ରେଡ଼ିଓ ସୁରଭି ତଥା ଅନ୍ୟ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ।

# ଅପରାଧ ରୋକିବାକୁ ଅଣ୍ଟା ଭିଡିଲେ ନୂତନ ଥାନା ଅଧିକାରୀ

କୋଇଡା,୧୪।୨(ନି.ପ୍ର): କୋଇଡା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଡିଜିପି ପୁରସ୍କୃତ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, କୋଇଡା ଖଣି ବହୁଳ ଅଞ୍ଚଳରେ ଦୈନନ୍ଦିନ ବଢୁଥିବା ଚୋରି ,ଡକାୟତି ଓ ବିଭିନ୍ନ ଅପରାଧୀକ ମାମଲା ରେ ଅଙ୍କୁଶ ଲଗାଇବା ପାଇଁ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି ।ଶନିବାର କୋଇଡା ସହର ସାରା ଉଚ୍ଚମାନର ୨୭ ଗୋଟି ୱେବ୍ ସିସିଟିଭି କ୍ୟାମେରା ଲଗାଇବା ସହ ଖୁବ୍ ଶୀଘ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳ ରାସ୍ତା , ବାଇପାସ୍ ଓ ମୁଖ୍ୟ ଛକ ମାନଙ୍କରେ ସିସି ଟିଭି କ୍ୟାମେରା ଲଗାଯିବାର ପ୍ରସ୍ତାବ ରହିଛି ଏବଂ ସିସିଟିଭି କ୍ୟାମେରା ଲଗାଇବା ଦ୍ୱାରା ଅପରାଧୀକ ମାମଲା ହ୍ରାସ ହେବା ସହିତ ଟ୍ରାଫିକ୍ ନିୟନ୍ତ୍ରଣ ରେ ବେସ୍ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ ।

# ପୁଲୱାମାରେ ସହିଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଗାଇସିଲେଟ,୧୪।୨(ନି.ପ୍ର)ପୁଲ୍ୱାମା ଠାରେ ୨୦୧୯ ମସିହା ୧୪ ଫେବୃଆରୀ ତାରିଖରେ ଘଟିଥିବା ନିର୍ମମ ଆତ୍ମଘାତୀ ଆକ୍ରମଣରେ ୪୦ ଜଣ ବୀର ଯବାନ ଦେଶର ସୁରକ୍ଷା କରିବା ବେଳେ ସର୍ବୋଚ୍ଚ ବଳିଦାନ ଦେଇଥିଲେ।ଏହି ଦିନକୁ ଅବସର କରି ଦେଶର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା, ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଓ ନିରବ ପ୍ରାର୍ଥନାର ଆୟୋଜନ କରାଯାଇଥିବା ବେଳେ ଶନିବାର ଗାଇସିଲେଟ ଯୁଥ୍ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଶହୀଦ ଛକଠାରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝି, ଥାନାଧିକାରୀ ଏମ.ମିଞ୍ଜ,ସରପଞ୍ଚ ଶରତ କାଲୋ, ସଂଜୟ ପୁରୋହିତ, ସୁଶାନ୍ତ ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘର ସଭାପତି ରବିନ୍ଦ୍ର ପଣ୍ଡା, ବଣିକ ସଂଘର ସଭାପତି ଖିରେଶ୍ୱର ସେଠ,ସରୋଜ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

# କିନ୍ନର ସଂଘ ସଦସ୍ୟଙ୍କୁ ପ୍ରମାଣପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ନବରଙ୍ଗପୁର, ୧୪।୨ (ନି.ପ୍ର): ନବରଙ୍ଗପୁର ନୂତନ ମଣ୍ଡେଇ ପଡିଆ ଠାରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘର ସଦସ୍ୟଙ୍କୁ କିନ୍ନର ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ନିଜେ ମୁଖ୍ୟମନ୍ତ୍ରୀଙ୍କ କିନ୍ନରମାନଙ୍କୁ ମଞ୍ଚରେ କିନ୍ନର ପ୍ରମାଣପତ୍ର ପ୍ରଦାନ କରିଥିବାରୁ ଜିଲ୍ଲା କିନ୍ନର ସଂଘର ସମସ୍ତ ସଦସ୍ୟ ଖୁସି ପ୍ରକଟ କରିଛନ୍ତି । ଏହି ଅବସରରେ କିନ୍ନର ସଂଘର ଅଧକ୍ଷ



ମନୋଜ କୁମାର ପଟନାୟକ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି । ଉକ୍ତ ଖବର ପ୍ରସାରିତ ହେବା ପରେ କିନ୍ନର ସଂଘର ମୁଖ୍ୟ ପରାମର୍ଶଦାତା ସମାଜସେବୀ ଜଗନ୍ନାଥ ମହାପାତ୍ର, ଅନ୍ୟତମ ଉପଦେଷ୍ଟା ଉମରକୋଟର ବରିଷ୍ଠ ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର , ସଂଘର ମହିଳା ଉପଦେଷ୍ଟା ତଥା ସମାଜସେବୀ ଶର୍ମିଷ୍ଠା ଦେଓ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧାପିକା ଡକ୍ଟର ସଂଯୁକ୍ତା ପଣ୍ଡା, ପ୍ରିନ୍ସିପାଲ ସ୍ୱର୍ଣ୍ଣଲତା ପଟ୍ଟନାୟକ, ଇଞ୍ଜିନିୟର ଚନ୍ଦନା ମଲ୍ଲିକ, ଅନ୍ୟତମ ଉପଦେଷ୍ଟା ସମାଜସେବୀ ନୀନୀବାବୁ ତ୍ରିପାଠୀ, ଅଧାପକ ଅଖିଳ ଭଞ୍ଜ, ସମାଜସେବୀ ଦୁର୍ଗା ପାଢ଼ୀ,ସମାଜସେବୀ ମନୋଜ ପାଢି, କିନ୍ନର ସଂଘର ସଭାପତି କାଜୋଲ ଏବଂ ସମ୍ପାଦକ ଚୁମୁକି କିନ୍ନର ସମେତ ସମାଜ କଲ୍ୟାଣ ଅଧିକାରୀ ସୁଧାଂଶୁ ପାତ୍ର ପ୍ରମୁଖ ଖୁସି ପ୍ରକଟ କରିଛନ୍ତି ଏବଂ ସମସ୍ତ କିନ୍ନର ସଦସ୍ୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ: (୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ : https://oshb-org
ପତ୍ରସଂଖ୍ୟା- ୩୦୮ ତା: ୨୧-୦୧-୨୦୨୬

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ- ଏଲ୍.ଆଇ.ଜି. ୬୦୫ (LIG-605) ଡୁମୁଡୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର, ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ କ୍ଷେତ୍ରମୋହନ ବିଶୋଇ, ପିତା- ଭୀମ ବିଶୋଇ, ସା/ପୋ- ଡୁରୁମ୍, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରାହୀତା ଶ୍ରୀ କ୍ଷେତ୍ରମୋହନ ବିଶୋଇ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ୧. ପ୍ରମୋଦ କୁମାର ବିଶୋଇ, ପିତା-କ୍ଷେତ୍ରମୋହନ ବିଶୋଇ, ୨. ଗଙ୍ଗା ବିଶୋଇ, ପିତା- କ୍ଷେତ୍ରମୋହନ ବିଶୋଇଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହ (ଦୋକାନ)ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାଇ କରାଯାଇପାରେ ।

Caption No: 13001/242/2526
ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଏପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ: www://oshb.org
ପତ୍ରସଂଖ୍ୟା-୦୩ ତା: ୦୩-୦୨-୨୦୨୬

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପ୍ରଥମପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱର ଫ୍ଲାଟ ଗୃହ ନଂ ଏଲ୍.ଆଇ.ଜି-୧୮/୭ (LIG-18/7) ଟିଙ୍କୁ ଆଲେନୁର ଖାନ, ପିତା-ହାସିମ ଖାନ୍, ସା.ଏନ୍.ଏସି. ୱାର୍ଡ଼ ନଂ-୧, ପୋ-କାନ୍ତ ବଲ୍ଲଭପୁର, ଥାନା/ଜିଲ୍ଲା-ଜଗତସିଂହପୁରଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଆଲେନୂର ଖାନ୍ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସର୍ବେଶ୍ୱର ଦାସ, ପିତା-ଡମ୍ବରୁଧର ଦାସ, ଗ୍ରାମ-ଚନ୍ଦ୍ରଶେଖରପୁର, ପୋ-ସଂପୁର, ଥାନା-ବୋଲଗଡ଼, ଜିଲ୍ଲା-ଖୋର୍ଦ୍ଧା ଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସତ୍ତ୍ୱେ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

Caption No: 13001/242/2526
ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ : www.oshb.org
ପତ୍ରସଂଖ୍ୟା- ୦୨ ତା: ୦୩-୦୨-୨୦୨୬

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ- ବୈକୁଣ୍ଠ ବିହାରୀ ଦାଶ<br>ପିତା- ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ଦାଶ<br>ଗ୍ରାମ-ଶରପଡ଼ା,<br>ପୋ-ନିଶ୍ଚିନ୍ତ କୋଇଲି,<br>ଥାନା-ସାଲେପୁର,<br>ଜିଲ୍ଲା-କଟକ | ଘର ନଂ-ଘର ଜି/ଏଲ୍-୫୧<br>(G/L-51)<br>ଭି.ଏସ୍.ଏସ୍.ନଗର,<br>ତୃତୀୟ ପର୍ଯ୍ୟାୟ<br>କମ୍ପୋଜିଟ୍ ହାଉସିଂଙ୍ଗ ପ୍ରକଳ୍ପ<br>ଭୁବନେଶ୍ୱର ଜିଲ୍ଲା-ଖୋର୍ଦ୍ଧା | ୧. ସ୍ୱର୍ଣ୍ଣଲତା ଦାଶ (ସ୍ତ୍ରୀ)<br>୨. କଳ୍ପନା ମିଶ୍ର (ବି ଝିଅ)<br>୩. ଆଶୁତୋଷ ଦାଶ (ପୁଅ)<br>୪. ଆଦିତ୍ୟ ପ୍ରସାଦ ଦାଶ (ପୁଅ)<br>୫. କଲ୍ୟାଣି ଦାଶ (ବି ଝିଅ)<br>୬.କାଦମ୍ବିନି ଦେବ (ବି ଝିଅ) |

Caption No: 13001/236/2526
ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ଜାଗର ଉତ୍ସବକୁ ନେଇ କପିଳାସ ପୀଠ ଚଳଚଞ୍ଚଳ

ଢେଙ୍କାନାଳ, ୧୪।୨ (ନି.ପ୍ର): ଭାରତ ବର୍ଷରେ ଯେତେ ସବୁ ଶୈବ ପୀଠ ରହିଛି ତନ୍ମଧ୍ୟରୁ ପାହାଡ଼ର ଶିଖରରେ ପୂଜା ପାଉଥିବା କପିଳାସ ପୀଠର ବାବା ଚନ୍ଦ୍ରଶେଖର ମହାପ୍ରଭୁ । ଏହି ଶୈବ ପୀଠଟି ଢେଙ୍କାନାଳ ଜିଲ୍ଲାର ସଦର ମହକୁମା ଠାରୁ ୨୬କିଲୋମିଟର ଦୂରରେ ଅବସ୍ଥିତ, ଓ ସମୁଦ୍ର ପତନ ଠାରୁ ୨୨୩୯ଫୁଟ ଉଚ୍ଚରେ ଏହି ମନ୍ଦିର ବିଦ୍ୟମାନ।ଏ ଉକ୍ତ ମନ୍ଦିର ଚିତ୍ରୁ ଘେରି ରହିଛି ଏକ ସୌନ୍ଦର୍ଯ୍ୟ ଶାଳିନୀ ବନାଞ୍ଚଳ । ପ୍ରତିଦିନ ଉକ୍ତ ପୀଠକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ପ୍ରଭୁଙ୍କର ଦର୍ଶନ ପାଇଁ ଆସିଥାନ୍ତି ତତ ସହିତ ଏଠାରେ ଥିବା ପ୍ରାକୃତିକ ପରିବେଶର ମଜ୍ଜା ନେଇଥାନ୍ତି । ସେହିପରି ଏଠାରେ ବିଜ୍ଞାନ ଉଦ୍ୟାନ, ମୃଗ ବିହାର, ହାତୀ ଆଶ୍ରୟ ସ୍ଥଳୀ ଆଦି ଅନେକ ଦର୍ଶନୀୟ ସ୍ଥାନ ରହିଛି । ଉକ୍ତ ମନ୍ଦିରର ଶିଖରକୁ ଯିବାକୁ ହେଲେ ଦୁଇଟି ବାଟ ରହିଛି । ୧୩୫୨ପାହାଚ ଓ ବାଉ ଗୋଟି ବାଙ୍କକୁ ନେଇ ରହିଛି ଘାଟକୁ ରାସ୍ତା, ମୁଖ୍ୟ ମନ୍ଦିରର ଉଚ୍ଚତା ୬୦ଫୁଟ ରହିଛି, ଉକ୍ତ ମନ୍ଦିରର ଜଗମୋହନ ସମ୍ପୂର୍ଣ୍ଣ ଭାବରେ ଚନ୍ଦନ ଗଛର କାଠରେ ନିର୍ମାଣ ହୋଇଛି । ଏଣୁ ପାର୍ଶ୍ୱ ଦେବା ଦେବୀ ମାନଙ୍କ ମଧ୍ୟର ମା ପାର୍ବତୀଙ୍କର ମନ୍ଦିର, ନାରାୟଣ ମନ୍ଦିର, ବିଶ୍ୱନାଥ ମନ୍ଦିର, ଗଣେଶ ମନ୍ଦିର, ଭୈରବୀ ମନ୍ଦିର, ହନୁମାନ ମନ୍ଦିର, ଚଣ୍ଡୀ ମନ୍ଦିର କ୍ଷେତ୍ରପାଳ



ମନ୍ଦିର ଆଦି ରହିଛି । ଏହି ପୀଠରେ ମୁଖ୍ୟତ ଭଲବମ ସମୟରେ ଓ ମହାଶିବରାତ୍ରି ଜାଗର ମେଳା ସମୟରେ ଲକ୍ଷାଧିକ ଭକ୍ତ ମାନଙ୍କର ସମାଗମ ହୋଇଥାଏ । ବିଶେଷ କରି ମହାଶିବ ରାତ୍ରିରେ ପ୍ରଭୁଙ୍କର ବିଶେଷ ପୂଜା ନାଗ ଭରଣ ବେଶ ହୋଇଥାଏ ସୁନାରେ ତିଆରି ମକୁଟ ଠାକୁରଙ୍କର ମସ୍ତକରେ ଲାଗିଥାଏ ଅନୁଷ୍ଠିତ ହୋଇଥାଏ ଯାହାକୁ ଅନ୍ୟ ଶୈବ ପୀଠରେ ଦେଖିବାକୁ ମିଳିନଥାଏ । ସେହିପରି ଯୋଗୀ ବେଶ ଓ ହରିହର ଭେଟ ହୋଇଥାଏ । ଉକ୍ତ ମନ୍ଦିରଟି ୧୨୪୬ ଖ୍ରୀଷ୍ଟାବ୍ଦ ରେ ନିର୍ମିତ ହୋଇଥିଲା ଗଙ୍ଗା ବଂଶର ରାଜା ପ୍ରଥମ ପୁରୁଷୋତ୍ତମଦେବ ନିର୍ମାଣ କରିଥିଲେ । ଉକ୍ତ ତିର୍ଥକ୍ଷେତ୍ରକୁ ଦ୍ୱିତୀୟ କୈଳାଶ ବୋଲି କୁହାଯାଏ, ଉକ୍ତ ସ୍ଥାନରେ କପିଳ ମୁନିଙ୍କର ଆଶ୍ରମ ଥିଲା ତାଙ୍କର ନାମ ଅନୁସାରେ ଉକ୍ତ ସ୍ଥାନର ନାମ କପିଳାସ ବୋଲି କିମ୍ବଦନ୍ତୀ କୁହେ । ସେହିପରି ଏହି ପୁଣ୍ୟ କ୍ଷେତ୍ରରେ ସ୍ୱର୍ଗର ଦେବତା ମାନେ ସଭା କରିଥିବାର ଜଣାଯାଏ ଯେଉଁ ସ୍ଥାନରେ ଏହି ସଭା ହୋଇଥିଲା ତାହା ବର୍ତ୍ତମାନ ଦେବ ସଭା ନାମରେ ବିଦ୍ୟମାନ, ସେହିପରି ଏଠାରେ ମା' ପାର୍ବତୀଙ୍କର ଏକୁଟି ଶାଳ ରହିଛି । ଉକ୍ତ ପୀଠର ଅନେକ ବିଶେଷତ୍ୱ ଏବେବି ଲୁକାୟିତ ଭାବରେ ରହିଛି । କେତେକ କ୍ଷେତ୍ରରେ ଉକ୍ତ ପୀଠର ନାମ ଗୁପ୍ତ କ୍ଷେତ୍ର ବୋଲି ଶୁଣିବାକୁ ମିଳିଥାଏ ଗୋଟିଏ ଲୋକ କଥା ରହିଛି କଳିଯୁଗରେ ଢେଙ୍କାନାଳରେ ଡାକୁଣୀ ଖୋଲିବ ତାହାହିଁ ଉକ୍ତ ଶୈବ ପୀଠକୁ ଆରମ୍ଭ ହୋଇ କଳିଯୁଗର ସଂହାର ହୋଇପାରେ ବୋଲି କୁହାଯାଏ ।

# ୮ ମନ୍ଦିରରୁ ଚୋରି ଅଭିଯୋଗ

ଚିଲିକା, ୧୪।୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଓ ବାଣପୁର ଅଞ୍ଚଳରୁ ଦିନକୁ ଦିନ ଚୋରି ବୃଦ୍ଧି ହେଉଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ବାଲୁଗାଁ ଅଞ୍ଚଳରୁ ୮ଟି ମନ୍ଦିରରୁ ଚୋରି ହୋଇଛି । ସରକାପଦର ଗ୍ରାମର ମା' ଉତ୍ତରାୟଣୀ ମନ୍ଦିର, ସାମନ୍ତ ରାପୁର ଦଧିବାମନ ମନ୍ଦିର ଓ ହନୁମାନ ମନ୍ଦିର, ଗୁପ୍ତେଶ୍ୱର ଦେବ ମନ୍ଦିର, ଗାନ୍ଧୀ ନଗରର ମା 'ଭଗବତୀ ଗିରି ଦୁର୍ଗା। ମନ୍ଦିର ଓ ବାଲୁଗାଁ କାଳିଜାଇ ଯୋଗାଣୀ ନିକଟରେ ଅବସ୍ଥିତ ମା 'କାଳିଜାଇ ମନ୍ଦିର ଏପରି ୮ଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଦାନ ବାକ୍ସରୁ ଟଙ୍କା ଦୁର୍ବୃତ୍ତ ମାନେ ଚୋରି କରି ଚମ୍ପଟ ମାରିଛନ୍ତି । ମା' ଉତ୍ତରାୟଣୀ ମନ୍ଦିରରୁ ରୁପା କିରିଟି,ରୁପା ଚିତା, ସାମନ୍ତରା ପୁର ଦଧିବାମନ ମନ୍ଦିରରୁ ଦାନକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କା,କିରିଟ, ଚିତା,ରୁପା ବଂଶି, ବାଉଟି,ଜେନ ଆଦି ନାନା ଅଳଙ୍କାର ଚୋରି ହୋଇଛିପ୍ରତ୍ୟେକ ମନ୍ଦିରରୁ ଅଳଙ୍କାର ଓ ଦାନକ୍ସ ଭାଙ୍ଗି ଟଙ୍କା ନେଇ ଲୁଟ ମାରିଛନ୍ତି । ସବୁଦିନ ପରି ପୂଜାରୀ ପୂଜା କରି ମନ୍ଦିରରେ ତାଲା ମାରି ଯାଇଥିଲେ । କିନ୍ତୁ ସକାଳୁ ଆସି ଦେଖନ୍ତି ସମସ୍ତ ମନ୍ଦିରର ତାଲା ଭଙ୍ଗା ହୋଇ ତଳେ ପଡ଼ିଛି ଏବଂ ଦାନବାକ୍ସ ତାଲା ଭଙ୍ଗା ହୋଇ ପଡ଼ିଛି । ଏ ସମ୍ପର୍କରେ ପୂଜାରୀ ମନ୍ଦିର ପରିଚାଳନା ସମିତିକୁ ଜଣେଇଲା ପରେ ବାଲୁଗାଁ ଥାନରେ ଲିଖିତ ଅଭିଯୋଗ ହୋଇଛି । ବାଲୁଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ବିଭିଜି ରାମଜି କର୍ମଶାଳା



ଖୋର୍ଦ୍ଧା, ୧୪।୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଭାରତ ସରକାରଙ୍କ ନୂତନ ଯୋଜନା ବିକଶିତ ଭାରତ ଗ୍ରାମୀଣ ରାମଜି ଯୋଜନାର କାର୍ଯ୍ୟକାରିତା, ନିୟମ,ଗ୍ରାମାଞ୍ଚଳରେ କିଭଳି ଲୋକମାନେ ସୁବିଧା ପାଇବେ ତାହାର ବିଭିନ୍ନ ପ୍ରଣାଳୀ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁଙ୍କ ସଭାପତିତ୍ୱରେ ଏହି କର୍ମଶାଳାରେ ବ୍ଲକର ସମସ୍ତ ୨୦ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ର୍ନିବାହୀ ଅଧିକାରୀ, ଏଡିଓ,ସମସ୍ତ ଯନ୍ତ୍ରୀ, ଅଧିକାରୀ ଉପସ୍ଥିତ ଥିଲା ବେଳେ ବିଡ଼ିଓ ଦେବୀ ପ୍ରସାଦ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ନିରଞ୍ଜନ ବିଶ୍ୱାଳ, ସହକାରୀ ପୋଗ୍ରାମ ଅଧିକାରୀ ସସ୍ମିତା ନାଥ, କେନ୍ଦ୍ର ସରକାରଙ୍କ ସବୁଠୁ ଜନହିତକର ଯୋଜନା ବିଭିଜି ରାମଜି ଯୋଜନାର ରୂପରେଖ ସରକାରୀ ନୀତିନିୟମ, କିଭଳି ଲୋକଙ୍କୁ ଅଧିକରୁ ଅଧିକ କାମ ଯୋଗାଇ ଶ୍ରମ ଦିବସ ସୃଷ୍ଟି କରାଯିବ, ସ୍ଥାନୀୟ ଗ୍ରାମପଂଚାୟତ, ଗ୍ରାମର, ସାମୁହିକ ବିକାଶ କରାଯିବ ତାହା ଉପରେ ଆଲୋକପାତ କରିଥିଲେ । ଏହି ଅବସରେ ଲୋକ ପ୍ରତିନିଧି ମାନେ ନିଜ ନିଜର ମତ ରଖିଥିଲେ ।

# ଅଲ ଇଣ୍ଡିଆ ଭଲିବଲ୍ ଉଦ୍‌ଘାଟିତ

ଡୁଙ୍ଗୁରିପାଲି, ୧୪।୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଉଦ୍‌ଘାଟିତ ହେଲା ୨ ଦିନିଆ ଅଲ ଇଣ୍ଡିଆ ଦିବାରାତ୍ର ଭଲିବଲ ମ୍ୟାଚ୍ । ଡୁଙ୍ଗୁରିପାଲି ରାମପୁର ରୋଡ ସ୍ଥିତ ରାଧାକୃଷ୍ଣ ଖେଳ ପଡିଆ ଠାରେ ଭଲିବଲ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଏଇ ୫୨ ତମ ଅଲ ଇଣ୍ଡିଆ ମ୍ୟାଚ୍‌କୁ ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରାଯାଇଥିଲା । ପ୍ରଥମ ମ୍ୟାଚ ପୁନେ (ଇନକମଟେକ୍ସ) ଓ ଜବଲପୁର (ରେଲୱେ) ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଜବଲପୁର ରେଲୱେ ବିଜୟ ହୋଇଛି । ହରିଆଣା ଏବଂ ପଶ୍ଚିମ ଓଡିଶା ଯୁବମଞ୍ଚ ମଧ୍ୟରେ ଖେଳ ଚାଲିଛି । ସେହିପରି ଏଥିରେ ଜଗତସିଂହ ଏସପି ଭବାନୀ ଶଙ୍କର ଉଦଗାତା,ସୋନପୁର ଏସପି ନାରାୟଣ ନାୟକ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ଔତେବେ ଏଇ ଅଲ ଇଣ୍ଡିଆ ମ୍ୟାଚ୍‌କୁ ଦେଖିବା ପାଇଁ ପ୍ରବଳ ଦର୍ଶକଙ୍କ ଭିଡ଼ ଜମିଥିବା ବେଳେ ସମ୍ବଲପୁରୀ ନାଚଗୀତ ପରିବେଷଣ ମଧ୍ୟ ହୋଇଥିଲା ।

# ଜଙ୍ଗଲ କାଟିବା ଅଭିଯୋଗରେ ୩ ଗିରଫ

ବାଲିଗୁଡ଼ା:୧୪।୨(ନି.ପ୍ର): ଜଙ୍ଗଲରୁ ମୂଲ୍ୟବାନ ଗଛ କାଟିବା ବେଳେ ବନ ବିଭାଗର ଚଢ଼ାଉ । ଘଟଣାରେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ବନବିଭାଗ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ତୁମୁଡ଼ିବନ୍ଧ ରେଞ୍ଜ ହରିପୁର ସଂରକ୍ଷିତ ଜଙ୍ଗଲରୁ ଗଛ କାଟୁଥିଲେ ଅଭିଯୁକ୍ତ । ଘଟଣା ସମ୍ପର୍କରେ ସୂଚନା ପାଇ ବନରକ୍ଷୀ ରୂପଶ୍ରୀ ଦିଗାଳ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କ ସହଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଟାଯାଇଥିବା ମୁଲ୍ୟବାନ ଗଛକୁ ଜବତ କରିଛନ୍ତି । ଗିରଫ ତିନି ଅଭିଯୁକ୍ତ ମାଦାଗୁଡ଼ା ଗ୍ରାମର ସାଜି ମଲ୍ଲିକ, ମିନାକ୍ଷୀ ମଲ୍ଲିକ ଓ ତିମାସ୍ ମଲ୍ଲିକ ହୋଇଥିବା ବେଳେ ଘଟଣାସ୍ଥଳରୁ ୨୯ ଟି ମୁଲ୍ୟବାନ ଗଛର ଗଣ୍ଡିକୁ ଜବତ କରିଛି ବନବିଭାଗ । ଅଭିଯୁକ୍ତ ମାନେ ସଂରକ୍ଷିତ ଜଙ୍ଗଲ କାଟି ସଫା କରି ଜବରଦଖଲ କରିବା ପାଇଁ ଚେଷ୍ଟା କରୁଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଏନେଇ ବନ୍ୟ ସଂରକ୍ଷ ଜଙ୍ଗଲ କାଟିବା ଅଭିଯୋଗରେ ୩ ଜଣକୁ ଗିରଫ କରିଛି ।

# କଳାହାଣ୍ଡି କ୍ରିକେଟ କପ୍ ପାଇଁ ନବରଙ୍ଗପୁର ଜିଲ୍ଲା ଦଳ ଚୟନ

ନବରଙ୍ଗପୁର, ୧୪।୨ (ନି.ପ୍ର): ରାଜ୍ୟ କ୍ରିକେଟ୍ ସଂଘ ଆନୁକୁଲ୍ୟରେ ଆସନ୍ତା ୧୭ ତାରିଖରୁ କଟକ ଠାରେ ଆନ୍ତଃ ଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫୦ ଓଭର୍ କ୍ରିକେଟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଏଥି ନିମନ୍ତେ ନବରଙ୍ଗପୁର ଜିଲ୍ଲା ଦଳ ଚୟନ କରାଯାଇଛି । ଜିଲ୍ଲା କ୍ରିକେଟ ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏକ ୧୫ ଜଣିଆ ଖେଳାଳୀ ଘୋଷଣା କରିଛନ୍ତି । ଏଥିରେ ଅଂଶୁମାନ ତ୍ରିପାଠୀ ଅଧିନାୟକ ଭାବେ ଚୟନ ହୋଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଦିଲୀପ ବିଷୋୟୀ, ଶେଖ୍ ରିଆଜ, ଜି.ଆର୍ଯ୍ୟାନ୍, ଶୁକେଶ ହୀରା, ଦିନେଶ ଶ୍ରୀବାସ୍ତବ ତାନବିର ବେଗ, ଶୁଭମ୍ ନାୟକ, ଅର୍ଜୁନ ମାଲ୍ୟା, ଦୀପକ ତ୍ୱିରୀ, ଅଙ୍କିତ ଯାଦବ, ସୁମି ବାଘ, ହରିତିକ ସାମ୍ୟାଲ, ଦେବରାଜ ସିଂ ରାଜପୁତ, ଏସ.ସାଇ କୁମାର ଏବଂ ଏନ. ବିଜୟ ଜଗେନ୍ଦ୍ର ପ୍ରମୁଖ ଚୟନ ହୋଇଛନ୍ତି । କୋଚ୍ ଭାବେ ଚନ୍ଦ୍ରଶେଖର ରାଜା ଏବଂ ମ୍ୟାନେଜର ଭାବରେ ଶଶାଙ୍କ ଶେଖର ବେହେରା ଦାୟିତ୍ୱ ତୁଲାଇବେ ବୋଲି କ୍ରିକେଟ ସଂଘ ସଂଘର ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ଏବଂ କହିଛନ୍ତି ଯେ ନବରଙ୍ଗପୁର ଜିଲ୍ଲା ଦଳ ଫେବୃଆରୀ ୧୭ ତାରିଖ ରୁ ୨୨ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର, ସୁନ୍ଦରଗଡ଼, ନୟାଗଡ଼, କେନ୍ଦ୍ରାପଡ଼ା ଏବଂ ଢେଙ୍କାନାଳ ସହ ଲିଗ୍ ମ୍ୟାଚ୍ ଖେଳିବେ । ଜିଲ୍ଲାର କ୍ରିକେଟ ସଂଘର ସମସ୍ତ ସଦସ୍ୟ ସମେତ ପ୍ରାକ୍ତନ ବରିଷ୍ଠ କ୍ରୀଡାବିତ୍ ମାନେ ଦଳର ସଫଳତା ନିମନ୍ତେ ଶୁଭକାମନା ଜଣାଇଛନ୍ତି ।

# ଓଡ଼ିଶା ପାଠ୍ୟକ୍ରମ ରୂପରେଖ ତାଲିମ୍ ଉଦ୍‌ଯାପିତ

ଟିକାବାଲି, ୧୪।୨ (ନି.ପ୍ର): ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରରେ ପ୍ରସ୍ତୁତ ଓଡ଼ିଶା ପାଠ୍ୟକ୍ରମ ରୂପରେଖ -୨୦୨୫ ଏଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ପାଠ୍ୟ ପୁସ୍ତକର ପରିଚାଳନା ସମ୍ପର୍କୀୟ ପଞ୍ଚ ଦିବସୀୟ ତାଲିମର ଟିକାବାଲି ବ୍ଲକ୍‌ର ବ୍ଲକ୍ ସ୍ତରୀୟ ତାଲିମର ତୃତୀୟ ତଥା ଶେଷ ପର୍ଯ୍ୟାୟ ତାଲିମ୍ ଉଦ୍‌ଯାପିତ ହୋଇଯାଇଛି । ପ୍ରତ୍ୟେକ ପର୍ଯ୍ୟାୟରେ ୯୦ ଜଣ ଲେଖାଏଁ ମୋଟ ୨୭୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ । ସମ୍ବଳ ଶିକ୍ଷକ ଭାବେ ପବିତ୍ର କୁମାର ସାହୁ, ଜୟ ପ୍ରକାଶ ପାତ୍ର ଏବଂ ସୁଶ୍ରୀ ସ୍ମୃତି ସନ୍ଧ୍ୟା ସମସ୍ତ କାଳାଂଶକୁ ସୁନ୍ଦର ଭାବରେ ପରିଚାଳନା କରିଥିଲେ ।

# ୧୬ ରୁ ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ସୁବର୍ଣ୍ଣପୁର, ୧୪।୨ (ନି.ପ୍ର): ଆସନ୍ତା ଫେବୃୟାରୀ ୧୬ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗାନ୍ଧୀ ପଡିଆ ଠାରେ ସର୍ବଭାରତୀୟ ସ୍ତରରେ ୧୭ତମ ରାମଧୁନ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ପ୍ରଥମଥର ପାଇଁ ଚଳିତ ବର୍ଷ ସୁଦୁର ନାଇଜେରିଆ ଓ ନେପାଳ ଭଳି ଦେଶର ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ




ଭାଗନେଇଥିବା ଯୋଗୁଁ ଉଭୟ ଆୟୋଜକ ଓ ଦର୍ଶକ ମହଲରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଛି । ନକ୍ ଆଉଟ୍ ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ କଲିକତା ଓ କନ୍ଧମାଳ ମଧ୍ୟରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ ବରଗଡ଼ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ । ଉଭୟ ଦିନର ବିଜୟୀ ଦଳ ପ୍ରଥମ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହେବେ । ସେହିପରି ପୁଲ ବି ରେ (କଲିକତା)ନାଇଜେରିଆ ଓ ଜଗା ଇଉନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଓ ପରବର୍ତ୍ତୀ ଦିନରେ ଆୟୋଜକ ରାମଧୁନ କ୍ଲବ ସୁବର୍ଣ୍ଣପୁର ଓ ଜେବିଏମ୍ ୟୁନାଇଟେଡ ଏଫ୍ସି ନେପାଳ ମଧ୍ୟରେ ଅନୁଷ୍ଠିତ ହୋଇ ଉଭୟ ଦିନର ବିଜୟୀ ଦଳ ସେମିଫାଇନାଲ ମ୍ୟାଚ ଖେଳିବେ । ଏହି ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳ ୨୨ ତାରିଖରେ ଖେଳାଯିବା ନେଇ ଆଜି ସ୍ଥାନୀୟ ଗାନ୍ଧୀ ପଡିଆ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆୟୋଜକ ମଣ୍ଡଳୀ । ପ୍ରଥମଥର ପାଇଁ ରାମଧୁନ କ୍ଲବ ଓ ଜିଲ୍ଲା କ୍ରୀଡାସଂଘ ମିଳିତ ଭାବରେ ଏହି ରାମଧୁନ କପ୍ ୨୦୨୬ ଆୟୋଜକ ରହିଥିବା ହେତୁ ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟଟି ଚିତ୍ତାକର୍ଷକ ରହିଥିବା ଜଣାପଡିଛି । ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ସଂଘ ଉପଦେଷ୍ଟା କଇରୁ ସ୍ୱାଇଁ, ରାମଧୁନ କ୍ଲବ୍ ଉପଦେଷ୍ଟା ଶ୍ରୀବସ୍ତ ମଲ୍ଲିକ, କ୍ରିଡ଼ା ସଂଘ ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ, ସତ୍ୟ ନାରାୟଣ ରାଓ, ସଂପାଦକ ପୀୟୂଷ କୁମାର ପଣ୍ଡା, ସଦସ୍ୟ ଗଣେଶ ମେହେର, କ୍ରୀଡ଼ା ସଂଘ କାର୍ଯ୍ୟ କାରିଣୀ ସଦସ୍ୟ ଜିତେନ୍ଦ୍ର ସାହୁ, ରବି ଦେହୁରୀ, କମଳା ସାହୁ, ବୁବୁନ ନାଏକ, ଫୁଟବଲ ସଂପାଦକ ରାଜିବ ସାହୁ ପ୍ରମୁଖ ମଞ୍ଚ ରେ ଉପସ୍ଥିତ ରହି ସମସ୍ତଙ୍କ ଉଦ୍ୟମ ଓ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟଟି ସଫଳ କରିପାରିବା ବୋଲି କହି ଏ ସୁନ୍ଦର ସବୁଜ ପଡ଼ିଆ ପାଇଁ ସମସ୍ତ କ୍ରୀଡ଼ା ଅନୁଷ୍ଠାନ ଓ ସହର ବାସୀ ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତା



ଫୁଲବାଣୀ, ୧୪।୨ (ନି.ପ୍ର): ମାଇଁ ଭାରତ ଫୁଲବାଣୀ ତରଫରୁ ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମ ଫୁଲବାଣୀ ଠାରେ ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସରକାରୀ ଆଇନ ଯିବି ତଥା ରାଜ୍ୟ ଭାରତୀୟ ଜନତା ପାର୍ଟି ସାଧାରଣ ସମ୍ପାଦକ ଭଗବାନ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ, ପୂର୍ବତନ ପୁରୁଣା କଟକ କଲେଜର ଅଧକ୍ଷ ପ୍ରିୟନାଥ ଶର୍ମା, ଜିଲ୍ଲା କୋର୍ଟ ଫୁଲବାଣୀର ଏଲ ସଞ୍ଜିତ ପାତ୍ର,ଜିଲ୍ଲା ଶାରୀରିକ ପ୍ରଶିକ୍ଷଣ ଅଧିକାରୀ ସଞ୍ଜୟ କୁମାର ପାତ୍ର, ପୂର୍ବତନ ଜିଲ୍ଲା ଶାରୀରିକ ପ୍ରଶିକ୍ଷଣ ଅଧିକାରୀ ରଙ୍କନିଧି ବେହେରା ଏବଂ ମାଇ ଭାରତ ଫୁଲବାଣୀର ସହ କର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ ପ୍ରତିଯୋଗିତରେ ଫୁଟବଲ୍, ଆଥଲେଟିକ , ବ୍ୟାଡମିଣ୍ଟନ , ପୁଚି, ଦଉଡ଼ି ଟଣା ଏବଂ ଲଙ୍ଗଜମ୍ପ ଇତ୍ୟାଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଫାଇନାଲ ଦିବସରେ ଫୁଟବଲ୍ ମ୍ୟାଚରେ ଚକାପାଦ ଫୁଟବଲ୍ ଟିମ୍ ଓ କେ ନୂଆ ଗାଁ ଫୁଟବଲ୍ ଟିମ୍ ମଧ୍ୟ ରେ ଅନୁଷ୍ଠିତ ହୋଇଥିଲା ଏଥିରେ ଚକାପାଦ ଫୁଟବଲ ଟିମ ପେନାଲ ଟିକ ସୁଟ ରେ, ୬-୫ ସେଟରେ କେ ନୂଆଗାଁ ଫୁଟବଲ ଟିମ୍‌କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ରେଫରି ଭାବରେ ରଞ୍ଜନ ବିନ୍ଧାଣି, ଲାଇନ ମ୍ୟାନ ଭାବରେ ବବୁଲୁ କଂହର, ଦେବବ୍ରତ ବେହେରା, ଦାସମନ୍ତ ଟୁଡୁ, କାମାକ୍ଷ ପ୍ରସାଦ ପ୍ରଧାନ, ଆଶା ରାମ ହାଁସଦା ଖେଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଖେଳାଳି ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ । ବିଭିନ୍ନ ପ୍ରଶତିଯୋଗୀର ରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାର ୯ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ସନ୍ମମାନିତ ଅତିଥି ଓ ଉପସ୍ଥିତ ଖେଳାଳି ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଙ୍ଗଠନ ବୈଠକ

କେନ୍ଦ୍ରାପଡ଼ା,୧୪।୨ (ନି.ପ୍ର): ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଙ୍ଗଠନର ସାଧାରଣ ପରିଷଦ ବୈଠକ ଗରାପୁର କାର୍ଯ୍ୟାଳୟରେ ସଭାପତି ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ସ୍ୱାଗତ ଭାଷଣ ଦେବା ସହ ପୂର୍ବ ବାର୍ଷିକ ଉତ୍ସବର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରି ଆୟବ୍ୟୟର ତଥ୍ୟ ଉପସ୍ଥାପନ କରିଥିଲେ। ସଂଗଠନର ମୁଖ୍ୟ ମାର୍ଗଦର୍ଶକ ବରିଷ୍ଠ ଶିକ୍ଷାବିତ ମନ୍ମଥ କୁମାର ରାୟ ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷା ଅବକ୍ଷୟ ହେବା ସହ ଏହାର ଭବିଷ୍ୟତ ଦିଗହରା ହୋଇ ଯାଉଛି ବୋଲି କହି ବହୁ ପ୍ରମାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ପିଲାମାନେ କିପରି ସରକାରୀ ବିଦ୍ୟାଳୟ ପ୍ରତି ବିମୁଖ ହୋଇ ପବ୍ଲିକ ସ୍କୁଲ ଅଭିମୁଖେ ଧାଉଁଛନ୍ତି ତାହାର ଉଦାହରଣ ଦେଇଥିଲେ। ଏଥିପ୍ରତି ସରକାରୀ ସ୍ତରରେ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ସଚେତନତା ସହ ଉପଯୁକ୍ତ କର୍ମଶାଳା ଆୟୋଜନ କରାଯିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆଗାମୀ ବାର୍ଷିକ ଉତ୍ସବ ଉପଲକ୍ଷେ ସଂଗଠନର ବାର୍ଷିକ ପତ୍ରିକା ପ୍ରକାଶନ ପାଇଁ ଚଳିତମାସ ୨୬ତାରିଖ ସୁଦ୍ଧା ଲେଖା ପଠାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନରେନ୍ଦ୍ର କୁମାର ନାୟକ, ଗୋପୀନାଥ ଦାଶ, ଉପସଭାପତି ଚୌଧୁରୀ କୈଳାସ ଚନ୍ଦ୍ର ପଟ୍ଟନାୟକ, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ଦୋଳଗୋବିନ୍ଦ ସାହୁ, ନିରଞ୍ଜନ ନାୟକ, ନରହରି ପାତ୍ର, ଅକ୍ଷୟ କୁମାର ସ୍ୱାଇଁ, ସୋମନାଥ ପଢିହାରୀ, ସନାତନ ତରାଇ, ନିରଞ୍ଜନ ସାମଲ, ଭାଗୀରଥି ନନ୍ଦ, ମାଗୁଣି ଚରଣ ବିଶ୍ୱାଳ, ଚନ୍ଦ୍ରଭାନୁ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବାର୍ଷିକ ଉତ୍ସବର ସଫଳତା କାମନା କରିଥିଲେ। ପତ୍ରିକା ତଥା ମିଡିଆ ସମ୍ପାଦକ କାଶିନାଥ ରାଉତରାୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ସହ ସାଂସଦ ପ୍ରଦୀପ ପୁରୋହିତଙ୍କ ସାକ୍ଷାତ



ବରଗଡ,୧୪।୨ (ନି.ପ୍ର): ବରଗଡ ସାଂସଦ ପ୍ରଦୀପ ପୁରୋହିତ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରିୟ ଅଧ୍ୟକ୍ଷ ନିତିନ ନବୀନଙ୍କ ଡାକରା ପାଇ ତାଙ୍କୁ ବିଜେପିର କେନ୍ଦ୍ର କାର୍ଯ୍ୟାଳୟରେ ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ରାଷ୍ଟ୍ରିୟ ଅଧ୍ୟକ୍ଷ ନିତିନ ଜୀ ଓଡ଼ିଶା ବିଜେପି ସଂଗଠନ, ଆଗାମୀ ଦିନ କାର୍ଯ୍ୟକ୍ରମ ବିଭିନ୍ନ ବିଷୟରେ ସାଂସଦ ପୁରୋହିତଙ୍କ ଠାରୁ ପଚାରି ବୁଝିଥିଲେ । ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାରେ ବିଜେପି ସରକାର ଓ ଶାସନ ଯେଭଳି ଅପ୍ରତିଦ୍ୱନ୍ଦି ଭାବେ ଛିଡା ହେବ ସେ ଦିଗରେ ଓଡ଼ିଶାର ସମସ୍ତ ସାଂସଦ,ବିଧାୟକ,ସରକାର ଓ ସଂଗଠନ ମିଳିତ ଭାବେ ରଣନୀତି ଓ ଯୋଜନା ପ୍ରସ୍ତୁତ କରିବା ଉଚିତ ବୋଲି ରାଷ୍ଟ୍ରିୟ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଏହି ଅବସରରେ ସାଂସଦ ପ୍ରଦୀପ ରାଷ୍ଟ୍ରିୟ ଅଧ୍ୟକ୍ଷଙ୍କୁ ନୃସିଂହନାଥ ମନ୍ଦିର ର ମହାପ୍ରଭୁଙ୍କ ଏକ ଫଟୋଚିତ୍ର ଉପହାର ଦେଇଥିଲେ । କଂଗ୍ରେସ ଦଳର ସରକାର ସମୟରେ ୧୯୮୩ ମସିହାରେ ଗନ୍ଧମାର୍ଦ୍ଦନ ପର୍ବତରୁ ବକ୍‌ସାଇଟ ଉତ୍ତୋଳନ ପାଇଁ ବାଲକୋକୁ ୪୭ ବର୍ଷର ଖଣି ପଟ୍ଟା ଦିଆଯାଇଥିଲା ଓ ଏକ ଐତିହାସିକ ଜନ ଆନ୍ଦୋଳନ ଯୋଗୁଁ ଗନ୍ଧମାର୍ଦ୍ଦନ ପର୍ବତରେ ସରକାର ଖଣି ଖୋଳିବାର କିଭଳି ବିଫଳ ହେଲେ ସେ ଐତିହାସିକ ଦୃଷ୍ଟି ଭୂମି ଉପରେ ରାଷ୍ଟ୍ରିୟ ଅଧ୍ୟକ୍ଷଙ୍କୁ ସାଂସଦ ଶ୍ରୀ ପୁରୋହିତ ଅବଗତ କରାଇଥିଲେ ।

# ମଦ, ବ୍ରାଉନସୁଗାର ଓ ଗଞ୍ଜେଇ ଜବତ,୫ ଗିରଫ

କେନ୍ଦ୍ରାପଡ଼ା,୧୩।୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ, ରାଜନଗର ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମଲଡିଆ ଗ୍ରାମର ଗଗନ ସ୍ୱାଇଁ(୪୧)ଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ନରହରି ଗ୍ରାମର ରଜନୀକାନ୍ତ ଦାସ(୩୫)ଙ୍କ ଠାରୁ ୨୫ ଲିଟର ଦେଶୀ ରନ୍ଧା ମଦ, ଗଞ୍ଜା ଗ୍ରାମର ବାସୁଦେବ ନାୟକ(୪୨)ଙ୍କ



ଠାରୁ ୩୫ ଲିଟର ବିଦେଶୀ ମଦ, ମଧୁସୁଦନପୁର ଗ୍ରାମର ଜାହିଦ ଖାନ(୩୨)ଙ୍କ ଠାରୁ ୫୦ ଗ୍ରାମର ବ୍ରାଉନ ସୁଗାର, ରାଜନଗର ଗ୍ରାମର ବଳରାମ ସେଠୀ(୪୧)ଙ୍କ ଠାରୁ ୨.୫୬୦ କିଗ୍ରା ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୮୮ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ, ୨.୫୬୦ କିଗ୍ରା ଚୋରା ଗଞ୍ଜେଇ ଓ ୫୦ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପନିରୀକ୍ଷକ ସୁନୀଲ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ପୂର୍ବ ଶତୃତାରୁ ଦମ୍ପତ୍ତିଙ୍କୁ ଆକ୍ରମଣ

କେନ୍ଦ୍ରାପଡ଼ା,୧୪।୨ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମରେ ଜଣେ ଦମ୍ପତ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଶୀକାର ଦମ୍ପତ୍ତି ହେଉଛନ୍ତି ପୁରୁଷୋତ୍ତମପୁର ଗ୍ରାମର ସୁବାଷ ଖଟୁଆ ଓ ତାଙ୍କ ପତ୍ନୀ ରଶ୍ମୀତା। ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରଶ୍ମୀତା ତାଙ୍କ ଏତଲାରେ ଦର୍ଶାଇଛନ୍ତି ତାଙ୍କ ଗ୍ରାମର ବାବୁଲି ସ୍ୱାଇଁଙ୍କ ପରିବାର ସହ ପୂର୍ବରୁ ଶତୃତା ରହିଥିଲା। ଏହି କାରଣରୁ ବାବୁଲି ସ୍ୱାଇଁ ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ଜିଲ୍ଲାସ୍ତରୀୟ ଡିଜିଟାଲ୍ ପ୍ରଯୁକ୍ତି ବ୍ୟବହାର ଶିକ୍ଷା ପ୍ରଶିକ୍ଷଣ

ଟିକାବାଲି, ୧୪।୨ (ନି.ପ୍ର): ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନ, ଟିକାବାଲି ଠାରେ ଅଧକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ଦୁଇ ଜଣ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ସି. ଆର.ସି.ସିଙ୍କୁ ନେଇ ତିନି ଦିନିଆ ଡିଜିଟାଲ୍ ପ୍ରଯୁକ୍ତି ବ୍ୟବହାର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଅଛି । ବିଦ୍ୟାଳୟରେ କମ୍ପ୍ୟୁଟର ଓ ପ୍ରଯୁକ୍ତି ବିଦ୍ୟାର ଶିକ୍ଷଣ ଓ ପ୍ରୟୋଗ,ଅନଲାଇନ୍ କ୍ଲାସ୍ ନେବା,ଡିଜିଟାଲ୍ ପାଠ୍ୟସାମଗ୍ରୀ



ତିଆରି,ସ୍ମାର୍ଟ କ୍ଲାସ୍ ବ୍ୟବହାର, ଶିକ୍ଷାମୂଳକ ଆପ୍ ଓ ୱେବସାଇଟ ବ୍ୟବହାର ଯାହାକି ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ପ୍ରତି ଆକୃଷ୍ଟ ଓ ବିଦ୍ୟାଳୟ ରେ ଡାଟା ସଂଗ୍ରହ ଓ ଲିପିବଦ୍ଧରେ ସାହାଯ୍ୟ କରିବା ନେଇ ଅଧକ୍ଷ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ପ୍ରଯୁକ୍ତି ବିଦ୍ୟା ଶିକ୍ଷକ ଅଭିଜିତ ମହାପାତ୍ର ଓ ଅଧକ୍ଷ ଉପସ୍ଥିତ ରହି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କମ୍ପ୍ୟୁଟର ଜନିତ ଶୈକ୍ଷିକ କାର୍ଯ୍ୟକ୍ରମର ତାଲିମ ପ୍ରଦାନ କରିଥିଲ । ବିଭିନ୍ନ ବ୍ଲକ ରୁ ତାଲିମ ନେବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟରେ ପ୍ରଭାସ ହୋତା, ବିଷ୍ଣୁ ପ୍ରସାଦ ହୋତା, ମନାଲିଶା ପାଣିଗ୍ରାହୀ, ପୁରୁଷୋତ୍ତମ ଦିଗାଳ, ମନୋଜ ପ୍ରଧାନ, ଗୋପାଳ କହ୍ନର ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀ ଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଅନିୟମିତତା ଅଭିଯୋଗ

କୋରୁକୋଣ୍ଡା, ୧୪।୨(ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଏମଭି - ୫୫ ଗ୍ରାମରେ ଦେଖା ଦେଇଛି ଏକ ଅଭାବନିୟ ଘଟଣା । ଚିତ୍ରାଙ୍ଗପାଲି ଶ୍ରୀ ଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ଓ ଅର୍ଥ ଅନିୟମିତତାର ଅଭିଯୋଗ ଆସିଅଛି । ଅଭିଯୋଗ ଅବଗତ ହେବା ପରେ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ତୁରନ୍ତ ଏହାର ତଦନ୍ତ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭଜନ ଚାଉଳର ଷ୍ଟକ୍ ରେଜିଷ୍ଟର ଯାଞ୍ଚ୍ କରିଥିଲେ । ଷ୍ଟକ୍ ରେଜିଷ୍ଟର ତଥା ଅନ୍ୟାନ୍ୟ କାଗଜ ପତ୍ର ଯାଞ୍ଚ୍ ପରେ



ଜଣାପଡ଼ିଛି ଯେ ପ୍ରାୟ ୪୨ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ପୁନଃ ପ୍ରକ୍ରିୟାକରଣ ପାଇଁ କୌଣସି ମିଲ୍‌କୁ ପଠା ଯାଇଅଛି କିନ୍ତୁ ମଧ୍ୟାହ୍ନ ଭୋଜନ ଚାଉଳ ଯାହା ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ପୋଷଣ ଯୁକ୍ତ ଯାହା କି ପୁନଃ ପ୍ରକ୍ରିୟାକରଣ ପାଇଁ କୌଣସି ଆବଶ୍ୟକତା ନାହିଁ । ମଧ୍ୟାହ୍ନ ଭୋଜନ ଚାଉଳ ଅନିୟମିତତାରେ ଭାର ପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ଭୂମିକା ରହିଅଛି ଓ ଉକ୍ତ ଅନିୟମିତତା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ନୋଟିସ୍‌ର ପ୍ରତିଉତ୍ତର ଅନୁଯାୟୀ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯିବ ।

# ପଥରର ଗଦି

**ମୂଳରଚନା : ମାର୍ଗାରେଟ୍ ଆଟ୍‌ଓ୍ୱୁଡ୍**
**ଅନୁବାଦ : ଦେବାଶିଷ ପଣ୍ଡା**

କାହାକୁ ଜୀବନରେ ମାରିଦେବାର ତିଳେ ବି ଇଚ୍ଛା ନ ଥିଲା ଭର୍ଣ୍ଣାର। ଜୀବନର ହିସାବ ନିକାସ କରି ଆରାମରେ ଛୁଟୀ କଟେଇବାର ନିରୀହ ଇଚ୍ଛାଟିଏ ନେଇ ଘରୁ ବାହାରିଥିଲା । ବିଗତ ଦିନର ଅନେକ ସ୍ମୃତିକୁ ବି କବର ଦେବାର ଥିଲା । ଅସୀମ ବରଫ, ପଥୁରିଆ ପାହାଡ଼, ହେମାଳ ସମୁଦ୍ର ଓ ଘନନୀଳ ଆକାଶ ତା' ମୁଡ୍‌କୁ ମାନିବ ବୋଲି ଭାବିଥିଲା । ଦକ୍ଷିଣ ଗୋଲାର୍ଦ୍ଧର ସହର, ସବୁଜିମାଭରା ରାସ୍ତାଘାଟ ଓ ଟ୍ରାଫିକ୍ ତାକୁ ଆହୁରି ବିଚଳିତ କରିଦବ ବୋଲି ଭର୍ଣ୍ଣା ଜାଣିଥିଲା।

ଅନ୍ୟାନ୍ୟ ମାନସିକ କୋଳାହଳ ଭିତରେ ଏଇ ପୁରୁଷମାନେ ହିଁ ମୁଖ୍ୟ ଭୂମିକା ନେଇଥିଲେ । ଏମିତିରେ ବି ଏବେ ପାଇଁ ପୁରୁଷ ସଂଖ୍ୟା ଯଥେଷ୍ଟ। ଆଉ ଲୋଡ଼ା ନାହିଁ ପୁରୁଷ। ସମ୍ପତ୍ତି ଜନିତ ନିରାପତ୍ତା ପାଇଁ ପୁରୁଷମାନଙ୍କୁ ନଖରା ଦେଖେଇ ବଶ କରିବାର ଆଉ ଦରକାର ନାହିଁ । ମନେମନେ ଭର୍ଣ୍ଣା ନିଜ ପାଇଁ ଲକ୍ଷ୍ମଣ ରେଖା ଟାଣି ଦେଇଥିଲା । ଏବେ ତା ପାଖରେ ଯଥେଷ୍ଟ ଧନ ଆଉ ନିରାପତ୍ତା ଆଉ ପୁରୁଷ ଲୋଡ଼ା ନାଇଁ।

କିନ୍ତୁ କରିବ କ'ଣ ସେ । ପୁରୁଣା ଅଭ୍ୟାସ। କଥାରେ ଅଛି ପ୍ରକୃତି ମଲେ ଯାଏ। ବିମାନ ବନ୍ଦର ଠାରୁ ହିଁ ତା' ପ୍ରକୃତି ତା ନିଷ୍ପତ୍ତିକୁ ହରାଇଦେଲା। ଆଖି ଘୂରିବୁଲିଲା ପୁରୁଷ ଖୋଜିବା ପାଇଁ । ହୋଟେଲ୍ ଲବିରେ କିଛି ଲୋକ ସେମାନଙ୍କ ସ୍ତ୍ରୀମାନଙ୍କୁ ବିରକ୍ତ ମୁଖା ହୋଇ ନିଜ ଭିତରେ ହଜିଥିଲେ । ସେଗୁଡ଼ାଙ୍କୁ ଭର୍ଣ୍ଣା ନିୟମ ବଶତଃ ଭାବନାରୁ ଦୂରେଇ ଦେଲା। ବିବାହିତ ପୁରୁଷ ଗୁଡ଼ାପାଇଁ ଚାରିଗୁଣା ଅଧିକା ପରିଶ୍ରମ କରିବାକୁ ପଡ଼େ। ପରିତ୍ୟକ୍ତ ନାରୀମାନେ ଚକଡ଼ାପୋକ ଭଳି ଜୀବନଯାକ ଲାଗି ରହିଥା'ନ୍ତି। ଏଣୁ ଅଧିକ ପରିଶ୍ରମ କରି ପର ପୁରୁଷଙ୍କୁ ଆପଣେଇବାର କିଛି ମାନେ ହୁଏନି।

ଅନ୍ୟପକ୍ଷରେ ମୁହଁ ଅନ୍ଧାରରେ ଛାଇ ଭଳି ଲୁଚିବୁଲୁଥିବା ଏକାନ୍ତିଆ ପୁରୁଷ ହିଁ ଆକର୍ଷଣୀୟ । ଏମାନଙ୍କ ଭିତରୁ ଅତି ବୁଢ଼ାଳିଆଙ୍କୁ ବାଦ୍ ଦେଲେ ଯେଉଁ ପ୍ରୌଢ଼ ଗୁଡ଼ା ନିଜ ପୁରୁଷ ପଣିଆ ପ୍ରମାଣିତ କରିବାକୁ ଅହରହ ଚେଷ୍ଟିତ ଥା'ନ୍ତି, ସେଇମାନେ ହିଁ ପ୍ରକୃଷ୍ଟ ଶିକାର। ଯାଙ୍କୁ ଫାନ୍ଦରେ ପକେଇବାର ପ୍ରତ୍ୟକ୍ଷ ଚେଷ୍ଟା ନ କଲେ ବି ନିଜ ପାରିବା ପାଣିଆ ତ ପ୍ରମାଣ କରିବାକୁ ହବ !

ସେଦିନ ସଂଧ୍ୟାର ପାର୍ଟି ପାଇଁ ବାଦାମୀ ସ୍ୱେଟର୍‌ଟାଏ ବାଛିଲା। ଏ ସ୍ୱେଟରରେ ଭର୍ଣ୍ଣାର ଦେହର ଆକାର ବାରିହୋଇ ପଡ଼େ । ନିୟମିତ ବ୍ୟାୟାମ ହେତୁ ଏବେ ବି ତା' ଶରୀର ନିଟୋଳ ଓ ନମନୀୟ ଅଛି। ମୁହଁରେ ଅଳ୍ପ ଟିକେ ପ୍ରସାଧନ ଲଗେଇଦେଲେ ଖୁସୀରେ ବୟସ ଦଶବର୍ଷ କମିଲା ଭଳି ଲାଗେ । ହଁ, ହୁଏତ ବିକିନି ପିନ୍ଧି ସୁଇମିଂ ପୁଲ୍ ପାଖେ ନହରପହର ହେବାଟା ନ କରି ପାରେ ।

''ଗଲାଣି ଚାଲି ବହୁତ କିଛି, କିନ୍ତୁ ଏବେ ବି ଅନେକ ଅଛି'', ଗୁଣୁଗୁଣୁ ହୋଇ ନିଜକୁ କହିଲା। ଏତିକି ତ ବିଶ୍ୱାସ ଅଛି ଯେ ବିଚରା ପୁରୁଷଗୁଡ଼ା ଏବେ ବି ସହଜରେ ତା' ଫାଶରେ ପଡ଼ିବେ।

ମନେପଡ଼େ ତା' ତୃତୀୟ ସ୍ୱାମୀର କଥା । ବିଛଣାରୁ ଥାଇ ଟେନିସନ୍‌ଙ୍କ କବିତାକୁ ଦୋହରେଇ ଡାକୁଥିଲେ ଅହରହ– ''ବଗିଚାକୁ ଚାଲିଆସ ପ୍ରୀୟେ!'' ଏ ପ୍ରୌଢ଼ମାନଙ୍କର ଆଘ୍ରାଣ ଦୁର୍ବଳ ହେଇଥିବ ହୁଏତ, କିନ୍ତୁ କଲୋନ୍‌ରେ ବାସ୍ନାରେ ଯଦି କାହାକୁ ଛିଙ୍କ ହେଲା, ତାହେଲେ ତ' ମୁସ୍କିଲ୍ । ଏକଥା ଭାବି ଅଳ୍ପ ଟିକିଏ କୋଲୋନ୍ ଛିଞ୍ଚି ବାହାରି ପଡ଼ିଲା ଜୟ ଯାତ୍ରାରେ ।

ଜାଣିଶୁଣି କିଛି ଡେରିରେ ଡାଇନିଂ ହଲ୍‌ରେ ପ୍ରବେଶ କଲା । ହାତରେ ଗିଲାସେ ଓ୍ୱାଇନ୍ ଓ ଓଠରେ ସ୍ମିତ ହସଟିଏ ଧରି ଚାରିଆଡ଼େ ଆଖି ବୁଲେଇଲା। ସଦ୍ୟ ନିବୃତ୍ତ ଡାକ୍ତର, ଇଂଜିନିୟର, ବ୍ୟାଙ୍କର, ଓକିଲ ପରି ମଧ୍ୟବୟସ୍କ ଲୋକେ ଏଇ 'ମାଗ୍ନେଟିକ୍ ନର୍ଥଓ୍ୱାର୍ଡ' ଯାତ୍ରାରେ ଉତ୍ତର ମେରୁ ବୁଲି ବାହାରିଛନ୍ତି। ଭର୍ଣ୍ଣା ଆଉ ଦି'ଟା ଗ୍ରୁପ୍ ବି ପରଖି ଦେଖିଥିଲା। କିନ୍ତୁ ପ୍ରଥମଟାରେ ମେରୁରେ ଅନେକ ବାଟ ଚାଲିବାର ଚାଲେଞ୍ଜ୍ ଥିଲା ଓ ଅନ୍ୟଟାରେ ଅନେକ ଫାନ୍‌ସୀ ଡ୍ରେସ୍ ପାର୍ଟି ଥିଲା । ଏଣୁ ସେସବୁକୁ ବାଦ ଦେଇ ଏଇ ମାଗ୍ନେଟିକ ନର୍ଥଓ୍ୱାର୍ଡ ଯାତ୍ରାକୁ ହିଁ ବାଛିଥିଲା । ଏମିତିରେ ବି ଏଠି ଶିକାର ମିଳିବାର ସଂଭାବନା ବେଶୀ କାରଣ ପାଞ୍ଚବର୍ଷ ତଳେ ତା' ତୃତୀୟ ସ୍ୱାମୀର ମୃତ୍ୟୁ ପରେ ସେ ଏଇ ଯାତ୍ରାରେ ଆସି ବୁଝିପାରିଥିଲା ଯେ ଏଠିକାର ପରିବେଶ ବେଶ୍ ସହଜ।

ଟି ଶାର୍ଟ ଉପରେ ଗଳାରେ ପଡ଼ିଥିବା ଫଳକରୁ ଜଣାପଡୁଥାଏ ଏ ଟ୍ରିପ୍‌ରେ ଅନେକ ବବ୍, ପ୍ରେଜ୍, ଡାନ, ରିକ୍ ଓ ନର୍ମ ଯାତ୍ରା କରୁଛନ୍ତି । ଏମାନଙ୍କ ଭିତରୁ ବବ୍ ନା'ଟା ଭର୍ଣ୍ଣା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଯଦିଓ ଏଇ ନାଁ ସାଙ୍ଗେ ଜଡିତ ଥିବା ମାନସିକ ଭାରକୁ ସେ କେବେଠାରୁ ଜଳାଞ୍ଜଳି ଦେଇ ସାରିଥିଲା । ଯାହେଉ, ଏଇ ମୋଟା, ପତଳା ଓ ଡେଙ୍ଗା ବବ୍ ଭିତରୁ ସେ ବାଛିନେଲା ସେଇ ପତଳା ଓ ସ୍ୱାସ୍ଥବାନ୍ ବବ୍‌କୁ ଯିଏ ହଠାତ୍ ଭର୍ଣ୍ଣାର ଉନ୍ନତ ଛାତିକୁ ଚାହିଁ କହିଲା, ''ଭର୍ଣ୍ଣା, ସୁନ୍ଦର ନା' ଟିଏ ।''

''ପୁରୁଣା କାଳିଆ, କାରଣ ନା'ଟି ଆସିଛି ଲାଟିନ୍ ଶବ୍ଦ 'ଭର୍ଣ୍ଣାଲ'ରୁ ଅର୍ଥାତ୍ ବସନ୍ତ ଋତୁରୁ। ଭର୍ଣ୍ଣା ଉତ୍ତର ଦେଲା ବସନ୍ତରେ ତା ଶୀତର ହେମାଳ ନିର୍ଜୀବ ଚାଦର ଭିତରୁ ଜୀବନର ଉଦ୍ଦାମତା ଜାଗିଉଠେ ।''

ଏଇ ଧାଡ଼ି ଟିକକରେ ଲୁଚିଥିବା ଯୌନ ଉଦ୍ଦିପନାର ସଂଭାବନା ହିଁ ତା'ର ଦ୍ୱିତୀୟ ସ୍ୱାମୀକୁ ଅକ୍ତିଆର କରିବାରେ ସାହାଯ୍ୟ କରିଥିଲା । କିନ୍ତୁ ତା'ର କାବ୍ୟପ୍ରେମୀ ତୃତୀୟ ସ୍ୱାମୀକୁ କହିଥିଲା ଯେ ଏହି ନା'ଟି ଅଷ୍ଟାଦଶ ଶତାବ୍ଦୀର ଥମ୍‌ସନ୍‌ଙ୍କ କବିତାରେ ଥିବା ବସନ୍ତର ମଳୟ ପବନର ସ୍ମୃତିରେ ତା' ମାଆ ଦେଇଥିଲେ । ନିପଟ ସତ ହେଲା ଯେ ତା' ମାଆ ପୂରାପୂରି ରୁଢ଼ିବାଦୀ ପଥୁରିଆ ସ୍ତ୍ରୀଲୋକଟେ ଥିଲେ। ପଥର କାନ୍ଥଟାକୁ କବିତାର ଲାଳିତ୍ୟ ଯେତିକି ପ୍ରଭାବିତ କରିପାରିବ, ଭର୍ଣ୍ଣାର ମାଆ ଉପରେ ବି କବିତାର ସେତିକି ପ୍ରଭାବ ପଡ଼ିବ।

ତା' ଚତୁର୍ଥ ସ୍ୱାମୀକୁ ଫସେଇଲା ବେଳେ ଭର୍ଣ୍ଣା ଉଷ୍ମ ଯୌନତାର ଉଦାହରଣ ଦେଇ କହିଥିଲା ଯେ ଏହି ନାମଟିର ମୂଳରେ ଅଛି ବାସନ୍ତିକ ରିତିର ବିଧି ଅନୁସାରେ ନୃତ୍ୟଜ, ଯେଉଁଠି କାମୁକତା ଓ ଯନ୍ତ୍ରଣା ସାଥିରେ ଅଛି ନରବଳିର ପ୍ରଥା। ଅଳ୍ପ ହସିଥିଲା ଚତୁର୍ଥ ସ୍ୱାମୀ ଜଣକ କିନ୍ତୁ ତା ଶରୀରରେ ଖେଳିଯାଇଥିଲା ଅଜଣା ବେପଥୁ । ଭର୍ଣ୍ଣା ଠିକ୍ ବୁଝିପାରିଥିଲ ଯେ ସେ ଲୋକଟିକୁ ଛୁଇଁ ପାରିଛି।

ଏବେ ବେକରେ ପଡ଼ିଥିବା କାର୍ଡରୁ ପଢ଼ି ଭର୍ଣ୍ଣା କହିଲା, ''ଓଃ ! ତମେ ତାହେଲେ ବବ୍'' ଏଇ ଗୋଟିଏ ଧାଡ଼ିକୁ ଅସ୍ତ୍ର ହିସାବରେ ବ୍ୟବହାର କରିବାକୁ ତାକୁ ଅନେକ ଥର ରିହର୍ସଲ କରିବାକୁ ପଡ଼ିଛି। ଏଇ ଧାଡ଼ିକରେ ହିଁ ପୁରୁଷ ଗୁଡ଼ାକର ଆଣ୍ଠୁଗଣ୍ଠି ତରଳି ଯାଏ।

''ହୁଁ, ବବ୍ ଗୋରହାମ୍'' ସ୍ୱରରେ ଥିଲା କିଛିଟା ଅହଂଭାବ। କଥାଟା ଶୁଣି ନିଜ ଭିତରେ ଗୋଟେ ଝଟ୍‌କା ଅନୁଭବ କଲା ଭର୍ଣ୍ଣା । ପତଳା ହୋଇ ଆସିଥିବା ବାଳ ଓ ନକଲି ଦାନ୍ତ ଭିତରୁ ପଚାଶ ବର୍ଷ ତଳର ବବ୍ ଏବେ ବି ଦିଶୁଥିଲା । ଭର୍ଣ୍ଣା ଭିତରେ ପ୍ରଚଣ୍ଡ ରାଗ ଓ ଗୋଟାଏ ଅଦ୍ଭୁତ ହସର ମିଶ୍ରଣ।

ସହରର ଖଣି ମାଲିକମାନେ ରହୁଥିବା କଲୋନୀର ବବ୍, କାଡିଲାକ୍ ଉଡ଼େଇ ଘୂରି ବୁଲୁଥିବା ଫୁଟବଲ ତାରକା ବବ୍, ସର୍ବଦା ଗୋଟେ ବେଖାତିରିଆ ହସ ହସୁଥିବା ଏ ସେଇ ବବ୍।

ଆଉ ବବ୍ ଯେବେ ଭର୍ଣ୍ଣକୁ ନେଇ ଶୀତ ବାସର ପାର୍ଟିକୁ ଗଲା, ସେ ଅନାମଧେୟ ସହରର ଲୋକେ ଚକିତ ହୋଇଯାଇଥିଲେ । ଏଠି ତ କିଏ କେତେ ମଦ ପିଏ, କେତେ ପଇସା କା' ପାଖରେ, କିଏ କାହାକୁ ଲାଇନ୍ ମାରିଲା, ସବୁକିଛି ସଭିଙ୍କୁ ଜଣା । ଏଠି ଭର୍ଣ୍ଣାକୁ ବବ୍ ପାର୍ଟିକୁ ନେଇ ଯିବାଟା ନିହାତି ଚକିତ କଲାଭଳି ଖବରଟେ ଥିଲା । ବିଚରା ଭର୍ଣ୍ଣା, ପାଠୋଇ, ପରିଶ୍ରମୀ, ସ୍କଲାରଶିପ୍‌ର ସ୍ୱପ୍ନ ଦେଖୁଥିବା ଝିଅ। ଜଣେ ବି ଅନ୍ତରଙ୍ଗ ସାଥି ନ ଥିବା ସରଳ ବିଶ୍ୱାସୀ ବିଚରା ଝିଅ । ମନେମନେ ଭାବିନେଇଥିଲା ଯେ ବବ୍ ତାକୁ ପ୍ରେମ କରୁଛି ।

ଚଉଦ ବର୍ଷର ଝିଅ । ଜୀବନଟା ପାଠ, ଚର୍ଚ୍ଚ ଆଉ ରବିବାରିଆ ଔଷଧ ଦୋକାନର ଚାକିରୀକୁ ନେଇ କଟିଯାଉଥିଲା। ସେଇ ସଂଧ୍ୟାରେ ଚକ୍‌ଚକ୍ ନାଲି କାଡିଲାକରେ ବସି ପାର୍ଟିକୁ ଗଲାବେଳେ ନିଜ ପୋଷାକରେ ଶସ୍ତାପଣ ତାକୁ ମାଡ଼ିମାଡ଼ି ପଡୁଥିଲା। ତା' ମା ତାକୁ ବବ୍ ସାଥିରେ ଯିବାକୁ ଅନୁମତି ଦେଇଥିଲେ କାରଣ ବବ୍ ସହରର ପ୍ରଖ୍ୟାତ ଧନୀ ଘରର ଦାୟାଦ । ସାରା ସଂଧ୍ୟା ସେମାନେ ପରସ୍ପର ବାହୁ ବେଷ୍ଟନୀରେ ନାଚିଥିଲେ।

ପରଦିନ ସକାଳୁ ଆରମ୍ଭ ହୋଇଯାଇଥିଲା ସାହିପିଲାଙ୍କ ଟାହିଟାପରା। ଏଇ ବବ୍ ହିଁ ଖବରଟା ଚାରିଆଡ଼େ ପ୍ରଚାର କରିଥିଲା । କେତେ ଅନାୟାସରେ ସିଏ ଭର୍ଣ୍ଣାକୁ ଶଯ୍ୟାସଂଗିନୀ କରିପାରିଲା ଆଉ କି ଉନ୍ମତ୍ତ ହୋଇ ତାକୁ ଉପଭୋଗ କରିଥିଲା।

ଭର୍ଣ୍ଣାର ପଳାତକ ବାପାର ଅନୁପସ୍ଥିତି ଏମିତିରେ ତା' ମା'କୁ ଘାରିଥିଲା। ଆଉ ତା' ଉପରେ ଭର୍ଣ୍ଣାର କୁମାରୀ ମାତୃତ୍ୱର ଆସନ୍ନ ବିପଦ । କିଛିଦିନ ଭିତରେ ହିଁ ଭର୍ଣ୍ଣାକୁ ନନ୍‌ମାନଙ୍କ ଦ୍ୱାରା ପରିଚାଳିତ ଗୋଟେ ନର୍ସିଂହୋମ୍‌କୁ ପଠେଇ ଦେଲେ। ସେଠି କୁମାରୀ ମାତୃତ୍ୱର ଅପେକ୍ଷାରେ ଅନେକ ଝିଅ ଥିଲେ ।

ପିଲାଜନ୍ମ ହେବା ସାଙ୍ଗେସାଙ୍ଗେ ପିଲାକୁ ଭର୍ଣ୍ଣାଠୁ ଅଲଗା କରିଦିଆଗଲା । ଅଳ୍ପଦିନ ପରେ ତା'ର ଶରୀରରେ ଟିକେ ବଳ ଆସିବା ଉତ୍ତାରୁ ତା' ହାତରେ ପାଞ୍ଚଡଲାର ନୋଟ୍‌ଟେ ବଢ଼େଇ ଦେଇ ନନ୍‌ମାନେ ତାକୁ ଘରକୁ ଫେରିଯିବାକୁ କହିଲେ। ଘରକୁ ବା ଫେରିବ କେମିତି ଭର୍ଣ୍ଣା ।

ଟରଣ୍ଟୋର ସହରତଳି ହୋଟେଲ୍‌ରେ ଚାକିରୀ ଖଣ୍ଡେ କରୁକରୁ ଭାଗ୍ୟକୁ ଜଣେ ପ୍ରୌଢ଼ର ନଜର ପଡ଼ିଲା ତା' ଉପରେ। ଆଉ ତିନି ବର୍ଷର ଦିପହରିଆ ସେକ୍ସ ବଦଳରେ ଭର୍ଣ୍ଣା ତା'କଲେଜ୍ ପାଠ ସାରିପାରିଲା।

ସେ ବାବୁଙ୍କ ପାଇଁ ଭର୍ଣ୍ଣା ମନରେ ସାମାନ୍ୟ ଅସୂୟା ନ ଥିଲା । କମ୍‌ସେ କମ୍ ସିଏ ହାଇହିଲ ପିନ୍ଧି ଚାଲିବା ଶିଖିପାରିଲା ତ' ! ଯାଛଡ଼ା ବବ୍‌ର ଶୀକାର ହେବାର କଟୁ ସ୍ମୃତିକୁ ଦୂରେଇ ରଖି ବି ପାରିଲା।

ଆଉ ଏବେ ଲେଡିଜ୍ ଟୟଲେଟ୍‌ର ଦର୍ପଣ ଆଗରେ ନିଜକୁ ପଚାରିଲା ବେଳେ ଠିକ୍ ଜାଣିପାରୁଥିଲା ଯେ ଇଏ ସେଇ ଚଉଦବର୍ଷିଆ ବୁଦ୍ଧୁ ଝିଅ ନୁହେଁ। ଏ ଜଣେ ନୂଆ ମଣିଷ। ଯାର ଆତ୍ମବିଶ୍ୱାସ, ଆତ୍ମପରିଚୟ ସେଇ ଚଉଦବର୍ଷିଆ ସିଂଘାଣିନାକି ଠୁ ଢ଼େର ଅଲଗା। ସୁଢ଼ଳ ଗାଲରେ ପାଉଡର ଲଗାଉ ଲଗାଉ ନିଜକୁ ନିରେଖି ଦେଖିଲା। ଭର୍ଣ୍ଣା ।

ତା'ପରେ ବଫେ ଧାଡ଼ିରେ ଅଳ୍ପ ଟିକେ ରୋଷ୍ଟ ନେଇ ହଲ୍‌ର ଶେଷ ଧାଡ଼ିରେ ଥିବା ଟେବୁଲ୍‌ରେ ଯାଇ ବସିଲା। ବିଶ୍ୱାସ ଥିଲା, ବବ୍ ନିଶ୍ଚେ ବୁଲିବୁଲି ତା'ରି ପାଖକୁ ଆସିବ । ଆଉ ସେଇଆ ହିଁ ହେଲା । ବବ୍ କିଛି ନ ଜାଣିଲା ଭଳି ଆସ୍ତେକରି ପାଖକୁ ଆସି କହିଲା, ''ଭଲରେ ଅଛ ତ?''

ଖାଲିଥିବା ଚେୟାରରେ ବସୁବସୁ ପଚାରିଲା ତା' ଜୀବନ ଜୀବିକା କଥା । ଭର୍ଣ୍ଣା କହିଲା ଯେ ହୃଦ୍‌ଘାତ ପିଡ଼ିତ ଲୋକଙ୍କୁ ଚିକିତ୍ସା ପରର ପୁନର୍ବାସନ କରିବାରେ ହିଁ ଅନେକ ବର୍ଷ ବିତେଇଛି ।

''ଆଚ୍ଛା, ସେଇଟା ତ ମହାନ୍ କାମ''

''ହଁ, ଜୀବନର କଷ୍ଟସାଧ ପଥରେ ପିଡ଼ିତମାନଙ୍କୁ ଆଉ ଗୋଟେ ସୁଯୋଗ ଦେବା ଛୋଟ କଥା ନୁହେଁ।'

ଭର୍ଣ୍ଣାର ମନେପଡୁଥିବା କେମିତି ଧନୀମାନଙ୍କ ହୃଦୟ ପିଡ଼ାର ଉପଚାର ତା' ଯୌବନ ସୁଲଭହାତରେ ଥିଲା । ତା' ଉଷ୍ମକୋମଳ ହାତର ସ୍ପର୍ଶ ଓ ମାଲିସ୍ କରିବାର କଳା ସେମାନଙ୍କ ପାଇଁ ଜୀବନ୍ୟାସ ଥିଲା । ଆଉ ସେ ଭଲଭାବେ ବୁଝିଥିଲା ଠିକ୍ କେତେବେଳେ କ'ଣ କରିବା କଥା ।

ତା' ତୃତୀୟ ବର କହିଥିଲା, କବି କିଟ୍‌ସ୍‌ଙ୍କ ଭାଷାରେ, ଅଶୁଣା ଗୀତ ଶୁଣିଥିବା ଗୀତଠୁ କେତେ ମନୋରମ ! ଆଉ ସେଇ ଅନୁସାରେ ଭର୍ଣ୍ଣା ସମୟ ସମୟରେ ଚୁପ୍ ରହୁଥିଲା । ନିଜ ଭାଷା ଓ ଶବ୍ଦ କେବଳ ନିଜର ଯୌବନ ପ୍ରଜ୍ୱଳିତ ସ୍ପର୍ଶ ମାଧ୍ୟମରେ ହିଁ ପ୍ରକାଶ କରୁଥିଲା । ସ୍ୱାଭାବିକ ଭାବେ ସେଇ ସ୍ପର୍ଶରୁ ଧନୀକ ପ୍ରୌଢ଼ମାନେ କଳ୍ପନା କରିପାରୁଥିଲେ ଭର୍ଣ୍ଣାର ଭରପୂର ଯୌବନର ଆକର୍ଷଣ । ଉତ୍ତେଜିତ ହୋଇ ସେକ୍ସ କଥା କହିବା ଆଗରୁ ହିଁ ଭର୍ଣ୍ଣା ଦୂରେଇ ଯାଉଥିଲା ଆଉ କହୁଥିଲା ତା' ଧାର୍ମିକ ସ୍ୱଭାବର କଥା। କହୁଥିଲା ଦୈହିକ ସଂପର୍କ କେବଳ ବିବାହ ପରେ ହିଁ ସଂଭବ । ଅନ୍ୟ ରୋଗୀମାନଙ୍କ କଥା କହି ଖସି ଆସୁଥିଲା।

ଯଦି କେହି ତା' ଜାଲରେ ପଡ଼ି ତାକୁ ବାହା ହୋଇଗଲା, ତାକୁ ସେ କେବେ ହତାଦର କରିନି। ତା'ର ସବୁ ସ୍ୱାମୀ ସ୍ୱାଭାବିକ ଭାବେ ହିଁ ମରିଛନ୍ତି। ହଁ, ହୁଏତ ସେମାନଙ୍କ ଆୟୁଷ ଶେଷ ହବାର ଟିକିଏ ଆଗରୁ । ଡାକ୍ତରଙ୍କ ପରାମର୍ଶ କ୍ରମେ ସେମାନଙ୍କୁ ନିୟମିତ ଔଷଧ ଦେଉଥିଲା । ହୁଏତ ଡୋଜ୍ ଟିକେ ବେଶୀ କି କମ୍। ଯେମିତି ଅସ୍ପିରିନ୍, ଧମନୀରେ ରକ୍ତ ତରଳେଇ ପାରେ କିମ୍ବା ଟିକେ ବେଶୀ ଦେଇ ଦେଲେ ମସ୍ତିଷ୍କରେ ଅତ୍ୟଧିକ ରକ୍ତଯୋଗୁଁ ଷ୍ଟ୍ରୋକ୍ ବି ହୋଇପାରେ। ତାହା ତ ଅଲଗା କଥା। ଚର୍ବିଯୁକ୍ତ ଖାଦ୍ୟ ଖାଇବା, ଅତ୍ୟଧିକ ମଦ୍ୟପାନ କରିବା କିମ୍ବା ଅଧିକ ଶାରୀରିକ ପରିଶ୍ରମ କରିବା, ଏସବୁ ପାଇଁ ଭର୍ଣ୍ଣା ସେମାନଙ୍କୁ ଉତ୍ସାହିତ ବି କରୁଥିଲା।

ଆଉ ସେକ୍ସ ବିଷୟରେ, ରକ୍ତଚାପ ଉପରେ ଭାଏଗ୍ରାର ପ୍ରଭାବ ସେ ଜାଣିଥିଲା। ବିଷମ ପରିସ୍ଥିତିରେ ଆମ୍ବୁଲାନ୍ସ ଡାକିବାକୁ ହୁଏତ ସେ ଟିକିଏ ଡେରି କରିଦେଉଥିଲା। ଆଉ କହୁଥିଲା, ''କ'ଣ କରିବା, ସେ ତ ଏମିତି ଅବସ୍ଥାରେ ହିଁ ବାଥରୁମ୍ ଯାଇଥିଲେ ଆଉ ସେଇଠି ଟଳି ପଡ଼ିଲେ !''

ଦେଖିବାକୁ ଗଲେ ଭର୍ଣ୍ଣା ଏସବୁକୁ ନେଇ କେବେ ପସ୍ତେଇନି । ସେମାନେ ଯେଉଁ ଅବସ୍ଥାରେ ଥିଲେ, ସୁକୁସୁକୁ ହୋଇ ମୃତ୍ୟୁ ଆଡ଼କୁ ଧିମା ଗତିରେ ଆଗେଇବା ଅପେକ୍ଷା ଅଚାନକ ସଦ୍‌ଗତି ପ୍ରାପ୍ତ କରିବା ସେମାନଙ୍କ ପାଇଁ ଗୋଟେ ଅନୁଗ୍ରହ।

ହଁ, ତା'ର ଦିଜଣ ବିଗତ ବରମାନଙ୍କ ପ୍ରାପ୍ତବୟସ୍କ ପିଲାଙ୍କୁ ନେଇ ଟିକେ ଅସୁବିଧା ହେଇଥିଲା, କିନ୍ତୁ ତା'ର ସୁବିଚାର ଓ ଖ୍ରୀଷ୍ଟିଆନ ମାନସିକତାର ଦ୍ୱାହି ଦେଇ ସେମାନଙ୍କୁ ତାଙ୍କର ନାଯ୍ୟ ପ୍ରାପ୍ୟଠାରୁ ଟିକେ ବେଶୀ ସମ୍ପତ୍ତି ଦେଇ ଅଯଥା ଝାମେଲାରୁ ଭର୍ଣ୍ଣା ବର୍ତ୍ତିଯାଇଥଲା କିନ୍ତୁ କଥାହେଲା ସେଇ ପିଲାଙ୍କୁ ତା'ର ପରିଶ୍ରମ ଅନୁପାତରେ ଅତି ଅଧିକ ବି ଦେଇନଥିଲା । ଜୀବନର ହିସାବ ତ ଠିକ ରହିବା ଦରକାର ନା !

ଯାହାହେଉ, ଏଇନେ ବବ୍ ଭର୍ଣ୍ଣାର ଚେୟାର୍ ପଛରେ ହାତଦେଇ ପଚାରିଲା, ''ଆଉ କ'ଣ, ତମ ବର ଆସିଛନ୍ତି ତମ ସାଥିରେ ?'' ଏକଥା ପଚାରିଲା ବେଳେ ଭଦ୍ରାମୀର ଦୂରତ୍ୱକୁ ଲଂଘି ବବ୍ ତା କାନ ଉପରେ ତା ଉଷୁମ ନିଶ୍ୱାସକୁ ଛାଇ ଦେଉଥିଲା।

ଦୁଗ୍ଧ ଫେନିଳ ଟେବୁଲକ୍ଲଥ୍ ଆଡକୁ ଦୁଃଖଭରା ନୟନରେ ଅନେଇ ଭର୍ଣ୍ଣା କହିଲା, ''ନାଃ ସଦ୍ୟ ବୈଧବ୍ୟର ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ହିଁ ମୁଁ ଘରୁ ବାହାରିଛି !'' ଉତ୍ତରରେ ବବ୍ ତା' ନିଜ ମନର ଶୂନ୍ୟସ୍ଥାନ କଥା କହିଲା, 'ଛ'ମାସ ତଳେ ପତ୍ନୀର ଦେହାନ୍ତ ପରେ ସେ ପୂରା ଏକା । ପାଞ୍ଚ ନାତି ନାତୁଣୀ ଓ ତିନି ପୁଅଝିଅ ଥିଲେ ବି ପାଖରେ ତ କେହି ନାହାନ୍ତି ।

''ପ୍ରଥମ ଦେଖାରେ ପ୍ରେମ ହୁଏ ବୋଲି ତମେ ଭାବ କି ଭର୍ଣ୍ଣା ?'' ଏତିକି କହି ବବ୍ ବଖାଣି ଚାଲିଲା କେମିତି ସେ ଆଉ ତା' ସ୍ତ୍ରୀ ସ୍କୁଲ ବେଳୁଠୁ ହିଁ ପରସ୍ପରକୁ ଭଲପାଇ ବସିଥିଲେ । ବାହାଘର କିନ୍ତୁ ହେଇଥିଲା ପାଠଶାଠ ସରିଲା ପରେ।

''ନିଜ ପ୍ରେମର ମୃତ୍ୟୁ ମନ ଭିତରେ ବଡ଼ ଶୂନ୍ୟସ୍ଥାନଟେ ଛାଡ଼ିଯାଏ ନୁହେଁ ?''

ଭର୍ଣ୍ଣା ଉତ୍ତରରେ କହିଲା ''ସତରେ''।

''ହଉ, ଚାଲ ଗୋଟେ ଓ୍ୱାଇନ୍ ବୋତଲ ନେଇ ସାଥିରେ ପିଇବା।''

ହାରାମୀ, ମୋର ସବୁକିଛି ଲୁଟିନେଇ ନିଜେ ଘରସଂସାର ପିଲାଛୁଆ କରି ନିଜ ଜୀବନକୁ 'ସ୍ୱାଭାବିକ' କରିନେଲା। ସତେ ଯେମିତି ନିୟମିତ ଜୀବନଟେ ଜିଇଁବା ତା'ର ହିଁ ଅଧିକାର।

''ହଁ ଓ୍ୱାଇନ୍‌ଟା ଠିକ୍ ହବ କିନ୍ତୁ ଆଗ ଜାହାଜରେ ଉଠିଯିବା, ସେଇଠି ବସି ମଜାରେ ଉପଭୋଗ କରିବା। ଏବେ ମୁଁ ଚାଲିଲି ମୋ ବିଛଣାକୁ ।'' ଏତିକି କହି ପୁଣି ଥରେ ତା'ର ସେଇ ମାୟାବିନୀ ଆଖିରେ ଅନେଇଲା ବବ୍‌କୁ । ଭର୍ଣ୍ଣା ଉଠିଲା ମାତ୍ରେ ବବ୍ ତା' ଚେୟାର ଟାଣି ଭଦ୍ରାମୀ ଦେଖେଇଲା।

ଭର୍ଣ୍ଣା ଭାବୁଥିଲା, ଶଳା ଏବେକା କଥା ହେଇଥା'ନ୍ତା, ଗୋଟାଏ ଫୋନ୍‌ରେ ପୁଲିସ୍ ଆସି ଟେକି ନେଇଥା'ନ୍ତା ହାରାମୀକୁ। ମଦ ପିଆଇ ଜଙ୍ଗଲକୁ ନେଇ ବବ୍ ଆଉ ତା' ସାଙ୍ଗ କେନ୍ ତାକୁ ପରସ୍ତ ପରସ୍ତ କରି ତଳିତଳାନ୍ତ କରିଥିଲେ ଆଉ ହସି ଚାଲିଥିଲେ ଯେତେବେଳେ ଛୋଟ ଝିଅଟି ଅସହ୍ୟ ଯନ୍ତ୍ରଣାରେ କାନ୍ଦୁଥିଲା। ଭର୍ଣ୍ଣାର ଅନ୍ତର୍ବାସ ଖୋଲିନେଇ ତା'କୁ ପ୍ରାଇଜ୍ ପରି ରଖୁଥିଲା ବବ୍।

ଫେରିବା ବାଟରେ ତା'କୁ ଗାଡ଼ିରୁ ଧକ୍କା ଦେଇ ଅଧାରାସ୍ତାରେ ଫୋପାଡ଼ି ଦେଇଥିଲା । ସିଏ ସେ ଲଜ୍ୟା ଅପମାନ ଆଉ ଯନ୍ତ୍ରଣାରେ ଥରିଥରି ଘରକୁ ଫେରିଥିଲା।

ହିସାବ ବରାବର କରିବାର ଏବେ ସମୟ ଆସିଛି । ସେହିଦିନ ହିଁ ସାନଝିଅ ଭର୍ଣ୍ଣା ମରିଯାଇଥିଲା ଆଉ ତା ଜାଗାରେ ଘୃଣା ଓ ରାଗର ହଳାହଳ ଭରା ଅନ୍ୟ ଗୋଟେ ମଣିଷ ଜନ୍ମ ନେଇଥିଲା।

ସେଆଡ଼େ ବବର ଜୀବନ କଟୁଥିଲା ଯେମିତି ସେ କେବେ ବି କିଛି ପାପ କରିନି। ପୂରାପୂରି ସ୍ୱାଭାବିକ । ଯା' ହେଉ, ବବ୍ ପ୍ରମାଣ କରି ଦେଖେଇ ଦେଇଥିଲା ଯେ ଜୀବନ ଯୁଦ୍ଧରେ ଶକ୍ତିଶାଳୀ ଲୋକ ହିଁ ଜିତିବ ଓ ଦୁର୍ବଳକୁ ଶୋଷଣ କରିଚାଲିବ। ବବ୍ ହିଁ ଭର୍ଣ୍ଣାକୁ ଜଣେ ହତ୍ୟାକାରୀ ବନେଇଥିଲା।

ଜାହାଜ ଉପରେ ସକାଳଟା ଜଣେ ଭୂତତ୍ତ୍ୱ ବିଶାରଦଙ୍କ ଭାଷଣରୁ ଆରମ୍ଭ ହେଲା।

''କିଛି ସମୟ ପରେ ଜାହାଜ ଲାଗିବ 'ଷ୍ଟ୍ରୋମାଟୋଲାଇଟ୍‌ସ୍' ଦ୍ୱୀପ'ରେ। ସେ ବୁଝେଇଲେ, ''ଷ୍ଟ୍ରୋମାଟୋଲାଇଟ୍‌ସ୍' ମାନେ ପୃଥିବୀରେ ଜୀବନ ସୃଷ୍ଟି ହେବାର ସର୍ବପ୍ରଥମ ସବୁଜ – ନୀଳ ଏକକୋଷୀ ଗୁଳ୍ମର ଫସିଲ୍ ବା ଜୀବାଶ୍ମ। ଏଇଟା ଗୋଟେ ଗ୍ରୀକ୍ ଶବ୍ଦ, 'ଷ୍ଟ୍ରୋମା ଅର୍ଥାତ୍ ଗଦି ବା ରେଜେଇରୁ ଆସିଛି । ଆଉ ଯେହେତୁ ଫସିଲ୍ ଗୁଡ଼ିକ ସ୍ତରସ୍ତର ହୋଇ ଅତି ମୋଟା ଗଦି ଭଳି ଦେଖାଯାଏ, ତାକୁ 'ପଥର ଗଦି' କହିଲେ ଭୁଲ୍ ହବନି।

ଲଞ୍ଚ୍ ଟେବୁଲ୍‌ରେ ଭର୍ଣ୍ଣା ପାଖରେ ବସିଥିବା ପତଳା ବୁଢ଼ା ଜଣେ ମୁଣ୍ଡ ହଲେଇ କହିଲା, ''ଏତେ ବାଟକୁ ଆସିଲୁ ଶେଷରେ ପଥର ଦେଖିବା ପାଇଁ !'' ଭର୍ଣ୍ଣା କିନ୍ତୁ ତା'ର ଉତ୍ତେଜକ ଷ୍ଟାଇଲ୍‌ରେ ଉତ୍ତର ଦେଲା, ''ମୁଁ କିନ୍ତୁ ଚାହିଁ ବସିଛି ସେଇ ଗଦିଗୁଡ଼ାକ ଦେଖିବା ପାଇଁ ।''

''ଗଦି'' ଶବ୍ଦଟାକୁ ଏଭଳି କହିଲା, ଯେମିତି ସିଲ୍କ ଚାଦର ଉପରେ ଉଲଗ୍ନ ଶରୀରର ମସୃଣ ଶବ୍ଦ । ବୁଢ଼ା ଆଖିରେ ହଠାତ୍ ଗୋଟାଏ ଚମକ ଆସିଲା। ଭର୍ଣ୍ଣା ଭାବୁଥିଲା ବବ୍ ଛଡ଼ା ଆଉ ଗୋଟେ ଲୋକ ବି ଥିବା ଭଲ । ଆଉ ଏଇ ମର୍ଦ୍ଦଟିର ଯେତେ ବୟସ ହେଲେ ବି ଶଳାଙ୍କ ରସିକ ପଣିଆ ଯିବନି !

ଦୂରବୀକ୍ଷଣରେ ଡେକ୍ ଉପରୁ ଦିଶୁଥିଲା ପାହାଡ ପରେ ପାହାଡ଼। ପ୍ରଥମଟା ଛାଡ଼ି ଦ୍ୱିତୀୟ ପାହାଡ଼ ଉପରେ କାଳେ ପୃଥିବୀର ସବୁଠୁ ଭଲ ଷ୍ଟ୍ରୋମାଟୋଲାଇଟ୍‌ସ୍ ଦେଖାଯାଏ। ମନକୁ ଆସିଲା ଆଉଗୋଟେ କଥା। ଯଦି କେହି ସେଇ ଦ୍ୱିତୀୟ ପାହାଡ଼ରୁ ତୃତୀୟଟା ଆଡ଼େ ଖସିପଡ଼େ, କେହି କେବେ ତାକୁ ଖୋଜି ପାରିବେନି।

ଉଡ଼ାଜାହାଜରେ ବନ୍ଦର ପାଖକୁ ଗଲାବେଳେ ବବ୍ କଥା ଭାବୁଥିଲା । ତାକୁ ଦୂରେଇ ରଖିବା ଠିକ୍ ହବ ନା ଲଜ୍ଜା ଓ ଅପମାନିତ କରି ତାକୁ ଛାଡ଼ିଦବ।

କିମ୍ବା ତାକୁ ଜୀବନରେ ମାରିଦବ।

ନା, ବବ୍‌କୁ ମାରି ହିଁ ଦବ। ଜାହାଜ ଭିତରେ ମାରିଲେ ଧରା ପଡ଼ିଯିବାର ଡର ଅଛି ଏଣୁ ଯେଉଁ ଦ୍ୱୀପ ଗୁଡ଼ାକ ବୁଲିବାର ଅଛି, ସେଇଠି କେଉଁଠି ଗୋଟେ ଏ କାମଟା ସାରିବାକୁ ହବ।

ସେ ଠିକ୍ କରିନେଲା ଯେ ଜାହାଜ ଭିତରେ ବବ୍ ସାଥିରେ ଅତି ମିଳାମିଶା କରିବନି। ଅନ୍ୟ ଯାତ୍ରୀମାନଙ୍କର ଆଖିରେ ପଡିବ। ଏଣୁ ତାକୁ ଆକର୍ଷିତ କରି ରଖିବା ପାଇଁ ଯେତିକି ନିହାତି ଜରୁରୀ ସେତିକି ହିଁ ମିଶିବ। ଅନ୍ୟଥା ଲୋକଙ୍କ ଆଖିରେ ପଡିବ ଆଉ ଫାଲତୁ ପ୍ରଚାର ହବ ।

ଜାହାଜରେ ଚଢ଼ିଲା ପରେ ନିରାପଦ ଯାତ୍ରା ବିଷୟରେ ଭାଷଣଟେ ହେଲା। କେମିତି ଚଢିବ, ଓହ୍ଲେଇବ, ଲାଇଫ୍ ଜାକେଟ୍ କେମିତି ପିନ୍ଧିବ, କେବିନ୍ ତାଲା ପକେଇବ ଇତ୍ୟାଦି। ତା'ପରେ ଦୀପପୁଞ୍ଜ ଗୁଡିକ ବୁଲିଲା ବେଳେ କେମିତି ଚଳିବ। ଉତ୍ତର ମେରୁର ପୋଲାର ଭାଲୁ କେତେ ହିଂସ୍ର ଏସବୁ ବିଷୟରେ ଯାତ୍ରୀମାନଙ୍କୁ ଜଣେଇ ଦିଆଗଲା ।

ଭାଷଣ ପରେ ଭର୍ଣ୍ଣା ଗଲା ଡେକ୍ ଉପରକୁ। ମହାସାଗରର ଘନନୀଳ ଜଳରାଶି ଓ ନୀଳ ଆକାଶ ମଝିରେ ବେଳେବେଳେ ମରିଚିକା ଦିଶୁଥାଏ।

ଅକସ୍ମାତ ବବ୍‌ର ସ୍ୱର ଶୁଭିଲା, ''ଅତି ମନୋରମ, ନୁହେଁ ? ଶୁଣ, ସେଇ ଓ୍ୱାଇନ୍, କଥାଟା କ'ଣ କରିବା ?''

''ଆଜି ନୁହେଁ, ଆଜି ଅନ୍ୟମାନଙ୍କ ସାଥିରେ ବସିବି ବୋଲି କଥା ଦେଇଛି'' ଧିରେ ଧିରେ କହିଲା ଭର୍ଣ୍ଣା।

ପମ୍ପଦିଆ ଛୋଟ ଡଙ୍ଗା ଗୁଡ଼ାକରେ ଲାଇଫ୍ ଜାକେଟ୍ ଲଗେଇ ପରକୁ ପର ଧାଡ଼ିରେ ବସି ପାହାଡ଼ ମାଳା ଆଡ଼େ ଆଗେଇ ଚାଲିଲେ ଯାତ୍ରୀଦଳ । କାଇଦା କରି ବବ୍ ଆସି ବସିଲା ଭର୍ଣ୍ଣା ପାଖରେ ଆଉ ନୀଳଜଳ ରାଶିକୁ ପଛରେ ରଖି ଭର୍ଣ୍ଣାର ଫଟୋ ଉଠେଇ ଚାଲିଲା ।

ଭର୍ଣ୍ଣାର ଛାତି ଧଡ଼ଧଡ଼ ହେଲା। ସେ କିଛି ସମୟ ପାଇଁ ଭାବିଲା, ''ମୁଁ ତାକୁ ମାରିବିନି, ନିଜ ପରିଚୟ ଦେବି, ସେ ଚିହ୍ନିବ ଓ କ୍ଷମା ମାଗିବ, କିନ୍ତୁ ତା'କୁ ମାରିବିନି।'' ହୁଏତ ଏମିତି କଲେ ହିସାବ ବରାବର ହେଇଯିବ।

ବୋଟ୍ କୂଳରେ ଲାଗିଲା ପରେ ଲାଇଫ୍ ଜାକେଟ୍ ଖୋଲି ସେମାନେ ପାହାଡ଼ ଚଢ଼ିବାକୁ ଲାଗିଲେ । ସେ ଗାଇଡ୍‌ଟା ପାଟିକରି କହୁଥିଲା, ''ଦେଖନ୍ତୁ କେହି ବି ଫସିଲ୍ ଗୁଡ଼ା ନେବେନି।''

ଫସିଲ୍ ଗୁଡ଼ା କଇଁଚ ପିଠି ଭଳି ଦିଶୁଥାଏ। ଗୋଟେ ଓଜନିଆ ଭଙ୍ଗା ଫସିଲ୍ ଉଠେଇଲା ଭର୍ଣ୍ଣା। ତୀଖ କୋଣରୁ ତା' ଭିତରର ପାଉଁଶିଆ ଓ କଳାସ୍ତର ଗୁଡ଼ା ବାରିହୋଇ ପଡୁଥାଏ। ଚୁପ୍‌ଚାପ୍ ବାକ୍‌ପାକ୍‌ରେ ପୂରେଇଲା ବେଳକୁ ତା'କୁ ଲାଗିଲା ବବ୍ ତା' ପାଖାପାଖ ଅଛି । ଦେଖିଲା ବେଳକୁ ଧଇଁସଇଁ ହୋଇ ଉପରକୁ ଆସୁଥାଏ ବବ୍ । ବୟସ ବି'ତ ହେଲାଣି । ଶରୀର ଭାଙ୍ଗି ଆସିଲାଣି।

ସବୁକିଛି ଭୁଲିଯିବାଟା କ'ଣ ଠିକ୍ ହବନି ? ଗଲାଣି ତ ଗଲା କଥା ବୋଲି ଧରିନେଇ ମନକୁ ବୁଝେଇ ଦେଲେ ଚଳିବନି ? ମର୍ଦ୍ଦମାନେ ତ' ମର୍ଦ୍ଦ ହିଁ ରହିବେ। ପୁରୁଷ ହର୍‌ମୋନ୍‌ର ଗୋଲାମ ଏମାନେ। ଜଣେ ଏତେ ବର୍ଷ ଆଗରୁ କରିଥିବା ପାପ ପାଇଁ ଏବେ ଶାସ୍ତି ପାଇବା କ'ଣ ଠିକ୍‌ହବ ?

କାଉଟାଏ ଉଡ଼ିଗଲା ଉପରେ। ଜାଣିପାରିଲା କି ସେ ? କ'ଣ ତା ଆଖିରେ ଅଛି ? ଜଣେ ମଧ୍ୟବୟସ୍କା ଜଣେ ବୁଢ଼ାକୁ ମାରିବାକୁ ବସିଛି ଗୋଟେ ଦୋଷ ପାଇଁ ଯାହା ଯୁଗଯୁଗ ତଳେ ଘଟିଥିଲା।

ବଦ୍‌ଲାର ନିଆଁ ଲିଭି ଆସିଲାଣି। ନଗଣ୍ୟ କଥା ଭଳି ଲାଗେ । ଜୀବନରେ ଘଟେ ଏମିତି ଅନେକ ଘଟଣା। ''ଆରେ ଭର୍ଣ୍ଣା, ଦିନଟା ଆଜି ଭାରି ସୁନ୍ଦର ନୁହେଁ ?'' ବବ୍ କହିଲା । ସେତେବେଳକୁ ସେମାନେ ଦ୍ୱିତୀୟ ପାହଡ଼ ଉପରୁ ତଳକୁ ଯାଉଥିଲେ।

''ଆରେ, ସେପଟେ ଯିବାକୁ ମନା କରିଛନ୍ତି ପରା', ଭର୍ଣ୍ଣା କହିଲା, ବବ୍‌ର ଉତ୍ତର ଥିଲା–''ଶୁଣ ପଇସା ତ ଆମେ ଦେଇଛୁ ନା !''

ତା ଗଳାରେ ଥିଲା ଗୋଟେ ବଡଲୋକି ଦମ୍ଭ । ଯେମିତି କହିବାକୁ ଚାହୁଁଥିଲା, ସେ ନିୟମ ଗୁଡ଼ା କରାଯାଏ ମୂର୍ଖ ଓ ଦୁର୍ବଳିଆଙ୍କ ପାଇଁ।

ସେ ତୀଖ ଗଡ଼ାଣିର ଅଧାଅଧି ଯାଇ ଗୋଟେ ବଡ଼ ପଥର ଉପରେ ବସି ପଡ଼ିଲା ବବ୍ । ଭର୍ଣ୍ଣା ଚାରିଆଡ଼େ ନିରେଖ ଦେଖିଲା ଯେ କେହି ସେମାନଙ୍କୁ ଦେଖିପାରୁନାହାନ୍ତି । ଦ୍ୱିତୀୟ ପାହାଡ଼ର ଶୀର୍ଷରେ ଛିଡ଼ାହୋଇ ଥିବା ବନ୍ଧୁକଧାରୀ ଜଗୁଆଳୀର ମୁଣ୍ଡ ବି ଦିଶୁନି।

ସେ ପକେଟ୍‌ରୁ ପତଳା ଗ୍ଲୋଭସ ଦି'ଟା ବାହାର କରି ପିନ୍ଧିଲା।

''ଏଇ ଠିକି ଆସି ବସ । ମୁଁ ଟିକେ ହୁଇସ୍କି ଆଣିଛି, ଚାଲ ପିଇବା।'' ବବ୍ ବସିଥିବା ପଥର ଚାରିଆଡ଼େ କଳାକଳା ଗୁଳ୍ମ ଭରି ରହିଥାଏ।

ବସୁବସୁ ଭର୍ଣ୍ଣା କହିଲା, ''ଦେଖେ ଏଇ ଫସିଲ୍‌ଟା, କି ସୁନ୍ଦର ହେଇଛି,'' ତା' ପରେ ଦୀର୍ଘ ନିଶ୍ୱାସଟେ ନେଇ କହିଚାଲିଲା, ''ବୁଝିଲ, ଭାବୁଛି ଆମେ ଅନେକ ଆଗରୁ ପରସ୍ପରକୁ ଜାଣିଛୁ। ଏକାସ୍କୁଲରେ ପଢୁଥିଲେ ଆମେ ଆଉ ମୋ ନା' ହେଲା ଭର୍ଣ୍ଣା ପ୍ରିଚାର୍ଡ଼।''

ସେଇ ପୁରୁଣା ବ୍ୟଙ୍ଗାତ୍ମକ ହସଟେ ହସି ବବ୍ କହିଲା,

''ହଁ, ମତେ ବି ସେମିତି ଟିକେ ଲାଗୁଥିଲା। ତମ ମୁହଁଟା ଚିହ୍ନାଚିହ୍ନା ଲାଗୁଥିଲା।''

ସେଇ ପୁରୁଣା ବ୍ୟଙ୍ଗପୂର୍ଣ୍ଣ ହସ। ଛୋଟିଆ ଭର୍ଣ୍ଣାର ରକ୍ତାକ୍ତ ଭଗ୍ନ ଶରୀର ପଡ଼ିଥାଏ ବରଫ ଚଟାଣ ଉପରେ ଆଉ ତା' ଗୋଡ଼ ମଝିରେ ଠିଆହୋଇ ବବ୍ ଏମିତି ହିଁ ଅଟ୍ଟାଳିଆ ହସଟେ ହସିଥିଲା ।

ମୁନିଆଁ ପଥରଟାକୁ ମୁଣ୍ଡରେ ଛେଚିଲେ ଏକାଥରକେ କାମ ଶେଷ ହେଇ ନ ପାରେ। ତଳପଟୁ ବରଂ ଯୋର୍‌ରେ ବେକ କାନ ସନ୍ଧିକୁ ମାରିଲେ ଠିକ୍‌ହେବ। ଆଉ ଭର୍ଣ୍ଣା ସେଇଆ କଲା। ଗୋଟିଏ ତୀବ୍ର ମାଡ଼ରେ ବବ୍‌ର ବେକ ଶଣ୍ଠା ଖଟ୍ କରି ଭାଙ୍ଗିଗଲା। ଚାରିକାତ ମେଲି ବବ୍ ପଡ଼ିଲା ପଥର ଉପରେ ଆଉ ଭର୍ଣ୍ଣା ଦି ଚାରିଥର ତା କପାଳକୁ ଛେଚିଲା ପରେ ହିଁ ଟିକେ ଆଶ୍ୱସ୍ତ ହେଲା ।

ବବ୍ ଦାନ୍ତ ମେଲେଇ ଆଖିଫାଡ଼ି ପଡ଼ିଥିଲା ପଥର ଗଦିରେ। ମୁହଁର ଦିପଟେ ରକ୍ତ ଆଉ ତା'ର ନକଲି ଦାନ୍ତ ବାହରି ଆସିଥିଲା।

''କି ବାଜେ ଦିଶୁଛ ତମେ !'' ଭର୍ଣ୍ଣା ହସିହସି କହିଉଠିଲା।

ବବ୍‌ର ବ୍ୟାଗରୁ ସବୁଜିନିଷ ଖାଲି କରି ନିଜ ବାକ୍‌ପାକ୍‌ରେ ରଖି ଫସିଲ୍ ପଥରଟାକୁ ଭଲକରି ପୋଛି ନେଲା ଓ ଛୋଟିଆ ମୁଣ୍ଡିଆ ତଳ ଦେଇ ବୁଲିକି ପହଞ୍ଚିଗଲା ତା' ଦଳରେ। କିଏ ଦେଖିଲେ ଭାବିବ ଏକା ଯାଇଥିଲା ବୋଧେ। କାଉ ଓ ଜଙ୍ଗଲୀ ମୂଷାଙ୍କ ଖାଦ୍ୟ ପାଇଁ ଛାଡ଼ି ଆସିଥିଲା ବବ୍‌କୁ।

ଲାଇଫ୍ ଜାକେଟ୍‌ର ସଂଖ୍ୟାକୁ ନେଇ ଯାତ୍ରୀମାନଙ୍କ ଯେହେତୁ ଉପସ୍ଥାନ ଜଣାପଡ଼େ, ଭର୍ଣ୍ଣା ବବ୍‌ର ଜାକେଟକୁ ନିଜ ବାକ୍‌ପାକ୍‌ରେ ଲୁଚେଇ ଦେଲା ଆଉ ଜାହାଜରେ ଉଠୁ ଉଠୁ ଯାଇ ଉପସ୍ଥାନ ବୋର୍ଡରେ ନିଜର ଓ ବବ୍‌ର ଉପସ୍ଥାନ ପକେଇଲା।

ବବ୍‌ର କାବିନ୍ ଭିତରେ ତା'ର ଜାକେଟ୍ ଓ ଟୋପି ଥୋଇ ବିଛଣା ଚାଦରକୁ ଏପାଖ ସେପାଖ କରିଦେଲା । ପ୍ରାୟ ପ୍ରତ୍ୟେକ ଦିନ ବିଛଣାକୁ ବ୍ୟବହାର କରାଯାଇଥିବା ଭଳି ଦେଖାଯିବା ପାଇଁ ବ୍ୟବସ୍ଥା କରିବାକୁ ପଡିବ। ଆଉ ଜିନିଷ ଖେଳେଇ ଦେଲେ ସଫେଇ ବାଲାମାନେ ବି ଟେର୍ ପାଇବେନି ଯେ କାବିନ୍‌ରେ ବବ୍ ନାହିଁ । କିଛି କପଡ଼ାକୁ ମାଡି ମକୁଚି ବାସ୍କେଟ୍‌ରେ ପକାଇ ଚାଲିଲା ।

ଏଇ ବିଳାସମୟ ରିଜୋଲୁଶନ–୨ ଜାହାଜର ହଜାର ହଜାର ମାଇଲ ଯାତ୍ରାରେ କିଏ ବା କାହିଁକି ଖୋଜିବ ବବ୍‌କୁ । ଉତ୍ତର ମେରୁର ଅନେକ ହ୍ରଦ ଓ ଉପକୂଳକୁ ଛୁଇଁ ନୈସର୍ଗିକ ମଧ୍ୟରାତ୍ରୀର ସୂର୍ଯ୍ୟକୁ ଉପଭୋଗ କଲାବେଳେ କିଏ କାହିଁକିବା ବବ୍‌ର ଅନୁପସ୍ଥିତି କଥା ଭାବିବ ?

ହୁଏତ ଯାତ୍ରା ଶେଷରେ ସେମାନେ ଜଣେ ନିରୁଦ୍ଦିଷ୍ଟ ବ୍ୟକ୍ତି କଥା ଜାଣିବେ। ରୁଦ୍ଧଦ୍ୱାର ବୈଠକଟିଏ ହବ ଓ ଖବର କାଗଜରେ ଛୋଟିଆ ଖବରଟେ ବାହାରିବ ଯେ ଜଣେ ଯାତ୍ରୀ ଡେକ୍ ଉପରେ ଝୁଙ୍କି ପଡ଼ି ଫଟୋ ଉଠାଉ ଉଠାଉ ମହାସାଗରର ଅଥଳ ଜଳରାଶିକୁ ଖସିପଡ଼ିଲେ । ଏହାଛଡ଼ା ଆଉ କ'ଣ ବା ହେଇପାରେ ଘଟଣାଟି?

ଏବେ ଶାନ୍ତିରେ ଭର୍ଣ୍ଣା ଭାବୁଥିଲା ତା' ତୃତୀୟ ସ୍ୱାମୀ କଥା। ସିଏ ଭାଏଗ୍ରା ଖାଇ ସଂପୂର୍ଣ୍ଣ ଉତ୍ତେଜିତ ହେଲାପରେ କହୁଥିଲା ମୃତ୍ୟୁ ଓ ଯୌନତାକୁ କବିମାନେ ଏକାଭଳି ଦେଖୁଥିଲେ । କିଏ ସେଇ ଭିକ୍ଟୋରିଆ ସମୟର କବି ? ଟେନିସନ୍ ? କିଟ୍‌ସ୍? କେଜାଣି । ସମୟ ଗଡ଼ିବା ଭିତରେ ହୁଏତ ଭର୍ଣ୍ଣା ଉତ୍ତର ପାଇବ ।


**ଫରେଷ୍ଟ ପାର୍କ, ଭୁବନେଶ୍ୱର**
**ମୋ: ୭୦୦୮୩୪୦୯୩୦**


## ॥ ଯାହା ଲୋଡୁଛି ଏ ଦେଶ ॥

**ଡ଼.ଅଭୟ ନାରାୟଣ ନାୟକ**

ରାମ ଆଉ ରହିମ୍‌କୁ ନେଇ
ଯେତେସବୁ ଫ୍ଲେଗ୍ ମାର୍ଚ୍ଚ
ଯେତେ ସବୁ ବିକ୍ଷୋଭ
ବୋମା ଓ ଫୁଲର ରୋଷଣୀ
ହତିଆର ଆଉ କଲମର କାହାଣୀ
ରାମ ଆଉ ରହିମ୍‌କୁ ନେଇ
ଫୁଟିପାରେ କିଛି ବି
ଆଜିଠୁ ଆସନ୍ତା କାଲିଯାଏ
କେହି କେହି ପ୍ରସ୍ତୁତ ହେଲେଣି
ଜାଳିବାକୁ ଆତ୍ମ ପ୍ରତ୍ୟୟ
ଦେଶର ଜରୁରୀ କାଳୀନ କାର୍ଯ୍ୟାଳୟ
ରାମ ଓ ରହିମ୍‌କୁ ନେଇ
ଏତେ ଆକ୍ଷେପ ପ୍ରତି ଆକ୍ଷେପ
ପାଷାଣ କରି ଦେଉଛି
ରାମଗାଥାକୁ
ପ୍ରସ୍ତୁତ ରହ ପ୍ରିୟଜନ!
ଏ ଦେଶ ବଞ୍ଚିଲେ ଯାଇ
ହେବ ରାମ କି ରହିମ୍‌ର ଉଚ୍ଚାରଣ!
ସାବଧାନ !!
ରାମ ଓ ରହିମ୍‌ଙ୍କୁ ନେଇ
କେହି ସଜାଅନା ଏଠି
ଦେଶ ମାତୃକାର ଧ୍ୱଂସ ଗାନ
ଲୋଡ଼ାନାହିଁ ସଂଘର୍ଷର ରକ୍ତଦାନ
ଲୋଡୁଛି ଆଜି ଏ ମାଟି
ସଂପ୍ରିତିର ମହାର୍ଘ୍ୟ ପୂଣ୍ୟ ଓ ବଳିଦାନ।।


**ଉପନିର୍ଦ୍ଦେଶକ,**
**ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା,**
**ୟୁନିଟ–୯, ଜନପଥ, ଭୁବନେଶ୍ୱର–୨୨,**
**ମୋ.୯୪୩୭୮୯୨୫୪୦**
E-mail: nayak.abhaya@redifmail.com


## ଅସ୍ପଷ୍ଟ

**ଡାଃ ମନୋରଞ୍ଜନ ଦାଶ**

ମନ କଥା ଖୋଲି କହି ପାରୁନି ବୋଲି ତ
ଜଳୁଚି ନିଶ୍ଚୁପ ଯାତନାରେ..
ଜୀବନରେ ସବୁ ଅବସ୍ଥା ଓ ସମୟକୁ ସହି –ବହିବାରେ
ଛାତିକୁ ଦେଇଚି ପତେଇ...
ପ୍ରାପ୍ତିରେ ତୃପ୍ତି, ଅପ୍ରାପ୍ତି ଓ ଉପେକ୍ଷାରେ
ଚେନାଏ ହେଲେ ଦୁଃଖ ନାହିଁ ମୋର ।
ବନ୍ଧୁ କି ପ୍ରେମିକା କିଏ ଏଠି ଆପଣାର ?
ଖାଲି ଦେବାରେ ଓ ନେବାରେ କ'ଣ ସଂପର୍କ...
ସଂପର୍କ ତ ହୃଦୟ ଓ ମନର
ନିଟୋଳ ଆତ୍ମୀୟତାରେ...
ମୁଁ କିନ୍ତୁ ପାରୁନି ମନ କଥା ଖୋଲି
କହିବାକୁ କାହାକୁ ...
ସେଇ ଏକାନ୍ତ ଅଦୃଶ୍ୟ ସତ୍ତା ନିକଟରେ
ଯାହା ଖାଲି କଥା ବାର୍ତ୍ତା ଓ ଲୁହ ଦି ଟୋପାରେ...
ହୋଇପାରେ ମୁଁ କିମ୍ଭୁତ ଓ ବିସ୍ମୟୀ
କିନ୍ତୁ ପାରୁନି ମୁଁ ଛଳନା ଓ ପ୍ରତାରଣାକୁ ସହ୍ୟ କରି ...
ସ୍ୱଷ୍ଟୋକ୍ତିରେ ଜୀବନ ଜୀଇଁବାରେ ମୋର ତୃପ୍ତି ..
ଆଉ ଅସ୍ପଷ୍ଟକୁ ଛିଃ ।।


**ପ୍ରଭାତୀ ନିଳୟମ୍, ଚୂନଡିହ,**
**ପଚ୍ଚାମୁଣ୍ଡାଇ ଜି : କେନ୍ଦ୍ରାପଡ଼ା**
**ମୋ –୯୪୩୭୩୧୭୭୨୨**


## ହେ ଫଗୁଣ ଅପେକ୍ଷା ତୁମକୁ

**ସରିତା ସାସମଲ**

ଏତେ ଭିଡ଼ ରେ
ବି ଏକା ଏକା ଲାଗେ.....
ବଉଳ ବଉଳିଛି ହେଲେ
କୋଇଲି ଟା ବାଉଳା ହେଇ
ଅମଡ଼ା ବାଟ ରେ ଠିଆ ହେଇ
ନିତି ସେ ଆଉ କାହାକୁ ଜଗେ ।।

ଫଗୁଣ ଆସିବ ବୋଲି
ନବ ପଲ୍ଲବିତ ତରୁ ରେ
ସୁବାସିତ ପୁଷ୍ପର ସମ୍ଭାର
ହେଲେ ......
ଖାଁ ଖାଁ ଲାଗେ ଏଇ
ଅଧା ତପ୍ତ ଅଧା ଶୀତ ଖରା ବେଳ ।।

ବାଟ ହୁଡ଼ି ପାହାଡି ଝରଣା
ବାସ ହିନ ବାସର ରାତି ରେ
ଶତ ଧିକାରେ ନିଜକୁ....
ଲୁଚଉଚି ବାସି ଶେଯେ
ସଜ ଫୁଟା ଗଭାର ଗଜରା
ଆଉ ତାର ଅମଳିନ
ଖୋଳ ଶୃଙ୍ଗାର କୁ ।।

ହେ ଫଗୁଣ ଅପେକ୍ଷା ତୁମ କୁ ....।।


**ସେଣ୍ଟ ଜାଭିୟର୍ସ ହାଇସ୍କୁଲ ,**
**କାକଟପୁର, ପୁରୀ**


## ଆସନ୍ତୁ ଜାଗର ଜାଳିବା

**ନିରଞ୍ଜନ ସାହୁ**

ଫଗୁଣ ମାସରେ ମହାଶିବରାତ୍ରି
ଆସନ୍ତୁ ଜାଗର ଜାଳିବା
ଉଜାଗର ରହି ହରହର କହି
ଜାଗର ଜାଳିକି ପାଳିବା ।

ଶିବଙ୍କ ପୟରେ ଲୟ ଲଗାଇବା
ମନରେ ଭକତି ଆଣିବା
ଶିବଙ୍କ ମହିମା ବାବଦରେ ଆମେ
ଭକ୍ତଙ୍କୁ ପଚାରି ଜାଣିବା
ଶିବଙ୍କ ଲିଙ୍ଗରେ ଭକ୍ତି ସହକାରେ
କଞ୍ଚାକ୍ଷୀର ଆମେ ଢ଼ାଳିବା ।

ଶିବ ପଞ୍ଚାକ୍ଷର ଶିବ ଷଡାକ୍ଷର
କାନଡେରି ଆମେ ଶୁଣିବା
''ଓଁ ନମଃ ଶିବାୟ'' ପାଞ୍ଚ ଅକ୍ଷରକୁ
ଜପି ଭକ୍ତିରସ ବୁଣିବା
ଶିବଙ୍କ ସହସ୍ରନାମ ପଠନରେ
ରସନାକୁ ଧୀରେ ଚାଳିବା ।

ଭକ୍ତ ଗହଣରେ ନିଜକୁ ହଜାଇ
ବେଢା ପରିକ୍ରମା କରିବା
ଚିତ୍ତକୁ ଚଞ୍ଚଳ ନ କରିକି ଆମେ
ହୃଦୟରେ ଭକ୍ତି ଭରିବା
ଶିବାଳୟେ ଆମେ ଏକାଗ୍ର
ମନରେ
ଶିବଙ୍କୁ ହୃଦୟେ ଭାଳିବା ।

ଶିବଙ୍କ କୃପାରେ ଆମରି ଜୀବନ
ନିଶ୍ଚୟ ସାର୍ଥକ ହୋଇବ
ଶିବଙ୍କ ଭକ୍ତିରେ ଆମ ଚକ୍ଷୁ ଜଳ
ଶିବ ପାଦ ନିଶ୍ଚେ ଧୋଇବ
ଶିବଙ୍କର ଆଶୀର୍ବାଦ ଲାଭ କରି
ସର୍ବ ସଙ୍କଟକୁ ଟାଳିବା ।


**ନିହଲ ପ୍ରସାଦ, ଗଁଦିଆ ପାଟଣା**
**ଢେଙ୍କାନାଳ–୭୫୯୦୧୬**
**ମୋ: ୯୯୩୮୭୪୧୫୮୩**

# ବିକଶିତ ଭାରତ ଭିବି ରାମ ଜି ଅଭିଯାନ ଓ ବିଜେପି ନଗର ମଣ୍ଡଳ ନୂତନ ପଦାଧିକାରୀଙ୍କ ତାଲିକା ପ୍ରକାଶ



କରଞ୍ଜିଆ,୧୪।୨(ନି.ପ୍ର):କରଞ୍ଜିଆରେ ବିକଶିତ ବାରତ ଭିବି ରାମ ଜି ଅଭିଯାନ ଅବସରରେ ଜନଜାଗରଣ କାର୍ଯ୍ୟକ୍ରମ ଓ ପ୍ରଚାର ଅଭିଯାନ ଆୟୋଜିତ ହୋଇଯାଇଛି । ଗ୍ରାମୀଣ ଉନ୍ନତି, ଶ୍ରମିକ କଲ୍ୟାଣ ଓ ଆତ୍ମନିର୍ଭର ଭାରତ ଗଢିବାକୁ ଲକ୍ଷ୍ୟ କରି ଏହି ଅଭିଯାନରେ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଓ ସାଧାରଣ ଲୋକ ଯୋଗ ଦେଇଥିଲେ । ଅଭିଯାନ ସମୟରେ ଘରେ ଘରେ ସମ୍ପର୍କ ସ୍ଥାପନ ପାଇଁ କରି ସରକାରୀ ଯୋଜନା, ଶ୍ରମିକ ସୁବିଧା ଓ ୧୨୫ ଦିନ ନିର୍ମାଣ ଶ୍ରମିକ ଦୃଢ ଗ୍ୟାରେଣ୍ଟି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଗ୍ରାମ ପଞ୍ଚାୟତ ସ୍ତରରେ ବିକାଶ ଯୋଜନା ପ୍ରସ୍ତୁତି, ଦୁର୍ବଳ ବର୍ଗଙ୍କ ସଶକ୍ତିକରଣ ଓ ପ୍ରଶାସନିକ ପାରଦର୍ଶିତାକୁ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଭାବେ ଉଲ୍ଲେଖ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ବିକଶିତ ଭାରତ ଗଢିବାରେ ଗ୍ରାମ ଉନ୍ନତି ଓ ଶ୍ରମିକଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ । ସରକାରଙ୍କ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଓ ଯୁବପୀଢିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କରଞ୍ଜିଆ ନଗର ମଣ୍ଡଳର ନବନିଯୁକ୍ତ ପଦାଧିକାରୀମାନଙ୍କ ତାଲିକା ମଧ୍ୟ ପ୍ରକାଶ ପାଇଥିଲା । ମଣ୍ଡଳ ଅଧ୍ୟକ୍ଷ ଭାବେ ସମ୍ବିଧାନ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉପାଧ୍ୟକ୍ଷ ଭାବେ ଜେ କେ ଖଗେଶ୍ୱର ଦାସ, ଇଏନ୍ଏସ୍ ପ୍ରିୟଙ୍କା, କଳ୍ପନା ପାତ୍ର, ସରୋଜ କୁମାର ରାଉଳ, ଶସାଦେବ କର ଓ ଅନାମ ପାତ୍ର ନିଯୁକ୍ତ ହୋଇଛନ୍ତି । ସାଧାରଣ ସଚିବ ଭାବେ ଲକ୍ଷ୍ମୀ ଝା ଓ ଅମୃତ କୁମାର ଦାସ ଦାୟିତ୍ୱ ପାଇଥିବା ବେଳେ ସଚିବ ଭାବେ ମାଧବ ଦେହୁରୀ, ପରେଶ ଦାସ, ବିଚିତ୍ର ମହାନ୍ତ, ଆରତି ନାଏକ, ଦେବେନ୍ଦ୍ରନାଥ ନାଏକ ଓ ସବିତାରାଣୀ ମହାନ୍ତ ନିଯୁକ୍ତ ହୋଇଛନ୍ତି । କୋଷାଧ୍ୟକ୍ଷ ଭାବେ ନରେଶ ପୁଥାଲ, ପରାମର୍ଶଦାତା ଭାବେ ମଣ୍ଡଳୀରେ ମହେଶ୍ୱର ସାହା, ପ୍ରଶାନ୍ତ ମିଶ୍ର, ତାପସ ଦାସ, ଉତ୍କଳ ଦାସ, ଲକ୍ଷ୍ମୀକାନ୍ତ ରାମ, ସିଦ୍ଧାର୍ଥ ମହାନ୍ତ ଓ ମୁରଲୀଧର ବାରିକଙ୍କୁ ସମ୍ମିଳିତ କରାଯାଇଛି । ଶେଷରେ ବିକଶିତ ଭାରତ ଗଢିବା ପାଇଁ ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ସମନ୍ୱୟ ରଖି କାମ କରିବାକୁ ଆହ୍ୱାନ ଜଣାଇଥିଲେ ।

# କୋଚିଲାମଡାରେ ଜଟାଧାରୀଙ୍କ ବାର୍ଷିକ ଉତ୍ସବ

ଓଡାପଡା, ୧୪୨(ନି.ପ୍ର) : ଓଡାପଡା ବ୍ଲକ ମୋଟଙ୍ଗାଥାନା ଅନ୍ତର୍ଗତ କୋଚିଳାମଡ଼ା ଗ୍ରାମରେ ପ୍ରଭୁ ଜଟାଧାରୀଙ୍କର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଶନିବାର ଶତାଧିକ ମହିଳା ଓ ପୁରୁଷ କଳଦଯାତ୍ରାରେ ପୂର୍ଣ୍ଣକୁମ୍ଭ ସହିତ ଗ୍ରାମ ପରିକ୍ରମା କରିଜଟାଧାରୀଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ଦେବପୂଜନ ଓ ଯଜ୍ଞକର୍ମରେ ଗଗନ ପବନ ମୁଖରିତ ହୋଇ ଉଠିଥିଲା। ଆହୋରାତ୍ର ନାମଯଜ୍ଞ ଚାଲିଛି । ଯଜ୍ଞପୁରୋଧା ଭାବରେ ସର୍ବେଶ୍ୱର ଦାସ, ଶୁଭେନ୍ଦୁ ଦାସ, କାମେଶ୍ୱର ରଥ ନନ୍ଦ ଓ ବେନୁଭୂଷଣ ନନ୍ଦ ଏବଂ ଯଜ୍ଞକର୍ତ୍ତା ଭାବରେ ସଭାପତି କପିଳ ଚରଣ ସାମଲ ଦାୟିତ୍ୱ ବହନ କରିଥିଲେ। ମନ୍ଦିର ପରିଚାଳନା କମିଟି ଉପ ସଭାପତି ବନମାଳୀ ବେହେରା, କୋଷାଧ୍ୟକ୍ଷ ମଳୟ ସାମଲ, ସମ୍ପାଦକ ଦଶରଥ ସାମଲଙ୍କ ସମେତ କମିଟି ସଦସ୍ୟ କ୍ଷିରୋଦ ବେହେରା, ଲକ୍ଷ୍ମଣ ସାମଲ, ହେମନ୍ତ ସାମଲ, କହ୍ନେଇ ସାମଲ, ଦଶରଥ ସାମଲ, ପ୍ରାଣବନ୍ଧୁ ସାମଲ, ଜନାର୍ଦ୍ଦନ ସାମଲ ପ୍ରମୁଖ ବାର୍ଷିକ ଉତ୍ସବ ଓ ଯଜ୍ଞ କାର୍ଯ୍ୟରେ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲେଇଥିଲେ। ରବିବାରଦିନ ନଗର ପରିକ୍ରମା ସହିତ କଳସ ବିସର୍ଜନ ଓ ବାର୍ଷିକ ଉତ୍ସବ ସମାପନ ହେବ ବୋଲି ଗ୍ରାମବାସୀଙ୍କ ତରଫରୁ କମିଟି ପ୍ରକାଶ କରିଛନ୍ତି ।



# ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ଡକାୟତି ଘଟଣା, ପୁଣି ୨ ଗିରଫ

ବଡବିଲ,୧୪।୨(ନି.ପ୍ର):ବଡବିଲ ପୋଲିସକୁ ମିଳିଛି ବଡ ସଫଳତା, ପୋଲିସର ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ଗତ ଜାନୁଆରୀ ୧୯ତାରିଖରେ ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ବଡବିଲ ଶାଖାରେ ହୋଇଥିବା ଡକାୟତି ଘଟଣାରେ ବଡବିଲ ପୋଲିସ ପୁଣି ୨ଜଣଙ୍କୁ ଗିରଫ କରିଛି। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିହାର ରାଜ୍ୟ ପାଟଣା ଅଞ୍ଚଳରୁ ତାଙ୍କୁ ଗିରଫ କରିଥିବା ଜଣାପଡିଛି । ଗିରଥ ଦୁଇ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ବନାରସ ଜିଲ୍ଲା ଭଗବାନପୁର ଥାନା ଆସୋଇ ଗ୍ରାମର ସନ୍ତୋଷ କୁମାର ପାଶଓ୍ୱାନ (୩୮) ଓ ପାଟଣା ଜିଲ୍ଲା ରାମକୃଷ୍ଣପୁର ନଗର ଭୂପତିପୁର ଗ୍ରାମର ନବୀନ କୁମାର ଯାଦବ । ସେମାନଙ୍କ ନିକଟରୁ ଗୋଟିଏ ସୁନାହାର, ଗୋଟିଏ ସୁନାମୁଦି, ଦୁଇଟି ସ୍ମାର୍ଟ ଫୋନ୍ ଜବତ ହୋଇଛି । ସନ୍ତୋଷ ନାମରେ ବିହାର ରାଜ୍ୟର ବିଭିନ୍ନ ଥାନାରେ ଚୋରି, ଲୁଟ୍, ହତ୍ୟା, ଅପହରଣ ପରି ୮ଟି ସଙ୍ଗୀନ ମାମଲା ରହିଥିବା ବେଳେ ନବୀନ ନାମରେ ୨ଟି ଅପରାଧ ମାମଲା ରହିଛି । ଗିରଫ ଦୁଇଇ ଅଭିଯୁକ୍ତଙ୍କୁ ବଡବିଲ ବାଟା ଛକ ଠାରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ଚଲେଇବା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଲୁଟ୍ ଘଟଣାରେ ଗତ ଜାନୁଆରୀ ୨୪ ତାରିଖରେ ଝାଡଖଣ୍ଡ ରାଜ୍ୟ ଧାନବାଦରୁ କୁନାଲ ରାମ ବର୍ମା ଓ ରାଜ କୁମାର ସିଂକୁ ଓଡିଶା ଓ ଝାଡଖଣ୍ଡ ପୋଲିସର ମିଳିତ ସହଯୋଗରେ ଗିରଫ କରାଯାଇଥିଲା । ଏଥି ସହିତ ସେମାନଙ୍କ ନିକଟରୁ ୨୭୯.୭୭ ଗ୍ରାମ ସୁନା, ୨ଟି ସ୍କୋର୍ପିଓ ଗାଡି, ୪ଟି ସ୍ମାର୍ଟ ଫୋନ୍ ଜବତ ହୋଇଥିଲା । ସେହିପରି ୨୭ ତାରିଖରେ ବ୍ୟାଙ୍କ ଲୁଟ୍ ଘଟଣାର ମୁଖ୍ୟ ସହଯୋଗୀ ଅଭିରଞ୍ଜନ କୁମାରକୁ ଗିରଫ କରାଯିବା ସହିତ ଏକ ପଲ୍ସର ବାଇକ୍ ଜବତ ହୋଇଥିଲା । ସେହିପରି ଫେବୃଆରୀ ଏକ ତାରିଖରେ ବ୍ୟାଙ୍କ ଡକାୟତି ଘଟଣାରେ ସମ୍ପୃକ୍ତ ସିପୁ କୁମାର ଟାଙ୍କୁରା ଜଙ୍ଗଲ ନିକଟରେ ପୋଲିସ ହାତରୁ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ୍ ଏନ୍କାଉଣ୍ଟରରେ ଆହତ ହୋଇଥିଲା ।

# ବାର୍ଷିକ କ୍ରୀଡ଼ା ଓ ନୃତ୍ୟ ଗୀତ ପ୍ରତିଯୋଗିତା ଉଦ୍ଯାପିତ

ଯଶିପୁର,୧୪।୨(ନି.ପ୍ର): ଚଳିତବର୍ଷ ସାଗେନ ସାନାଁ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୬୮ତମ ବାର୍ଷିକ କ୍ରୀଡା ଏବଂ ନୃତ୍ୟ ଗୀତ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି । ପାରମ୍ପରିକ ବାର୍ଷିକ କ୍ରୀଡା ଆରମ୍ଭରେ ଅଇଁଠୁ ମାଝୀ, ଅସବରପ୍ରାପ୍ତ ପୂର୍ବତନ ଷ୍ଟେଟ୍ ବ୍ୟାଙ୍କ୍ ପ୍ରବନ୍ଧକ, କ୍ଲବର ସଭାପତି ଭରତ ହେମ୍ବ୍ରମ, ଉପସଭାପତି ସୁରଜ ହେମ୍ବ୍ରମ, ସମ୍ପାଦକ ସିପୁନ ସୋରେନ, ସହସମ୍ପାଦକ ସୁନୀଲ ହାଁସଦା, କୋଷାଧ୍ୟକ୍ଷ ବିକାଶ ହାଁସଦା, ତଥା କ୍ଲବର ଅନ୍ୟ ସଦସ୍ୟ ଉପସ୍ଥିତ ହୋଇ ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପ ଦୀପ, ପୁଷ୍ପମାଲ୍ୟର୍ପଣ କିର ବାର୍ଷିକ କ୍ରୀଡାକୁ ଆରମ୍ଭ କରିଥିଲେ । ଶିଶୁ ବାଳକ ଓ ବାଳିକା ମାନଙ୍କ ପାଇଁ ୨୦୦ ମିଟର ଦୌ. ରେକର୍ଡ ଡ୍ୟାନ୍ସ, ବେଲୁନ୍ ଫୁଟା, ଜ୍ଞାନ ପରୀକ୍ଷା, ବାଳକ ଓ ବାଳିକା ମାନଙ୍କ ପାଇଁ ଲମ୍ଫଡିଆଁ, ୪୦୦, ୮୦୦ ମିଟର ଦୌଡ, ବୟସ୍କ ମାନଙ୍କ ପାଇଁ ୧୫୦୦ ମିଟର ଦୋଡା, ମହିଳାମାନଙ୍କ ପାଇଁ ମାଠିଆ ଦୌଡ ଓ ଅଜାମାନଙ୍କ ପାଇଁ ମଜା ଦୌଡ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମହେଶ ହେମ୍ବ୍ରମ, ପୁର୍ବତନ ବିଜେଡି ରାଜ୍ୟ ସମ୍ପାଦକ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ଫିଲ୍ମର ଅଭିନେତା ରୋମେଓ ଓ ଅଭିନେତ୍ରୀ ମାସମ ସିଂ, ଅଇଁଠୁ ମାଝୀ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ, ଦିଲ୍ଲୀପ କୁମାର ସୋରେନ, ସରପଞ୍ଚ ଧାଙ୍ଗଡିମୁଡା, ସୁଲୋଚନା ହେମ୍ବ୍ରମ ପୂର୍ବତନ ସରପଞ୍ଚ ଧଙ୍ଗଡିମୁଡା, ରମେଶ୍ୱର ହାଁସଦା, ସୁପରି ଟେଣ୍ଡେଣ୍ଟ, ଉପସ୍ଥାପକ ଓ ଧାରାବିବରଣୀ ପ୍ରଦାନ କରୁଥିଲେ କାଳୀଚରଣ ହାଂସଦା, ଧନ୍ୟବାଦ ଅର୍ପଣ କରିଥିଲେ ପଦ୍ମ ହାଁସଦା ।



# ଜଣ୍ଡିସ ଆତଙ୍କ, ଗାଁ ରେ ପହଞ୍ଚିଲା ଜଳ ଯୋଗାଣ ବିଭାଗ



ହାଟଡିହି,୧୪।୨(ନି.ପ୍ର): ହାଟଡିହି ବ୍ଲକ ବଞ୍ଚୋ ନାଇକ ସାହିରେ ଜଣ୍ଡିସି ବ୍ୟାପିବାରେ ଲାଗିଛି। ଜଣେ ଶିଶୁର ଜଣ୍ଡିସି ରୋଗରେ ମୃତ୍ୟୁ ଘଟିଥିବା ବେଳେ ଅନେକ ଆକ୍ରାନ୍ତ ହୋଇ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଅଧିକାରୀମାନେ ଗାଁରେ ପହଞ୍ଚିଛନ୍ତି। ବଞ୍ଚୋ ନାଇକ ସାହିରେ ୩୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ସେମାନଙ୍କ ପାଇଁ ୩ଟି ନଳକୂପ ଅଛି। ମାତ୍ର ଗତ କିଛିଦିନ ହେଲା ନଳକୂପର ପାଣି ଦୂଷିତ ହୋଇଯାଇଥିବାରୁ ଲୋକେ ବିଭିନ୍ନ ରୋଗରେ ପିଡିତ ହେଉଛନ୍ତି। ଏହି ସାହିର ଓ୍ୱାର୍ଡସଭ୍ୟ ମାଗୁଣି ନାଇକଙ୍କ ୯ ବର୍ଷର ପୁଅ ଅନିଲ ଧନଞ୍ଜୟ ନାଇକ ଲିଭର ଜଣ୍ଡିସି ରୋଗରେ ୨୨ଦିନ ହେଲା ପୀଡିତ ଥାଇ ଚିକିତ୍ସିତ ହେଉଥିବା ବେଳେ ତାକୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାର ମୃତ୍ୟୁ ହୋଇଥିଲା। ଗାଁରେ ଥିବା ନଳକୂପର ପାଣି ଦୂଷିତ ଯୋଗୁଁ ଅନେକ ଶିଶୁ ଜଣ୍ଡିସିରେ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ରାଜସ୍ୱ ନିରୀକ୍ଷକ ଦୀପ୍ତିମୟୀ ସାହୁ ଅନୁଧ୍ୟାନ କରି ରିପୋର୍ଟ ଦେବା ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ପରିଡା, କନିଷ୍ଠ ଯନ୍ତ୍ରୀ ନିଳ କମଳ ରାଉତ, ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଗ୍ରାମରେ ପହଞ୍ଚି ସମସ୍ତ ନଳକୂପ ଗୁଡିକୁ ସିଲ କରିବା ସହ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲେ। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଗ୍ରାମକୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରିଛନ୍ତି। ତୁରନ୍ତ ଡାକ୍ତରୀ ଦଳ ଗାଁ କୁ ପଠାଇ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

କାକଟପୁର ୧୪।୨ (ନି.ପ୍ର): କାକଟପୁର ବ୍ଲକ ଅନ୍ତର୍ଗତ ଦହିଖିଆ ଗ୍ରାମରେ ଥିବା ଅଜଣାଗଛ ଦିଗମ୍ବରେଶ୍ୱରାୟଙ୍କ ପୀଠରେ ପବିତ୍ର ଶିବ ରାତ୍ର (ଜାଗର) ଉପଲକ୍ଷେ ଚର୍ତୁବିଂଶ ତମ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଗୁରୁବାରଠାରୁ ଆୟୋଜିତ ଏହି ମହାଯଜ୍ଞରେ ସୂର୍ଯ୍ୟ ପୂଜା, ଧେନୁପୂଜା, ମନ୍ଦଲପୂଜା ଚଣ୍ଡୀ ଓ ରୁଦ୍ରଯଜ୍ଞ ଓ ଶନିବାର ଦିନ ଗ୍ରାମବାସୀ ଓ ଶତାଧିକ ଭକ୍ତଙ୍କ ଗହାଣରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଯାଇଛି । ଦିଗମ୍ବେଶ୍ୱରାୟ ପୀଠର କାର୍ଯ୍ୟ କର୍ତ୍ତା ବିଷ୍ଣୁ, ବସନ୍ତ, ରବି, ଅକ୍ଷୟ, ଦିପୁ ଓ ଦହିଖିଆ ଗ୍ରାମ ବାସୀ ସମ୍ପୂର୍ଣ୍ଣ ସହଯୋଗରେ ଏହି ବିଶ୍ୱଶାନ୍ତି ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା ।

# ୨୨ ଲକ୍ଷ ଟଙ୍କା ଠକେଇ, ସୁରେଶ୍ୱରୀ ସାଗରିକା ଜେନା ଗିରଫ

ହାଟଡିହି,୧୪।୨(ନି.ପ୍ର):ନିଜକୁ ସମାଜସେବିକା ବୋଲାଉଥିବା ସୁରେଶ୍ୱରୀ ସାଗରିକା ଜେନାଙ୍କୁ ଉଠାଇ ନେଇଛି ପୋଲିସ । ଆଜି ବଡି ଭୋର ସମୟରେ କେନ୍ଦୁଝର ଜିଲ୍ଲା ନନ୍ଦିପଦା ପୋଲିସ ସହଯୋଗରେ ହାଟଡିହି ପଞ୍ଚାୟତ ଜଳକଳଙ୍ଗ ବାସଭବନରୁ ଉଠାଇ ନେଇଥିଲା ଖଣ୍ଡଗିରି ପୋଲିସ । ସୁରେଶ୍ୱରୀ ଚାକିରୀ କରାଇ ଦେବାକୁ କହି ହାଟଡିହି ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଠାରୁ ୨୨ଲକ୍ଷ ଟଙ୍କା ନେଇଥିଲେ । ଚାକିରୀ ତ କରାଇ ଦେଲେନି ଟଙ୍କା ବି ଫେରେଇଲେ ନି । ବାରମ୍ବାର ଯୁବକ ଓ ତାଙ୍କ ପରିବାର ଲୋକ ଦୌଡି ଦୌଡି ନୟାନ୍ତ ହୋଇଗଲେ । ତେଣୁ ଯୁବକଙ୍କ ପରିବାର ଲୋକେ ସୁରେଶ୍ୱରୀଙ୍କ ବିରୁଦ୍ଧରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ । ସୁରେଶ୍ୱରୀ ଗିରଫଦାରିରୁ ଏଡାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲ ବି କୋର୍ଟ ଆବେଦନକୁ ଆଗ୍ରହ୍ୟ କରିଦେବା ପରେ ଖଣ୍ଡଗିରି ପୋଲିସ କେନ୍ଦୁଝର ଜିଲ୍ଲା ନନ୍ଦିପଦା ପୋଲିସ ସହଯୋଗରେ ଗିରଫ କରିବାରେ ସଫଳ ହୋଇଛି । ନନ୍ଦିପଦା ଥାନାରେ ପୂର୍ବରୁ ତାଙ୍କ ନାମରେ ମାମଲା ଥିବା ପୋଲିସ ସୂଚନା ଦେଇଛି । ସୁରେଶ୍ୱରୀ ଜୟଦୁର୍ଗା ଫାଉଣ୍ଡେସନ ନାମରେ ଏକ ଟ୍ରଷ୍ଟି କରି ବିଭିନ୍ନ ଅଂଚଳର ବିଭିନ୍ନ ବର୍ଗର ଯୁବକ ଯୁବତୀଙ୍କୁ ସଂଗଠିତ ସମାଜସେବା କରୁଥିଲେ । ସେ ବିଜେଡିର ଜିଲ୍ଲା ମହିଳା ଉପ ସଭାନେତ୍ରୀ ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ ସେ ଏପରି କାମରେ ଲିପ୍ତ ଥିବା ଲୋକେ ସହଜରେ ବିଶ୍ୱାସକୁ ନେଉନାହାଁନ୍ତି ।



# ସରସ୍ୱତୀ ଶିଶୁ ମନ୍ଦିରରେ ପିତୃ ମାତୃ ପୂଜନ କାର୍ଯ୍ୟକ୍ରମ



ଆନନ୍ଦପୁର,୧୪।୨(ନି.ପ୍ର):ସରସ୍ୱତୀ ଶିଶୁ ମନ୍ଦିର, ଆନନ୍ଦପୁରର ବୌଦ୍ଧିକ ମଣ୍ଡପ ଠାରେ ଶିଶୁ ମାନଙ୍କ ଦ୍ୱାରା ପିତୃ ମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ପାତ୍ର ଦୀପ ପ୍ରଜ୍ୱଳନ କରିଥିଲେ । ସଭାପତି ଉଷାରାଣୀ ଜେନା, ଉପସଭାପତି ଜଗନ୍ନାଥ ସିଂ, ସଦସ୍ୟା ମୋହିନୀ ମହାନ୍ତ, ବିଦ୍ୟାଳୟର ପ୍ରଥମ ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୂଜନ କାର୍ଯ୍ୟକ୍ରମକୁ ଗୁରୁଜୀ ହରେକୃଷ୍ଣ ପତି ଓ ଗୁରୁମା ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ ସଞ୍ଚାଳନ କରିଥିଲେ । ୨୦୦ରୁ ଉର୍ଦ୍ଧ୍ୱ ପିତାମାତା ଏହି ପୂଜନ କାର୍ଯ୍ୟକ୍ରମମରେ ଉପସ୍ଥିତ ଥିଲେ । ଭାରତୀୟ ତଥା ହିନ୍ଦୁ ସଂସ୍କୃତି ପରମ୍ପରା ଅନୁଯାୟୀ ଶିଶୁମାନଙ୍କ ଦ୍ୱାରା ପିତୃ ମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁମା ଅହଲ୍ୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୁରୁଜୀ ପଙ୍କଜ କୁମାର ମହାନ୍ତି, ଯୁଧିଷ୍ଠିର ମିଶ୍ର, ବିଶ୍ୱଜିତ ଖୁଣ୍ଟିଆ, ହେମନ୍ତ କୁମାର ସାହି, ବଳରାମ ସେନାପତି, ଗୁରୁମା କିରଣବାଳା ବେହୁରିଆ, ବୀଣା ପାଣିଗ୍ରାହୀ, ଅନୁପମା ସାହୁ, ମାନସ ରଞ୍ଜରୀ ସାହୁ, ସ୍ମୃତିରେଖା ଚାନ୍ଦ, ଜ୍ୟୋତ୍ସ୍ନାରାଣୀ ପଣ୍ଡା ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# କୁଶ ପଟ୍ଟନାୟକ ସ୍ମାରକୀ ଫୁଟବଲ ଫାଇନାଲରେ ୟୁନାଟ୍ରେଡ୍ କ୍ଲବ

ଆନନ୍ଦପୁର,୧୪।୨(ନି.ପ୍ର):ଆନନ୍ଦପୁର ଷ୍ଟାଡିୟମ ପଡିଆ ଠାରେ ଚାଲିଥିବା ଷଷ୍ଠ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ୟୁନାଟ୍ରେଡ କ୍ଲବ ଗନ୍ଦରପୁର ଢେଙ୍କାନାଳ ପପୁଲାର କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । କ୍ରୀଡା ସଂସଦର ସାଧାରଣ ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଖେଳରେ ମୁଖ୍ୟଅତିଥି ଭାବେ ପୂର୍ବତନ ଖେଳାଳୀ ସନ୍ତୋଷ ମିଶ୍ର, ବିଶ୍ୱଜିତ ମହାନ୍ତି, ମଧୁସୂଦନ ଦାସ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଧନେଶ୍ୱର ସର୍ଦ୍ଦାର, ଆଲୋକ ଦେହୁରୀ, ଚନ୍ଦନ ସାହୁ ପ୍ରମୁଖ ରେଫରୀ ଦାୟିତ୍ୱ ତୁଲାଇ ଥିଲେ । ଚତୁର୍ଥ ରେଫରୀ ଭାବେ ଆୟୁଷକାନ୍ତି ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ । ଆଜିର ଏହି ମ୍ୟାଚ୍‌କୁ ଦେଖିବା ପାଇଁ ବହୁ ସଂଖ୍ୟାରେ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ।



# ବିଭିନ୍ନ ସ୍ଥାନରେ ପୁଲଓ୍ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



**ପାଟଣା,୧୪।୨(ନି.ପ୍ର):**ପୁଲଓ୍ୱାମା ଆକ୍ରମଣରେ ସହୀଦ ହୋଇଥିବା ଭାରତମାତାର ବୀର ସୁପୁତ୍ରମାନଙ୍କ ପ୍ରତି ସମଗ୍ର ଦେଶ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଛି । ଏହି ଅବସରରେ କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ଅଖିଳ ଚନ୍ଦ୍ର ନାୟକ ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କର ଆତ୍ମ ତ୍ୟାଗ ଯୁବପୀଢିଙ୍କୁ ଦେଶ ସେବାରେ ପ୍ରେରଣା ଯୋଗାଇବ । ଏନେଇ ତୁରୁମୁଙ୍ଗା ବିଜେପି କାର୍ଯ୍ୟାଳୟରେ ସହୀଦମାନଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

**ବଡବିଲ,୧୪।୨(ନି.ପ୍ର):** ଫୁଲଓ୍ୱାମାରେ ସହିଦ ହୋଇଥିବା ଭାରତୀୟ ଯବାନମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ କ୍ୟାଣ୍ଡେଲ ଜଳାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆଦର୍ଶ ଓ୍ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚନ୍ଦ୍ରଗୁପ୍ତ ପ୍ରସାଦ, ରାମକୁମାର ପ୍ରସାଦ, ରାମ କର୍ମକାର, ମୋହନ ଗୁପ୍ତା, ସଞ୍ଜୟ ଚ୍ୱଶଳ, ପରିମଳ ବାନାର୍ଜୀ, ପର୍ବେଜ ଆଲାମ, କାଉନସିଲର ଦେବଶ୍ରୀ ଗିରି, ବବିରାଣୀ ମହାନ୍ତ, ରଶ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ମହିଳା ସମିତିର କର୍ମକର୍ତ୍ତାମାନେ ଯୋଗ ଦେଇ ସହିଦମାନଙ୍କ ସ୍ମୃତିଚାରଣ କରିଥିଲେ।



# ଚାରୁସ୍ ଡ୍ୟାନ୍ସ ଏକାଡେମୀ କଳାକାର ସମ୍ମାନିତ

କରଞ୍ଜିଆ,୧୪।୨(ନି.ପ୍ର):ଚମ୍ପୁଆଠାରେ ପାଳିତ ହେଉଥିବା ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା – ୨୦୨୬ ଅବସରରେ କରଞ୍ଜିଆ ଅଞ୍ଚଳର ସୁନାମ ଅର୍ଜନ କରିଥିବା 'ଚାରୁସ୍ ଡ୍ୟାନ୍ସ ଏକାଡେମୀ'ର କଳାକାର, ସଭାପତି ଏବଂ ସଭାପତିଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚାରୁସ୍ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଚମ୍ପୁଆ ଉପଖଣ୍ଡ ସ୍ତରୀୟ କୃଷି ଓ ଯନ୍ତ୍ରପାତି ମେଳା ମଞ୍ଚରେ ନିଜର ନୃତ୍ୟ ନିପୁଣତାର କୌଶଳ ଦ୍ୱାରା ଉପସ୍ଥିତ ସମସ୍ତ ପଦାଧିକାରୀଙ୍କ ସହିତ ଦର୍ଶକ ଖୁବ୍ ମନୋରଞ୍ଜନ କରିଥିଲେ । ଶେଷରେ ଉପଖଣ୍ଡ କୃଷି କାର୍ଯ୍ୟାଳୟ ଅଧିକାରୀଙ୍କ ଦ୍ୱାରା ଚାରୁସ୍ ଡ୍ୟାନ୍ସ ଏକାଡେମୀ ସଭାପତି ଦାସ ପତି ଏବଂ ସେକ୍ରେଟାରୀ ଦିବ୍ୟରଞ୍ଜନ ପତିଙ୍କୁ ଉତ୍ତରୀୟ, ମେମୋଟ, ସମ୍ମାନପତ୍ର ଦିଆଯାଇ ସମ୍ମାନୀତ କରାଯାଇଥିଲା । ଏଥିସହ ଚାରୁସ୍ ଏକାଡେମୀର ନୃତ୍ୟ ପରିବେଷେ ନୃତ୍ୟ ପରିବେଷଣ କରୁଥିବା ପ୍ରତ୍ୟେକ ପିଲାଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇ ଉତ୍ସାହ ପ୍ରଦାନ କରାଯାଇଥିଲା ।



# ପିଏମ୍ଶ୍ରୀ ବ୍ରହ୍ମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକ ଉତ୍ସବ




କେନ୍ଦୁଝର,୧୪।୨(ନି.ପ୍ର):କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ପିଏମ୍ଶ୍ରୀ ବ୍ରହ୍ମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, କୁଣ୍ଡେଇର ବାର୍ଷିକ ଉତ୍ସବ ସହିତ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, କୋଡିପଶା ଗ୍ରାମ ପଞ୍ଚାୟତର ସରପଂଚ ଲକ୍ଷ୍ମୀପ୍ରିୟା ମୁଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହିନ୍ଦି ଶିକ୍ଷକ ରତ୍ନାକର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟଅତିଥି ସାମଲ ବାଲ୍ୟ ବିବାହ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ଗାଁ ଗହଳିରେ ଝିଅ ମାନଙ୍କୁ ୧୮ ବର୍ଷ ହେବା ପୂର୍ବରୁ ବିବାହ କରି ଦିଆଯାଉଛି, ଅନ୍ତତଃ ପକ୍ଷେ ଝିଅମାନଙ୍କୁ ୧୮ବର୍ଷ ପର୍ଯ୍ୟନ୍ତ ପାଠ ପଢିବାର ସୁଯୋଗ ଦେବା ପାଇଁ ଉପସ୍ଥିତ ଅଭିଭାବକଓ ଅଭିଭାବିକା ମାନଙ୍କୁ ପରାମର୍ଶ ଦେଇଥିଲେ। ତତ୍ ସଙ୍ଗେ ସଙ୍ଗେ ଛାତ୍ର ଛାତ୍ରୀମାନେ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଉପଦେଶ ପାଳନ କରି ପାଠପଢାରେ ମନୋନିବେଶ କରି ସମାଜରେ ଜଣେ ଭଲ ମଣିଷ ହେବାପାଇଁ ଉପଦେଶ ଦେଇଛନ୍ତି। ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଦାସ ତାଙ୍କ ଅଭିଭାଷଣରେ ସମାଜରେ ପୂଜାର ଆବଶ୍ୟକତା ଓ ରୀତିନୀତି ଉପରେ ଆଲୋକପାତ କରି କହିଥିଲେ ଯେ ଜଣେ ଶିଷ୍ୟ ହେବାପାଇଁ ଗୁରୁ, ବ୍ରାହ୍ମଣ ଓ ପିତାମାତାଙ୍କ ଆଶିର୍ବାଦ ନିହାତି ଜରୁରୀ। ଅନ୍ୟତମ ସମ୍ମାନୀତ ଅତିଥି ସରପଞ୍ଚ ଲକ୍ଷ୍ମୀପ୍ରିୟା ମୁଣ୍ଡା ପିଲାମାନଙ୍କ ଉପଦେଶ ଦେବା ଛଳରେ କହିଥିଲେ ଯେ, ପିଲାମାନେ ସମୟର ସଦୁପଯୋଗ, ଗୁରୁଜନଙ୍କୁ ସମ୍ମାନ ଓ ଅସହାୟ ମାନଙ୍କୁ ସାହାଯ୍ୟ କଲେ ସାମାଜିକ ଓ ନୈତିକ ଜ୍ଞାନ ବଢିବା ସଙ୍ଗେ ସଙ୍ଗେ ସମାଜର ମଙ୍ଗଳ ହେବ। ମୁଖ୍ୟବକ୍ତା ଶ୍ରୀଯୁକ୍ତ ମହାନ୍ତ ବର୍ତ୍ତମାନର ଶିକ୍ଷାନୀତି ଉପରେ ଆଲୋକପାତ କରି କହିଥିଲେ ଯେ, ସେ ସମୟର ଶିକ୍ଷାନୀତି ଓ ବର୍ତ୍ତମାନର ଶିକ୍ଷାନୀତି ମଧ୍ୟରେ ଅନେକ ପ୍ରଭେଦ ରହିଛି । ଶିକ୍ଷାକୁ ସର୍ବଜନିତ କରିବା ପାଇଁ ସରକାର ଯେଉଁ ଶିକ୍ଷାନୀତି ପ୍ରଣୟନ କରିଛନ୍ତି ତାହା ପିଲାମାନଙ୍କର ଶିକ୍ଷା କ୍ଷେତ୍ରରେ ସଫଳ ରୂପାୟନ ହେବ । ଡିପିଇଓ ରାମକୃଷ୍ଣ ବେହେରା ପିଲାମାନେ ଶିକ୍ଷା ସହିତ ଖେଳକୁ ମଧ୍ୟ ଆଗ୍ରହ ସରକାରେ ଖେଳିଲେ ଭବିଷ୍ୟତରେ ଜଣେ ଭଲ ଖେଳାଳୀ ହୋଇ ଦେଶର ସୁନାମ ରଖିବେ ବୋଲି କହିଥିଲେ । ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ତଥା ରାଜ୍ୟ ସାଧାରଣ ସମ୍ପାଦକ (ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ, ଓଡିଶା) ପ୍ରଣବ ରାଉତରାୟ ଯୋଗ ଦେଇ ବିଦ୍ୟାଳୟ ସ୍ଥାପିତ ସମୟରେ ଯଦିଓ ରାସ୍ତାଘାଟ ଏବଂ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲେ ମଧ୍ୟ ପିଲାମାନେ ବହୁ କଷ୍ଟରେ ମନ ଦେଇ ପାଠ ପଢି ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିଲେ । ବର୍ତ୍ତମାନ ସରକାର ସମସ୍ତ ପ୍ରକାର ସୁବିଧା କରିଥିଲେ ମଧ୍ୟ ପାଠପଢା ପ୍ରତି ପିଲାମାନଙ୍କ ଏତେ ଆଗ୍ରହ ପରିଲକ୍ଷିତ ହେଉନାହିଁ, ତେଣୁ ସମସ୍ତ ପିଲା ଉପଯୁକ୍ତ ଶିକ୍ଷା ଗ୍ରହଣ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଦିର୍ଗଦର୍ଶନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଏହି ବାର୍ଷିକୋତ୍ସବରେ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ସମାନ ଭାବରେ ସବୁ କାର୍ଯ୍ୟକୁ ତୁଲାଇବା ପାଇଁ ସୁବଣ୍ଟନ କରିଥିଲେ । ସଭାପତି ରାମଚନ୍ଦ୍ର ବେହେରା ସଭା ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷୟତ୍ରୀ ଚନ୍ଦ୍ରିକା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଅର୍ଶଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝୁମ୍ପୁରା,୧୪।୨(ନି.ପ୍ର):ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ମହାସମାରୋହରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ମହାନ୍ତଙ୍କ ସଭାପତିତ୍ୱରେ ଭବ୍ୟ କାର୍ଯକ୍ରମ ପିରଚାଳନା ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଝୁମ୍ପୁରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତୀ କୁମାରୀ ମଲ୍ଲିକ, ଝୁମ୍ପୁରା ବ୍ଲକ ପ୍ରାଥିକ ଶିକ୍ଷକ ସଂଘ ସଭାପତି ତଥା ମାଲଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ, ଅର୍ଶଳା ପୂର୍ବତନ ସରପଞ୍ଚ ପ୍ରସନ୍ନ ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ବେହେରା, ଶୁଣ୍ଡିମୁରୁସୁଆଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ପରେ ଅତିଥିଗଣ ନିଜ ନିଜର ମତବ୍ୟକ୍ତ କରି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ର ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ମୋ ସ୍କୁଲ ଅଭିଯାନ କମିଟିର ସଭାପତି, ସମ୍ପାଦକ, ସଭ୍ୟ ସଭ୍ୟାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।



# ବେଦାନ୍ତ ପକ୍ଷରୁ ଶିଳ୍ପ ସୁରକ୍ଷା ନେଇ ଜୋନାଲସ୍ତରୀୟ ସେମିନାର

ଝାରସୁଗୁଡା, ୧୪।୨(ନିପ୍ର): ରାଜ୍ୟ ସରକାରଙ୍କ କାରଖାନା ଓ ବଏଲର୍ସ ନିର୍ଦ୍ଦେଶାଳୟ (ଝାରସୁଗୁଡା ଜୋନ୍) ସହ ମିଳିତ ଭାବରେ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ସ୍ଥିତ ମେଗା ଆଲୁମିନିୟମ ପ୍ଲାଂଟରେ ବଏଲର ସୁରକ୍ଷା ଏବଂ ପରିଚାଳନା ଉପରେ ଜୋନ୍‌ସ୍ତରୀୟ ସେମିନାର ଆୟୋଜନ କରିଥିଲା। ଏହି ସେମିନାରେ ଝାରସୁଗୁଡ଼ା ନିକଟସ୍ଥ ଶୀର୍ଷ କମ୍ପାନୀଗୁଡ଼ିକର କାରଖାନା ମୁଖ୍ୟ, ଇଞ୍ଜିନିୟର, ବଏଲର ଅପରେଟର ଏବଂ ସୁରକ୍ଷା ବିଶେଷଜ୍ଞଙ୍କ ସମେତ ୨୩୮ ରୁ ଅଧିକ ଶିଳ୍ପ ବୃତ୍ତିଗତମାନେ ଏକତ୍ରିତ ହୋଇଥିଲେ।ଶିଳ୍ପ ସୁରକ୍ଷାରେ ସର୍ବୋତ୍ତମ ଅଭ୍ୟାସକୁ ଆଗକୁ ବଢାଇବା ପାଇଁ ଏହା ଏକ ଦୃଢ଼ ପ୍ଲାଟଫର୍ମ ସୃଷ୍ଟି କରିଥିଲା। ବେଦାନ୍ତ ଆଲୁମିନିୟମ, ଓଡ଼ିଶା




ପାୱାର ଜେନେରେସନ୍, କର୍ପୋରେସନ୍, ଥରମାକ୍ସ, ଜେଏସଡବ୍ଲ୍ୟୁ ଏନର୍ଜି ଏବଂ ରୁଙ୍ଗଟା ସନ୍ସର ବରିଷ୍ଠ ନେତାମାନେ ସୁରକ୍ଷା ଦକ୍ଷତା ବୃଦ୍ଧି, ସାମ୍ବିଧାନିକ ପ୍ରୋଟୋକଲ୍ ପାଳନ ଓ ନୂତନ ସୁରକ୍ଷା ସମାଧାନ ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାରଖାନା ଓ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ସମ୍ବଲପୁର ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ସ୍ୱରୂପ ଜେନା ନିରାପଦ ମୁଖ୍ୟ ଭାଷଣ ପ୍ରଦାନ କରି ନିର୍ଭରଯୋଗ୍ୟ ଓ ଦକ୍ଷ ବଏଲର କାର୍ଯ୍ୟ ସୁନିଶ୍ଚିତ କରିବାରେ ନିୟାମକ ଅନୁପାଳନ, ସକ୍ରିୟ ରକ୍ଷଣାବେକ୍ଷଣ ଏବଂ କର୍ମଚାରୀ କ୍ଷମତା ନିର୍ମାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରତ୍ୱ ଦେଇଥିଲେ। ସେ କହିଥିଲେ, ଏ ଭଳି ପ୍ଲାଟଫର୍ମ ଶିଳ୍ପ ଅଂଶୀଦାର ଓ ନିୟାମକଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ଜ୍ଞାନ ଆଦାନ ପ୍ରଦାନକୁ ସକ୍ଷମ କରିଥାଏ। ବେଦାନ୍ତ ଝାରସୁଗୁଡାରେ ଆମେ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରିବା ଏବଂ ଆମର କାର୍ଯ୍ୟକୁ ସୁରକ୍ଷିତ, ସ୍ମାର୍ଟ ଓ ଅଧିକ ସ୍ଥିର କରିବା ପାଇଁ ନିରନ୍ତର କ୍ଷମତା-ନିବେଶ କରିବାକୁ ପ୍ରତିବଦ୍ଧ। ବୈଷୟିକ ଅଧିବେଶନଗୁଡ଼ିକର ନେତୃତ୍ୱ ନେଇଥିଲେ ଅଂଶଗ୍ରହଣକାରୀ ଶିଳ୍ପର ବିଷୟବସ୍ତୁ ବିଶେଷଜ୍ଞ। ଯାହା ଏକ ଆକର୍ଷଣୀୟ ପାରସ୍ପରିକ ପ୍ରଶ୍ନୋତ୍ତର ବିଭାଗ ସହିତ ଶେଷ ହୋଇଥିଲା। ବିଶେଷଜ୍ଞମାନେ ବଏଲର ସୁରକ୍ଷା ଏବଂ ବୈଧାନିକ ଅନୁପାଳନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ ମିଳିତ ଦାୟିତ୍ୱକୁ ଗୁରୁତ୍ୱ ଦେଇଥିଲେ।

# ଜେକେ ପେପର୍ ଓ ସିଏସଆରର ମିଳିତ ଆନୁକୂଲ୍ୟରେ 'ଯୁବ ସମ୍ବଳ କେନ୍ଦ୍ର' ଉଦ୍‌ଘାଟିତ

ରାୟଗଡ଼ା:୧୪/୨(ନି.ପ୍ର): ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ଆଦିବାସୀ ଯୁବତୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଜେ.କେ. ପେପରର୍ ସାମାଜିକ ସଂଗଠନ 'ସ୍ୱର୍ଣ୍ଣ' ସୋସିଆଲ୍ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ 'ଯୁବ ସମ୍ବଳ କେନ୍ଦ୍ର' ଉଦଘାଟିତ




ହୋଇଯାଇଛି।ଏହି କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ କୁମାରୀ ସ୍ୱର୍ଣ୍ଣଲତା ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଅର୍ଚ୍ଚନା ପଟ୍ଟନାୟକ ଏବଂ ଜେ.କେ. ପେପର୍ ମିଲ୍‌ର ବାଣିଜ୍ୟିକ ବିଭାଗ ଉପ-ସଭାପତି ବିଶ୍ୱଜିତ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣ (ଜେ.କେ. ପେପର୍ ସି.ଏସ.ଆର) ର ପରିଚାଳକ ଶ୍ରୀଯୁକ୍ତ ଆଦିତ୍ୟ ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।ଏହି ଯୁବ ସମ୍ବଳ କେନ୍ଦ୍ର ବିଶେଷ କରି ଜିଲ୍ଲାର ଅବହେଳିତ ତଥା ଆର୍ଥିକ ଅନଗ୍ରସର ପରିବାରର ୫୦ ଜଣ ଆକାଂକ୍ଷୀ ଶିକ୍ଷିତ ଯୁବତୀଙ୍କୁ ମାଗଣାରେ ବ୍ୟାଙ୍କିଙ୍ଗ୍, ଏସଏସସି, ରେଳବାଇ, ଓଏସଏସସି, ପୋଲିସ୍? ଏବଂ ଓଏସଏସଏସସି ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବ। ୯ ମାସ ଧରି ଚାଲିବାକୁ ଥିବା ଏହି ପାଠ୍ୟକ୍ରମରେ ଗଣିତ, ସାଧାରଣ ଜ୍ଞାନ, ଇଂରାଜୀ, ଓଡ଼ିଆ ବ୍ୟାକରଣ ଏବଂ କମ୍ପ୍ୟୁଟର ଶିକ୍ଷା ସହିତ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟର କନିଷ୍ଠ ନିଯୁକ୍ତି ଅଧିକାରୀ ଶ୍ରୀ ସନ୍ତୋଷ ନନ୍ଦ, ଅଧ୍ୟାପିକା ଶାନ୍ତିଲତା ଓ ଅଧ୍ୟାପକ ରମ୍ୟ ରଞ୍ଜନ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ସ୍ୱର୍ଣ୍ଣ ସୋସିଆଲ୍ ଫାଉଣ୍ଡେସନ୍ ଟିମ୍ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି କେନ୍ଦ୍ର ଆଗାମୀ ଦିନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପିଲାଙ୍କ ମଧ୍ୟରେ ଥିବା ସୁଯୋଗର ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ରାୟଗଡ଼ା:୧୪/୨(ନି.ପ୍ର): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମରକ୍ଷା କୌଶଳ



ତାଲିମ ଶିବିର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ. ସରସ୍ୱତୀ ରାୟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡ. ଶ୍ୟାମା ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଦକ୍ଷତା, ଆତ୍ମବିଶ୍ୱାସ ଓ ନିଜ ସୁରକ୍ଷା ପ୍ରତି ସଚେତନ ରହିବାର ଆବଶ୍ୟକତା ବିଷୟରେ ଉଦବୋଧନ ଦେଇଥିଲେ। ଡ. ରାୟ ଅଭିଭାଷଣରେ କହିଥିଲେ ଆତ୍ମରକ୍ଷା କେବଳ ଶାରୀରିକ କୌଶଳ ନୁହେଁ ଏହା ଆତ୍ମବିଶ୍ୱାସ, ସଚେତନତା ଓ ସାହସର ପ୍ରତୀକ। ଆଜିର ସମାଜରେ ଛାତ୍ରୀମାନଙ୍କ ପାଇଁ ଏପରି ପ୍ରଶିକ୍ଷଣ ଅତ୍ୟନ୍ତ ଆବଶ୍ୟକ। କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପି.ଜି. କାଉନସିଲ ଚେୟାରମେନ ପି. ଅରୁଣ କୁମାର, ପ୍ରଶାସନିକ ବର୍ସାର ଟି. ଜ୍ୟୋତି, ଉଦୟ ନାଏକ ମଞ୍ଚାସୀନ ରହି ଏପରି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କୁ ସାମାଜିକ ଓ ମାନସିକ ଭାବେ ସଶକ୍ତ କରିବାରେ ଅତ୍ୟନ୍ତ ଉପକାରୀ ବୋଲି କହିଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜୀକା ପୂଜା ପଟ୍ଟନାୟକ ଓ ମୋନାଲିଶା ପାଣିଗ୍ରାହୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ବିଷୟରେ ଅତିଥିମାନଙ୍କୁ ଅବଗତ କରାଇଥିଲେ।

# ବନାଗ୍ନି ରୋକିବାକୁ ସହଯୋଗ ଲୋଡିଲେ ବନଖଣ୍ଡ ଅଧିକାରୀ

କୋରାପୁଟ,୧୪।୨(ନିପ୍ର):ବନାଗ୍ନି ଋତୁ କୁ ସଫଳତାର ସହ ମୁକାବିଲା କରିବା ପାଇଁ କୋରାପୁଟ ବନଖଣ୍ଡ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।ଏଥି ନେଇ ଆଜି କୋରାପୁଟ ବନଖଣ୍ଡ ସଭାଗୃହ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ବନାଗ୍ନିକୁ ରୋକିବାକୁ ସମସ୍ତଙ୍କ ସହଯୋଗ ଲୋଡିଲେ କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ। ବନାଗ୍ନି କେବଳ ଜଙ୍ଗଲର ନୁହେଁ ବରଂ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ପାଇଁ ଏକ ବଡ ସଂକଟ ଅଟେ ବୋଲି ସେ କହିଛନ୍ତି। ଏଥି ନିମନ୍ତେ ପୋଲିସ, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ବନ ବିଭାଗକୁ ବନାଗ୍ନି ମୁକାବିଲାରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।୮୨୭ ଗୋଟି ବନ ସଂଲଗ୍ନ ଗ୍ରାମ ରହିଛି।୭୯୯ ବନ ସୁରକ୍ଷା ସମିତି ଗଠନ କରାଯାଇଛି। ବନ




ସୁରକ୍ଷା ସମିତିର ସଦସ୍ୟ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଲୋକମାନଙ୍କୁ ମଧ ସଚେତନତା କରାଯାଇଛି। ବନ ବିଭାଗ ଆପ ମାଧ୍ୟମରେ କେଉଁ ଜଙ୍ଗଲରେ ନିଆଁ ଲାଗିଛି ତାହା ତତକ୍ଷଣାତ୍? ଜଣାପଡିବ। ଏହା ପରେ ବନ ବିଭାଗ ସ୍କ୍ୱାର୍ଡ ତୁରନ୍ତ ଜଙ୍ଗଲରେ ପହଞ୍ଚି ନିଆଁ ଲିଭାଇବା ଯନ୍ତ୍ର ବ୍ୟବହାର କରି ନିଆଁକୁ ଆୟତ୍ତ କରିବେ ବୋଲି ସେ କହିଛନ୍ତି। ସ୍କ୍ୱାର୍ଡ ସଦସ୍ୟଙ୍କ ନିମନ୍ତେ ବିଭାଗ ତରଫରୁ ମଞ୍ଚ ପ୍ରସ୍ତୁତ କରାଯାଇଛି। ୬ ଟି ଫାୟାର ସ୍କ୍ୱାର୍ଡ ଗଠନ କରାଯାଇଛି।୧୨୦ ଜଣ ପାରା ଫାୟାର ଷ୍ଟାଫ ନିୟୋଜିତ ରହିବେ। ନାରାୟଣପାଟଣା, ଲକ୍ଷ୍ମୀପୁର ଏବଂ ଦଶମନ୍ତପୁର ବନାଗ୍ନି ପ୍ରବଣ ଅଞ୍ଚଳ ଭାବରେ ରହିଛି। କୋରାପୁଟ ବନଖଣ୍ଡ ସହିତ ୬ ଟି ରେଞ୍ଜରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ବୋଲି ସେ କହିଛନ୍ତି।ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି।ଏସିଏଫ ଜଗନ୍ନାଥ ବିଶୋଇ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କ ସହ ବନଖଣ୍ଡର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ଚାଲାଣ, ଜଣେ ଗିରଫ

କୋରାପୁଟ,୧୪।୨(ନି ପ୍ର):ତରଳ ଗଞ୍ଜେଇ ଏବଂ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜୟପୁର ଟାଉନ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କୋରାପୁଟ ଏସପି ରୋହିତ ବର୍ମା ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି। ବୈପାରିଗୁଡା ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ଗୋପବନ୍ଧୁ ଖିଲ(୨୭ ବର୍ଷ)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ଜବତ କରାଯିବା ସହ ନଗଦ ୫୫୦ ଟଙ୍କା ମଧ ଜବତ କରାଯାଇଛି। ତରଳ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ ବୋଲି ସୂଚନା ଦେଇଛନ୍ତି।



# ଯୁକ୍ତ ଦୁଇ ପରୀକ୍ଷା ଦେବେ ୧୨୬୬୧ ପରୀକ୍ଷାର୍ଥୀ

କୋରାପୁଟ,୧୪।୨(ନି ପ୍ର):ଫେବୃଆରୀ ମାସ ୧୮ ତାରିଖରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଆରମ୍ଭ ହେବ।ଏହା ଆସନ୍ତା ମାର୍ଚ୍ଚ ମାସ



୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।କୋରାପୁଟ ଜିଲ୍ଲାରେ ୩୭ ଟି କେନ୍ଦ୍ରରେ ୧୨ ହଜାର ୬୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆର୍ଟସ ବିଭାଗର ରେଗୁଲାରରେ ୬୮୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ଏକ୍ସ ରେଗୁଲାର ରେ ୬୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।ସେହିପରି ବିଜ୍ଞାନ ବିଭାଗର ରେଗୁଲାରରେ ୩୨୩୭ ଜଣ ଏବଂ ଏକ୍ସ ରେଗୁଲାର ରେ ୫୫୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କର୍ମସ ବିଭାଗର ରେଗୁଲାରରେ ୯୦୯ ଜଣ ଏବଂ ଏକ୍ସ ରେଗୁଲାର ରେ ୧୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଭୋକେସନାଲ ବିଭାଗର ରେଗୁଲାରରେ ୨୭୩ ଜଣ ଏବଂଏକ୍ସ ରେଗୁଲାରରେ ୫୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।୬ ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ରଖାଯାଉଛି।ସେଗୁଡିକ ହେଲା ଲାଣ୍ଡିଗୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଟପାଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସେମିଳିଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏରୋନଟିକସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସୁନାବେଡା, ବିକ୍ରମଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଜୟପୁର।ସମସ୍ତ ନୋଡାଲ ସେଣ୍ଟର୍ ଏବଂ ପରୀକ୍ଷା କେନ୍ଦ୍ରରେ ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଛି।ପରୀକ୍ଷା ସୁପରିଚାଳନା ପାଇଁ ପରିଷଦ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

କୋରାପୁଟ,୧୪।୨ (ନି ପ୍ର): କୋରାପୁଟ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ୧୬ ତମ ବାର୍ଷିକ ଉତ୍ସବ



ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଥିବା ସଭାଗୃହ ଠାରେ ପାଳିତ ହୋଇଯାଇଛି। ସଂଘର ସଭାପତି ସୁଧାକର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସଂପାଦକ ମାର୍କଣ୍ଡ ପାଢୀ ଯୋଗଦେଇ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବୀରବସନ୍ତ ପାଢୀ ଓ ଗୋବିନ୍ଦ ଚନ୍ଦ୍ର ସାମଲଙ୍କୁ ସ୍ଥାନୀୟ କାଉନସିଲର ପ୍ରଫୁଲ୍ଲ କୁମାର ମହାପାତ୍ର ଏବଂ ସଂଘର ବରିଷ୍ଠ ସଦସ୍ୟଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ରଘୁନାଥ ଦାସ ଓ ଭଗବାନ ନାହାକ, ସୂର୍ଯ୍ୟ ପ୍ରକାଶ ଯାଦବ, ଶିଶିର ଶତପଥି, ହୃଷୀକେସନ ପାଢୀ, ସରୋଜ ରଥ, ତ୍ରିନାଥ ଗୁରୁ, ଦିଗାମ୍ବର ଷଡ଼ଙ୍ଗୀ, ରାଧାନାଥ ପଟ୍ଟନାୟକ ଶିବ ଶଙ୍କର ପଟ୍ଟନାୟକ, ଜଗନ୍ନାଥ ଦାସଙ୍କ ସହ କାକିରିଗୁମ୍ମା, କୋଲାବ ନଗର ଏବଂ ପଟ୍ଟଙ୍ଗୀ ର ସଦସ୍ୟ ମାନେ ଉପସ୍ଥିତ ଥିଲେ।ଶେଷରେ ଉପସଭାପତି ନିରଞ୍ଜନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶିର ହେଲେ ମୟୂରଭଞ୍ଜ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ

ବାରିପଦା/ରାଇରଙ୍ଗପୁର, ୧୪/୨(ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଭାବେ ଶିଶିର କୁମାର ମୁନ୍ଦୁୟା ଦାୟିତ୍ୱ ନେଇଛନ୍ତି। ଏହାସହ ବାରିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ୨୦୨୪ ବ୍ୟାଚ୍‌ର ଓଡ଼ିଶା ସୂଚନା ସେବା (ଓଆଇଏସ୍) ଅଧିକାରୀ ଶ୍ରୀ ମୁନ୍ଦୁୟା କହିଛନ୍ତି ଯେ ସରକାରଙ୍କ



ପ୍ରତିଟି ଯୋଜନାକୁ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିବେ। ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପ ସହିତ ଲୋକଙ୍କୁ ଯୋଡ଼ିବେ ଏବଂ ପରମ୍ପରା ଓ ସଂସ୍କୃତିକୁ ସୁଦୂରପ୍ରସାରୀ କରିବାକୁ ମନୋନିବେଶ କରିବେ।

# ଜଗତସିଂହପୁରରେ ଦୁର୍ବଳ ହେଉଛି କଂଗ୍ରେସ

ଜଗତସିଂହପୁର, ୧୪ ।୨(ନିପ୍ର):ପ୍ରଦେଶ କଂଗ୍ରେସ କମିଟିରେ ବ୍ୟାପକ ଅନ୍ତର୍ଦ୍ୱନ୍ଦ୍ୱ ଜିଲ୍ଲାସ୍ତରକୁ ବ୍ୟାପିବାରେ ଲାଗିଛି। ଏଭଳି ସ୍ଥିତି ଜଗତସିଂହପୁର ଜିଲ୍ଲାରେ ପରିଲକ୍ଷିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତିଙ୍କ କାର୍ଯ୍ୟକଳାପକୁ ନେଇ କର୍ମୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଜ୍ଞ, ତୁଙ୍ଗ ଏବଂ ବରିଷ୍ଠ ନେତା ଜିଲ୍ଲା କମିଟିରୁ ବାଦ ପଡିବା ପରେ ଏବେ ସେମାନେ ଦଳ ପାଇଁ ସମ୍ପୂର୍ଣ୍ଣ ଅଲୋଡ଼ା ହୋଇପଡିଛନ୍ତି। କୌଣସି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସେମାନଙ୍କୁ ଦେଖିବାକୁ ମିଳୁନାହିଁ। ସମସ୍ତ ଦଳୀୟ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ଅଞ୍ଚଳରୁ କର୍ମୀ ଭଡାରେ ଆସି ଦଳୀୟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ନିର୍ବାଚନ ପରେ ଦଳୀୟ କାର୍ଯ୍ୟାଳୟକୁ କୌଣସି କର୍ମୀ ଯାଉନାହାନ୍ତି କି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଦିନକ ପାଇଁ ଖୋଲା ଯାଉନାହିଁ। ସର୍ବଦା କାର୍ଯ୍ୟାଳୟରେ ତାଲା ଝୁଲୁଛି। ଅନ୍ୟପକ୍ଷରେ ଜିଲ୍ଲା ସଭାପତି ସ୍ଥିତି ବଞ୍ଚାଇବାକୁ ଭୁବନେଶ୍ୱରରେ ଅଧିକାଂଶ ସମୟ ଡେରା ପକାଉଛନ୍ତି। କଂଗ୍ରେସର ତୁଙ୍ଗ ନେତା ଚିରଞ୍ଜୀବ ବିଶ୍ୱାଳ ଗତ ବିଧାନସଭା ନିର୍ବାଚନରେ ବିଜେଡି ରେ ଯୋଗଦେବାରୁ କଂଗ୍ରେସର ଆଗଧାଡିର ୮୦ ପ୍ରତିଶତ ତୁଙ୍ଗ ନେତା ନିରବ ରହୁଥିବା ଦେଖିବାକୁ ମିଳିଛି। କେବଳ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀକୁ ଛାଡିଦେଲେ ଅନ୍ୟ କେଉଁଠାରେ ପୂର୍ବ ଭଳି କଂଗ୍ରେସ ସକ୍ରିୟ ନ ଥିବା ଦେଖାଯାଉଛି। ଅନେକ କର୍ମୀ ଦଳୀୟ କର୍ମକର୍ତ୍ତାଙ୍କ ଅପାରଗତାକୁ ଦାୟୀ କରି ଅସନ୍ତୋଷ ପ୍ରକାଶ କରୁଛନ୍ତି। ସେମାନେ ମଧ୍ୟ ସମସ୍ତ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହୁଛନ୍ତି। ଜିଲ୍ଲାରେ କଂଗ୍ରେସର ସ୍ଥିତି ଦୁର୍ବଳ ହେବା ପଛରେ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଦାୟି ବୋଲି କର୍ମୀମାନେ ମନେକରୁଛନ୍ତି।

# ଆଶ୍ରମପାଟଣା ଭଲିବଲ ଟୁର୍ଣ୍ଣାମେଣ୍ଟ

ଜଗତସିଂହପୁର,।୧୪.୦୨(ନି ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣା।ସ୍ଥିତ



ଆଶ୍ରମପାଟଣା ଭଲିବଲ ୟୁନିଅନ ଏବଂ ପ୍ରଫୁଲ ପାଠାଗାର ମିଳିତ ଆନୁକୂଲ୍ୟରେ ୩୩ ତମ ରାଜ୍ୟସ୍ତରୀୟ ଦିବାରାତ୍ରି ଉଭୟ ବାଳକ ବାଳିକା ବର୍ଗର ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ, ଜଗତସିଂହପୁର ପୌରପରିଷଦ ଅର୍ଚ୍ଚନା ସିଂହ, ସମ୍ମାନିତ ଅତିଥି ଭାବେ ଖଇରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଲିପକ କୁମାର ସାହୁ, ଆଶ୍ରମପାଟଣା ଭଲିବଲ ୟୁନିଅନର ମୁଖ୍ୟ ଉପଦେଷ୍ଟା ତଥା ସମାଜସେବୀ ନିରଞ୍ଜନ ଦାଶ,ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀ, ବଂଶୀଧର ଆଚାର୍ଯ୍ୟ, ବିଜୟ କୁମାର ପତି,ସୁରେନ୍ଦ୍ର କୁମାର ରାୟ, ଅଧିବକ୍ତା ତଥା ସମାଜସେବୀ ବଳରାମ ରଥ ,ପ୍ରଶାନ୍ତ କୁମାର ଦାଶ, ଡାକ୍ତର ସରୋଜକାନ୍ତ ବାରିକ, ରଶ୍ମିରଞ୍ଜନ ବେହେରା, ପ୍ରଦୀପ୍ତ କିଶୋର ସାହୁ ଆଦି ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯିବାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ଏହାପରେ ଉଭୟ ଦଳର ଖେଳାଳି ମାନଙ୍କ ସହିତ ଅତିଥିମାନେ କରମର୍ଦନ କରିଥିଲେ ଶେଷରେ ଏହି ବାଳିକା ବର୍ଗର ଭଲିବଲ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦଘାଟନ କରିଥିଲେ ଖେଳ ଆରମ୍ଭ ପୂର୍ବରୁ ଆଶ୍ରମ ପାଟଣା ଭଲିବଲ ୟୁନିଅନର ପୂର୍ବତନ ଖେଳାଳି ବିରଞ୍ଚି ନାରାୟଣ ଦାସ ଏବଂ ଦେବକାନ୍ତ ମିଶ୍ରଙ୍କ ବିୟୋଗ ହେତୁ ଏକ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସମ୍ଭାବନା'

ରାଇରଙ୍ଗପୁର: ୧୪/୨ (ନିପ୍ର) ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହରସ୍ଥ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମଶ୍ରୀ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ସମ୍ଭାବନା ୨୦୨୫-୨୬ ସଭାପତି ପ୍ରଧାନଶିକ୍ଷକ ବିନୟ ରଂଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମୟୂରଭଞ୍ଜ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପରିକ୍ରମାର ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସ, ବରେଣ୍ୟ ଅତିଥି ଭାବେ ରାଇରଙ୍ଗପୁର ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ମମିତା ଚୌଧୁରୀ, ସମ୍ମାନିତ ଅତିଥି ରୂପେ ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ହୁଁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ, ମୟୂରଭଞ୍ଜ ଜ୍ଞାନରଂଜନ ଆଚାର୍ଯ୍ୟ, ରଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରସଂଘ ସଭାପତି ଡକ୍ଟର ସୟମ୍ବର ସିଂହ ଓ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ନିହାରକାନ୍ତି ମଣ୍ଡଳ ପ୍ରମୁଖ ଛାତ୍ରମାନଙ୍କୁ ଏକାଗ୍ରତା, ଧୈର୍ଯ୍ୟ, ଦାୟିତ୍ବବୋଧ, କର୍ତ୍ତବ୍ୟନିଷ୍ଠା, ସଚ୍ଚୋଟତା, ସମୟାନୁବର୍ତ୍ତୀତା, କଠିନ ଅଧ୍ୟବସାୟ,ଉତ୍ତମ ନାଗରିକ, ପିତାମାତା ଓ ଗୁରୁଜନଙ୍କୁ ଭକ୍ତି କରିବା ପାଇଁ ଉପଦେଶ ଦେଇଥିଲେ ସଭାପ୍ରାରମ୍ଭରେ ଅତିଥିଗଣଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିବା ପରେ ଅତିଥିଗଣ ଜଗତର



ନାଥ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ସଭାପତି ସଭାପତିତ୍ୱ ବକ୍ତବ୍ୟ ଦେବା ପରେ ବରିଷ୍ଠ ଶିକ୍ଷକ ରଂଜନ କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ ପୁରସ୍କାର ବିତରଣୀ ପର୍ବରେ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପ୍ରଶଂସାପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିବା ସହିତ ବିଗତବର୍ଷ ୨୦୨୫ ମେଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ଏ ୧ ଗ୍ରେଡ ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ର ଶିବା ମାର୍ଣ୍ଡିଙ୍କୁ ମୁଖ୍ୟଅତିଥି ଉତ୍ତରୀୟ ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ ସୁଛାତ୍ର ଭାବେ ଦଶମଶ୍ରେଣୀ ଛାତ୍ର ଅଭିଳାଷ ଦାସ ଏବଂ ଦଶମ ସବଜୁନିୟର ଜାତୀୟ ରଗବି ଚମ୍ପିୟାନସିପ୍ ୨୦୨୫ ରେ ବୁଦାନ ସିଂ ବାଇପାଇ ଯୋଗ ଦେଇ ଓଡିଶାକୁ ରନସ୍‌ଅଫ କରାଇଥିବାରୁ, ତାଙ୍କୁ କ୍ରୀଡା ଚମ୍ପିୟାନ ଭାବେ ସମ୍ମାନିତ କରାଯାଇଥିଲା ବିଦ୍ୟାଳୟର ବେଷ୍ଟ ହାଉସ ଭାବେ ସୁବର୍ଣ୍ଣରେଖା ଟିମ କୁ ଟ୍ରଫି ଦେଇ ସମ୍ମାନିତ କରିବା ସହିତ ବୈତରଣୀ ଟିମ୍ କୁ ରନସଅଫ ଭାବେ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା ଏହାପରେ ବରିଷ୍ଠ ଶିକ୍ଷକ ରଂଜନ କୁମାର ନନ୍ଦ ଅତିଥିଗଣଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ ବିଦ୍ୟାଳୟର ପାଚିକା, ସହାୟିକା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

# ଗଳାପୋଲ ନିର୍ମାଣ ପାଇଁ ଦାବିକଲେ ଗ୍ରାମବାସୀ

ମୟୂରଭଞ୍ଜ/ରାଇରଙ୍ଗପୁର,୧୪।୨ (ନିପ୍ର): ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଅଧୀନରେ କେଆର୍‌ସି ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ ଠିକା ସଂସ୍ଥା ଯଶିପୁର ମୂଖ୍ୟ ବଜାର ବାଇପାସ୍ ନିର୍ମାଣ କାର୍ଯ୍ୟ କରୁଛି। ଦୈନିକ ହଜାର ହଜାର ଗାଡ଼ି ମୋଟର ଚଳାଚଳ କରୁଥିବାରୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ବାଇପାସ୍ ରାସ୍ତା ନିର୍ମାଣ ହେଉଛି। ପରିତାପର, ବିଷୟ ଯଶିପୁର ବଜାରରୁ ଦୁଇ କିମି ଏବଂ ବାଇପାସ୍ ରାସ୍ତାରୁ ମାତ୍ର ଏକ କିମି ଦୂରରେ ଥିବା ଗୌଡଗାଁ ମୁଖ୍ୟ ରାସ୍ତାରେ ଏକ ଗଳାପୋଲ ନିର୍ମାଣର ଆବଶ୍ୟକତା ରହିଛି। ଉକ୍ତ ଗ୍ରାମରେ ୩ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ଜୀବନଜୀବିକା ପାଇଁ ଗ୍ରାମବାସୀ ଯଶିପୁର ବଜାର ଉପରେ ନିର୍ଭର କରିଥାନ୍ତି। ଶିଶୁ, ଛାତ୍ର ଛାତ୍ରୀଙ୍କ ସମେତ ସମସ୍ତ ଲୋକ ଯଶିପୁରରେ ଥିବା ଡାକ୍ତରଖାନା, ଶିକ୍ଷା ଅନୁଷ୍ଠାନ, ବ୍ଲକ, ତହସିଲ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଉକ୍ତ ରାସ୍ତା



ଦେଇ ଯାଇଥାନ୍ତି। ଯଶିପୁର ଗୌଡଗାଁ, ଭଣ୍ଡାରିପୋଷି ଅଞ୍ଚଳର ଚାଷୀମାନେ ମଧ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହି ପରିପ୍ରେକ୍ଷୀରେ ଲୋକଙ୍କ ସୁରକ୍ଷା ଜରୁରି ହୋଇପଡ଼ିଛି। ବାଇପାସ୍ ରାସ୍ତାରେ ଗଳାପୋଲ ନିର୍ମାଣ ନ ହେଲେ ଗ୍ରାମବାସୀଙ୍କ ନିରାପତ୍ତା ବିପନ୍ନ ହେବାର ଆଶଙ୍କା କରାଯାଉଛି। ତେଣୁ ଗୌଡଗାଁ ମୂଖ୍ୟ ରାସ୍ତାରେ ଗଳାପୋଲ ନିର୍ମାଣଟ ଜରୁରୀ ହୋଇପଡିଛି । ଏ ସମ୍ପର୍କରେ ପୂର୍ବରୁ ଏନ୍‌ଏଚ୍‌ଏଆଇର ଉଚ୍ଚପଦସ୍ଥ ଅଧିକାରୀ ଏବଂ ରାଜ୍ୟ ସରକାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ଲିଖିତ ଦରଖାସ୍ତ ଦିଆଯାଇଥିଲା। ତଦନ୍ତ ପାଇଁ ଫେବୃଆରୀ ୧୩ରେ ଜାତୀୟ ରାଜପଥ ପ୍ରାଧିକରଣର ଅଫିସର ବୀରେନ୍ଦ୍ର ସିଂ, ପ୍ରକଳ୍ପ ନିର୍ଦ୍ଦେଶକ ଦର୍ଶୀ ପ୍ରକାଶ ଅନୁଧାନ କରିଥିଲେ।। କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ବିଭାଗ ମନ୍ତ୍ରୀ ନିତୀନ୍ ଗଡକରିଙ୍କ ଉଦ୍ଦେଶ୍ୟରେ ଜାତୀୟ ରାଜପଥ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଥିଲା। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଦାବି ଉପରେ ଦୁଇ ଦିନ ମଧ୍ୟରେ ତଦନ୍ତ କରାଯାଇ ଏଷ୍ଟିମେଣ୍ଟ ଅନୁମୋଦନ କରି ଗଳାପୋଲ ନିର୍ମାଣ ଆରମ୍ଭ କରିବାକୁ ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ୱପ୍ନେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ



ଯାଜପୁର,୧୪।୨(ନିପ୍ର): ଯାଜପୁର ବ୍ଲକ୍ ଜମଧର ପଞ୍ଚାୟତର ସ୍ୱପ୍ନେଶ୍ୱରପୁର ଗ୍ରାମରେ ସ୍ୱପ୍ନେଶ୍ୱର ମହାଦେବଙ୍କ ୧୬ ତମ ବିଶ୍ୱଶାନ୍ତି ମହାଯଜ୍ଞରେ ଗତ ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ମଙ୍ଗଳ ବାର ଠାରୁ ଆରମ୍ଭ ହୋଇଥିବା ଯଜ୍ଞର ଚତୁର୍ଥ ଦିବସରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପତ୍ୟେକ ସନ୍ଧ୍ୟାରେ ଭଜନସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା ଓ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୋହିନୀ ମିଶ୍ର, ଶିବ ନନା ଏବଂ ହରିପୁର କୀର୍ତ୍ତନ ପରିବେଷଣ କରାଯାଇଥିଲା। ଅନ୍ତିମ ଦିନରେ ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ରଧ୍ୱନି ସହ ଶଙ୍ଖ ଓ ହରିବୋଲ ହୁଳହୁଳି ଶବ୍ଦରେ ଆଖ ପାଖ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଯଜ୍ଞ ଚରୁ ସେବନ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ହୋଇଥିଲା। ଶେଷରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା । ମହାଯଜ୍ଞକୁ କମିଟିର କର୍ମକର୍ତ୍ତା ରମେଶ ପତି, ଇନ୍ଦ୍ରମଣି ପତି, ଗଣେଶ ଚନ୍ଦ୍ର ପତି, ସୀତାରାମ ପତି, ମନୋରଞ୍ଜନ ପତି, ରବୀନ୍ଦ୍ର ପତି, ହୃଦାନନ୍ଦ ପତି, ନରହରି ପତି, ଶ୍ରୀକାନ୍ତ ପତି ପ୍ରମୁଖ ପରିଚାଳନା କରିଥିଲେ। ଦେବେନ୍ଦ୍ର କୁମାର ପାଢ଼ୀ, ବିଭୂତିଭୂଷଣ ଖଣ୍ଡାଇ ପ୍ରମୁଖ ମହାଯଜ୍ଞର ପ୍ରଚାର ପ୍ରସାର କରିଥିଲେ।

## ଭଗତଙ୍କୁ ଷଷ୍ଠ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ



ଭୁବନେଶ୍ୱର,୧୪।୨(ନି.ପ୍ର): ଖେଳରତ୍ନ ତଥା ରାଜ୍ୟର ସର୍ବଶ୍ରେଷ୍ଠ ପାରା ବ୍ୟାଡ୍ମିଣ୍ଟନ୍ ତାରକା ପ୍ରମୋଦ ଭଗତ ନିଜ ଜାଜ୍ୱଲ୍ୟମାନ କ୍ରୀଡ଼ା ଜୀବନରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ବାହାରିନର ମାନାମାଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ଚାମ୍ପିଅନସପର ଏସ୍୩ ବଗ ପୁରୁଷ ଏକକରେ ପୁଣି ଥରେ ବିଜେତା ହୋଇଛନ୍ତି ।

ଶନିବାରର ପ୍ରତୀକ୍ଷିତ ଫାଇନାଲରେ ପ୍ରମୋଦ ୨୧-୧୨, ୨୧-୧୮ ସେଟ୍ରେ ଇଣ୍ଡୋନେସିଆର ମହମ୍ମଦ ଅଲ ଇମାମଙ୍କୁ ପରାସ୍ତ କରି ଏହି ଐତିହାସିକ ସଫଳତା ଲାଭ କରିଛନ୍ତି। ପ୍ରମୋଦଙ୍କର ଏହା ହେଉଛି ଷଷ୍ଠ ଏବଂ ଲାଗାତାର ଚତୁର୍ଥ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ। ତା ସହିତ ସେ ମଧ୍ୟ କିଂବଦନ୍ତି ଲିନ ଡାନ୍ଙ୍କ ୫ ବିଶ୍ୱ ଚାମ୍ପିଅନ୍ସିପ୍ ସ୍ୱର୍ଣ୍ଣ ପଦକ ରେକର୍ଡକୁ ଟପି ଯାଇଛନ୍ତି।

ପ୍ରମୋଦ ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨, ୨୦୨୪ରେ ମଧ୍ୟ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାର ଗେରବ ଅର୍ଜନ କରିଥିଲେ।ଏସ୍ଏଲ୍ ୩-ଏସ୍ଏଲ୍ ୪ ପୁରୁଷ ଯୁଗଳରେ ସୁକାନ୍ତ କଦମଙ୍କୁ ସାଥୀ କରି ସେ ମଧ୍ୟ ଫାଇନାଲରେ ପ୍ରବେଶ କରିଛନ୍ତି।ଫଳରେ ଆଉ ଗୋଟିଏ ସ୍ୱର୍ଣ୍ଣ ଜିତିବାର ଆଶାକୁ ମଧ୍ୟ ଉଜ୍ଜୀବିତ ରଖିଛନ୍ତି। ପ୍ରମୋଦ ଓ ସୁକାନ୍ତ ଯୋଡ଼ି ସେମିଫାଇନାଲରେ କୋରିଆର ଚୋ ଏନ୍ ଓ ଲିଦଏସ୍ଙ୍କୁ ୨୧-୧୩, ୨୧-୧୫ରେ ପରାସ୍ତ କରିଥିଲେ।

# ଟି-୨୦ ବିଶ୍ୱକପ: ନ୍ୟୁଜିଲାଣ୍ଡକୁ ଝଟକା ଦେଲା ଦକ୍ଷିଣ ଆଫ୍ରିକା

ଅହମଦାବାଦ,୧୪।୨(ଏଜେନ୍ସି): ଶନିବାର ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ଟି-୨୦ କ୍ରିକେଟ ବିଶ୍ୱକପ ଗ୍ରୁପ-ଡିର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୭ ଓ୍ୱିକେଟରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା ।ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୭ ଓ୍ୱିକେଟ ହରାଇ କରିଥିଲା ୧୭୫ ରନ। ଓପନର ଟିମ ଶେଫର୍ଟ ୧୩, ରଚିନ ରବିନ୍ଦ୍ର ୧୩ ଓ ଗ୍ଲେନ୍ ଫିଲିପ୍ସ ୧ରନ କରିଆଉଟ ହୋଇଥିବା ବେଳେ ଫିନ୍ ଆଲେନଙ୍କ ୩୧, ମାର୍କ ଚାପମ୍ୟାନ ୪୮ ଓ ଡ୍ୟାରିଲ ମିଚେଲଙ୍କ ୩୨ ରନ ଉଲ୍ଲେଖନୀୟ ଅବଦାନ ଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ ସର୍ବାଧିକ ୪ ଓ୍ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୩ ଓ୍ୱିକେଟ ହରାଇ ୧୭.୧ ଓଭରରେ ୧୭୮ ରନ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଓପନର ତଥା ଅଧିନାୟକ ଏଡେନ ମାକ୍ରାମ ସର୍ବାଧିକ ୮୬ ରନ କରିଥିଲେ।

### ଆୟର୍ଲାଣ୍ଡର ପ୍ରଥମ ବିଜୟ

କଲମ୍ବୋ: ଶ୍ରୀଲଙ୍କାର କଲମ୍ବୋ ସ୍ଥିତ୍ ସିଂହଳିଜ୍ ସ୍ପୋର୍ଟ୍ସ କ୍ଲବରେ ଶନିବାର ଖେଳାଯାଇଥିବା ଚଳିତ ଟି-୨୦ କ୍ରିକେଟ ବିଶ୍ୱକପ ଗ୍ରୁପ ବିର ଏକ ମ୍ୟାଚରେ ଓମାନକୁ ୯୬ ରନ ବ୍ୟବଧାନରେ ପରାସ୍ତ କରିଛି ଆୟର୍ଲାଣ୍ଡ। ତିନିଟି ମ୍ୟାଚ ଖେଳିସାରିଥିବା ଆୟର୍ଲାଣ୍ଡ୍ ପାଇଁ ଏହା ପ୍ରଥମ ବିଜୟ ଓ ଏହି ବିଜୟ ସହ ଦଳ ପଏଣ୍ଟ ଟେବୁଲରେ ଖାତା ଖୋଲିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ୍ ୫ ଓ୍ୱିକେଟ୍ ହରାଇ ୨୩୫ ରନର ଏକ ବଡ଼ ସ୍କୋର୍ ଛିଡ଼ା କରିଥିଲା। ଦଳ ପକ୍ଷରୁ ଅଧିନାୟକ ଲୋର୍କାନ୍ ଟକର୍ ମାତ୍ର ୫୧ ବଲରୁ ଅପରାଜିତ ୯୪ ରନର ଏକ ବିସ୍ଫୋରକ ପାଳି ଖେଳିଥିବାବେଳେ ଗ୍ୟାରେଥ୍ ଡେଲାନି ୩୦ ବଲରେ ୫୬ ରନର ଏକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ଜର୍ଜ ଡକ୍ରେଲ୍ ମାତ୍ର ୯ଟି ବଲରେ ୩୫ ରନ ଯୋଗ କରିବାରୁ ଆୟର୍ଲାଣ୍ଡ ଏକ ବଡ ସ୍କୋର କରି ପାରିଥିଲା। ଓମାନ ପକ୍ଷରୁ



ସକିଲ ଅହମ୍ମଦ ୩୩ ରନ ବିନିମୟରେ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ। ଓମାନ ୨୩୬ ରନ୍ ଲକ୍ଷ୍ୟର ପିଛା କରି ୧୮ ଓଭରରେ ୧୩୯ କରି ଅଲ୍ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅମୀର କଲିମ୍ ୫୦ (୨୯ବଲ୍) କରିଥିବାବେଳେ ହମ୍ମାଦ୍ ମୀର୍ଜା ୪୬ ରନର ଯୋଗଦାନ ଦେଇଥିଲେ। ଦଳର ଅନ୍ୟ ବ୍ୟାଟର ବିଫଳ ହୋଇଥିଲେ। ଆୟର୍ଲାଣ୍ଡ୍ ପକ୍ଷରୁ ଜୋସୁଆ ଲିଟଲ୍ ୧୬ ରନ ବିନିମୟରେ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ମ୍ୟାଥ୍ୟୁ ହୋଫ୍ରେଜ୍ ଓ ବେରି ମ୍ୟାକ୍କାର୍ଥି ୨ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ।

### ସ୍କଟଲାଣ୍ଡ ବିପକ୍ଷରେ ଇଂଲଣ୍ଡ ବିଜୟୀ

କୋଲକାତା: ସ୍ଥାନୀୟ ଇଡେନ ଗାର୍ଡେନ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଚଳିତ ଟି-୨୦ କ୍ରିକେଟ ବିଶ୍ୱକପ ଗ୍ରୁପ-ସିର ଏକ ମ୍ୟାଚରେ ସ୍କଟଲାଣ୍ଡକୁ ହରାଇଛି ଇଂଲଣ୍ଡ। ପ୍ରଥମେ ବ୍ୟାଟିଂ କରି ସ୍କଟଲାଣ୍ଡ ଅଧିନାୟକ ରିଚି ବେରିଂଟନଙ୍କ ୪୯ ଓ ମାଇକେଲ ଜୋନ୍ସଙ୍କ ୩୩ ରନ ବଳରେ ୧୯.୪ ଓଭରରେ ୧୫୨ ରନ କରି ଅଲଆଉଟ ହୋଇ ଯାଇଥିଲା। ଇଂଲଣ୍ଡ ପକ୍ଷରୁ ଅଦିଲ ରସିଦ ୩ ଓ ଜୋଫ୍ରା ଆର୍ଚର ଏବଂ ଲିଆମ ଡଓ୍ୱସନ ୨ ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ଇଂଲଣ୍ଡ ଟମ୍ ବାଣ୍ଟନଙ୍କ ଅପରାଜିତ ୬୩ ରନ ବଳରେ ୧୮.୨ ଓଭରରେ ୫ ଓ୍ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

# ନିଶାଦ୍ରବ୍ୟ କାରବାର ବନ୍ଦ ନେଇ ମହିଳାଙ୍କ ଆନ୍ଦୋଳନ

ଖଣ୍ଡପଡ଼ା, ୧୪।୨ (ନି.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ଗ୍ରାମରେ ନିଶାଦ୍ରବ୍ୟର ଅବାଧ କାରବାର ବନ୍ଦ ନେଇ ଶନିବାର ରାଜରାସ୍ତାକୁ ଓହ୍ଲାଇ ହରତାଳ କରିଥିଲେ ୩୦୦ରୁ ଊର୍ଦ୍ଧ୍ୱ ମହିଳା। ମହିଳାମାନେ ନିଶାଦ୍ରବ୍ୟର କାରବାର ଚଳାଇଥିବା ବ୍ୟବସାୟୀମାନଙ୍କୁ କଡା ଚେତାବନୀ ଦେବା ସହ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସାଧାରଣରେ ସଚେତନତା ସୃଷ୍ଟି କରିଥିଲେ। ବେଣାଗାଡିଆ ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ବର୍ଷ ବର୍ଷ ଧରି ଗ୍ରାମର କିଛି ଅସାଧୁ ବ୍ୟବସାୟୀ ଚୋରାରେ ଦେଶୀ ଓ ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ କାରବାରରେ ଲିପ୍ତ ଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା




ସହ ଯୁବକମାନେ ପଥଭ୍ରଷ୍ଟ ହୋଇ ବିପଥଗାମୀ ହେଉଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି।ଖଣ୍ଡପଡ଼ା ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ସଂପର୍କରେ ଅବଗତ ଥିଲେ ହେଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଏହାର ପ୍ରତିବାଦରେ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇ ହରତାଳ କରିଥିବା ଜଣାଯାଇଛି।ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ବେଣାଗାଡିଆ ଗ୍ରାମ ଠାରେ ମହିଳାମାନେ ନିଶାଦ୍ରବ୍ୟର କାରବାରକୁ ନା ନାରା ଦେଇ ଆନ୍ଦୋଳନକୁ ଓହ୍ଲାଇ ଥିବା ବେଳେ ବିଭିନ୍ନ ମହଲରୁ ଆନ୍ଦୋଳନକୁ ସମର୍ଥନ ମିଳିଥିବା ଜଣାଯାଇଛି। ବେଣାଗାଡିଆ ଗ୍ରାମରେ ନିଶାଦ୍ରବ୍ୟର କାରବାର ଚଳାଇଥିବା ଅନେକ ମାଫିଆ ଓ ଅସାମାଜିକ ବ୍ୟକ୍ତି ଖଣ୍ଡପଡ଼ା ବିଧାୟକଙ୍କ ଖାସ ଅନୁଗତ ଅଟନ୍ତି ବୋଲି ବେଣାଗାଡିଆ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଆଗାମୀ ଦିନରେ ବେଣାଗାଡିଆ ଗ୍ରାମରେ ନିଶାଦ୍ରବ୍ୟର ଅବାଧ କାରବାର ଉପରେ ପ୍ରଶାସନ ରୋକ ନ ଲଗାଇଲେ ମହିଳାମାନେ ପୁର୍ନବାର ଆନ୍ଦୋଳନକୁ ଓହ୍ଲାଇ ରାସ୍ତାରୋକ ଆନ୍ଦୋଳନ କରିବା ସହ ଆବଶ୍ୟକ ପଡିଲେ ଖଣ୍ଡପଡ଼ା ଥାନା ଓ ଅବକାରୀ ବିଭାଗ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଭାରତ-ପାକିସ୍ତାନ ମୁକାବିଲା: ପିଚ୍ କଣ୍ଡିସନ ନେଇ ଚର୍ଚ୍ଚା

କଲମ୍ବୋ,୧୪।୨(ଏଜେନ୍ସି) : ଟ୍ୱେଣ୍ଟି-୨୦ ବିଶ୍ୱକପ୍ରେ ରବିବାର ହେବାକୁ ଥିବା ଭାରତ-ପାକିସ୍ତାନ ମ୍ୟାଚ ନେଇ ଉତ୍କଣ୍ଠା ବଢିବାରେ ଲାଗିଛି। ତେବେ କଲମ୍ବୋର ଆର୍.ପ୍ରେମଦାସା ଷ୍ଟାଡିୟମ ପିଚ କିପରି ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଶୁକ୍ରବାର ଏହି ଷ୍ଟାଡିୟମରେ ଅଷ୍ଟ୍ରେଲିଆ-ଜିମ୍ବାୱେ ମ୍ୟାଚ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଷ୍ଟ୍ରେଲିଆ ହାରିଯାଇଥିଲା।ଏହି ମ୍ୟାଚ ପରେ ଗ୍ରାଉଣ୍ଡ୍ କର୍ମୀ ଗୋଟିଏ ନିର୍ଦ୍ଦିଷ୍ଟ ପିଚକୁ କପଡ଼ା ଘୋଡ଼ାଇ ରଖିଥିବା ଦେଖାଯାଇଥିଲା। ତେଣୁ ଅନୁମାନ ଏହି ପିଚରେ ଭାରତ-ପାକିସ୍ତାନ ମ୍ୟାଚ ହୋଇପାରେ । ଯେଉଁ ପିଚରେ ଅଷ୍ଟ୍ରେଲିଆ-ଜିମ୍ବାୱେ ମ୍ୟାଚ ଖେଳାଯାଇଥିଲା ତାହା ଏକ ନୂଆ ପିଚ ଥିଲା। ଖେଳ ଆଗେଇବା ସହ ଏହି ପିଚ ଧୀମା ହୋଇଥିଲା ଓ ବଲ୍ ଠିକ ଭାବେ ବ୍ୟାଟକୁ ଆସୁ ନଥିଲା। ଫଳରେ ପଛରେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲୀୟ ବ୍ୟାଟର ଷ୍ଟ୍ରୋକ୍ ଖେଳିବାକୁ



ଯାଇ ସମସ୍ୟାରେ ପଡିଥିଲେ । ଆବୃତ କରି ରଖାଯାଇଥିବା ପିଚ ପ୍ରକୃତି ବି ସମାନ ରହିପାରେ। ଅର୍ଥାତ ମ୍ୟାଚ ଆଗେଇବା ସହ ଧୀମା ହୋଇପାରେ। ବଲ୍ ମଧ୍ୟ ନିଚ୍ଚା ରହିବାର ସମ୍ଭାବନା ରହିବ। ଯେଉଁଥିରେ ଖେଳିବା ବ୍ୟାଟର ଙ୍କ ପାଇଁ କଠିନ ହୋଇପାରେ।ଏଣୁ ଯେଉଁ ଦଳ ଟସ୍ ଜିତିବ ପ୍ରଥମେ ବ୍ୟାଟିଂ କରିବାକୁ ଚାହିଁବ। ପୁଣି ଏହି ପିଚକୁ ଦୃଷ୍ଟିରେ ରଖି ଭାରତ ଜଣେ ଅତିରିକ୍ତ ସ୍ପିନର ଭାବେ କୁଳଦୀପ ଯାଦବଙ୍କୁ ଦଳରେ ସାମିଲ କରିପାରେ।

## କଥା ଦେଇ କଥା ରଖିଲେ ମାଣ୍ଡୁକି ସରପଞ୍ଚ



ଅସ୍ତରଙ୍ଗ,୧୪।୨(ନି.ପ୍ର):ନିର୍ବାଚନ ବେଳେ ନେତା ମାନେ ଲୋକଙ୍କ ମନ ଜିଣିବାକୁ ଭୋଟ ହାତେଇବାକୁ ମାଳ ମାଳ ପ୍ରତିଶ୍ରୁତି ଦେଇଥାନ୍ତି। ଆଉ ଭୋଟ ପରେ ଭୁଲିଯାଆନ୍ତି।ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଂଚାୟତ ସରପଞ୍ଚ ରୋଜିନା ଜେନା ନିର୍ବାଚନ ପୂର୍ବରୁ ଯାହା କଥା ଦେଇଥିଲେ ତାହା ରଖିଲେ। ସରପଞ୍ଚ ରୋଜିନା ଜେନା ନିଜସ୍ୱ ପାଣ୍ଠିରୁ ସିଲାରୀ ଶିବ ମନ୍ଦିର ନିକଟରେ ଗାଁର ନେତୃବୃନ୍ଦ ଓ ଯୁବକଙ୍କ କଥା ରଖି ଏକ କ୍ଲବ ନିର୍ମାଣ କରିଛନ୍ତି। ଯାହାର ନାଁ କପିଳେଶ୍ୱର ଯୁବ ପରିଷଦ ନାମରେ ନାମିତ। ସ୍ଥାନୀୟ ଅଞ୍ଚଳରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି ବୈଠକ ସହ ବିଭିନ୍ନ କାର୍ଯ୍ୟରେ ଏହି ନିର୍ମାଣ ଧୀନ କୋଠା ଘର କାର୍ଯ୍ୟରେ ବ୍ୟବହୃତ ହେବ। ଏହି ନୂତନ ଗୃହକୁ ଶନିବାର କ୍ଲବ ସଦସ୍ୟ, ସ୍ଥାନୀୟ ଜନ ସାଧାରଣଙ୍କ ଉପସ୍ଥିତରେ ସରପଞ୍ଚ ରୋଜିନା ଜେନା ଉଦଘାଟନ କରିଥିଲେ। ଏହି ସମୟରେ ବିଜେପି ଏକ ନମ୍ବର ମଣ୍ଡଳ ସଭାପତି ତଥା ସମାଜସେବୀ ଇନ୍ଦ୍ରମଣି ଜେନା,କପିଳେଶ୍ୱର ଯୁବ ପରିଷଦ ଉପ ସଭାପତି ସମୀର ରାଉତଙ୍କ ସହ ସମସ୍ତ ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ



ନିମାପଡା, ୧୪।୨ (ନି.ପ୍ର) ନିମାପଡା ଥାନା ଅନ୍ତର୍ଗତ ଭିଳିଗ୍ରାମ ପଂଚାୟତ ବିଷ୍ଣୁପୁର ଦେଉଳିସାହିର ଏକ କବାଡିଆ ଗୋଦାମରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ସୁଚନା ମୁତାବକ ଦେଉଳି ସାହିର ଶ୍ରୀନିବାସ ଦଲେଇଙ୍କ ଘର ନିକଟରେ ଥିବା ଏକ କବାଡିଆ ଗୋଦାମରେ କୌଣସି କାରଣ ବସତ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କବାଡି ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଖବର ପାଇଁ ନିମାପଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଂଚି ନିଆଁକୁ ଆୟତ କରିଥିଲେ ।

## ମହାଶିବରାତ୍ରିରେ ନନ୍ଦୀ ମହାରାଜାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

ପିପିଲି, ୧୪।୨ (ନି.ପ୍ର): ପବିତ୍ର ମହାଶିବ ରାତ୍ରି ପାଇଁ ସଜବାଜ ହେଉଛି ତାଙ୍କର ପ୍ରିୟ ବାହାନ ନନ୍ଦୀ ମହାରାଜ,ପୁରୀ ଜିଲ୍ଲା ପିପିଲି ନିକଟ ବର୍ତ୍ତୀ ସିଉଳା ଗ୍ରାମରେ ଆରମ୍ଭ ହୋଇଛି ନନ୍ଦୀ ମହାରାଜ ଙ୍କର ପ୍ରାଣପ୍ରତିଷ୍ଠା, ଯେଉଁଥିରେ ଓଡିଶା ବାହାରେ ପାଠ ପଢ଼ାଉଥିବା ବୁଦ୍ଧାନ ପଣ୍ଡିତ ମଣ୍ଡଳୀ ଆସିଛନ୍ତି, ଚାରି ବେଦି ବ୍ରାହ୍ମଣ ପଣ୍ଡିତ ଙ୍କର ଦ୍ୱାରା ଅତି ସୁନ୍ଦର ବେଦ ପାଠ କରାଯାଉଛନ୍ତି,



ଏହି ଉତ୍ସବ ବି ୩ଦିନ ବ୍ୟାପି ହେବ, ଏଥିରେ ଆଖ ପାଖରୁ ଦଶ ହଜାରୁ ଉର୍ଦ୍ଧ ଭକ୍ତ ଯୋଗଦାନ କରିଛନ୍ତି, ସକାଳୁ ସୂର୍ଯ୍ୟପୂଜା, ଗୋ ପୂଜା, ଯଜ୍ଞ ଶାଳା ପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଗୀତା ପାଠ, ଅଖଣ୍ଡ ମହା ରୁଦ୍ରାଭିଷେକ, ଆଳତି, ପୁଷ୍ପାଞ୍ଜଳି, ପ୍ରସାଦ ସେବନ ର ବ୍ୟବସ୍ଥା ରହିଛି, ଏହି ପବିତ୍ର କ୍ଷେତ୍ରରେ ଆରାଧ ଭଗବାନ ହେଉଛନ୍ତି ନୀଳକଣ୍ଠେଶ୍ୱର ମହାଦେବ, ଯିଏ ଅନେକ ପୁରାତନ ଏବଂ ପ୍ରସିଦ୍ଧ କ୍ଷେତ୍ର ଅଟେ, ଏହିଠାରେ ଅନେକ ମାନସିକ ଧାରୀ ଭକ୍ତ ମାନେ ଆସିଥାନ୍ତି ନିଜର ମାନସିକ ପୂରଣ କରିବା ପାଇଁ, ମହା ଶିବରାତ୍ରିରେ ତାଙ୍କର ପ୍ରିୟ ବାହାନ ନନ୍ଦୀ ମହାରାଜଙ୍କର ପ୍ରତିଷ୍ଠା ପାଇଁ ଅନେକ ଭକ୍ତଙ୍କର ଗହଳି ବଢ଼ିବାରେ ଲାଗିଛି।

# ଖଣ୍ଡପଡ଼ା ବ୍ଲକର ୧୧ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୧୫୬୯ ପରୀକ୍ଷାର୍ଥୀ

କଣ୍ଟିଲୋ,୧୪।୨ (ନି.ପ୍ର): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବାପରୀକ୍ଷା ପରିଚାଳନା ପାଇଁ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତିପର୍ବ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ୧୧ ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କୋସକା କେନ୍ଦ୍ରରେ ୯୭, ବଳଦିଆ ନୂଆଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୬, ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ୧୬୦, ଗୋକୁଳାନନ୍ଦଜୀଉ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୫୮, କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୨୪,ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ଖଳିସାହି କେନ୍ଦ୍ରରେ ୧୧୬, ନୀଳମାଧବ ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ କେନ୍ଦ୍ରରେ ୧୨୬, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରେ ୨୦୦, ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ନଟବରପୁରଶାସନ କେନ୍ଦ୍ରରେ ୧୫୦, ଶିଖରପୁର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୬,ତନ୍ତୁବାୟ ସମବାୟ ଉଚ୍ଚ ବିଦ୍ୟାଳୟ ବାଇଗୁଣିଆଁ କେନ୍ଦ୍ରରେ ୧୨୬ ଜଣ ଏହିପରି ସର୍ବମୋଟ ୧୫୬୯ ଜଣ ପରିକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ ବୋଲି ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରର ପ୍ରଧାନଶିକ୍ଷୟତ୍ରୀ ତଥା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଲିପସା ନନ୍ଦଙ୍କ ଠାରୁ ପ୍ରକାଶ।

## ନୂଆ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ଖଣ୍ଡପଡ଼ା, ୧୪।୨ (ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ନୂଆ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।




ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଯୁବ ସମାଜସେବୀ ପ୍ରକାଶ ଚନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଓ ବିଗତ ବର୍ଷର ବିଭିନ୍ନ ବାବଦ ଅନୁଦାନ ଅର୍ଥ ବିନିଯୋଗ ନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ସରକାରଙ୍କ ପକ୍ଷରୁ ମଞ୍ଜୁର ଅନୁଦାନ ଅର୍ଥ ଆଗାମୀବର୍ଷ କେଉଁ ବାବଦରେ ବ୍ୟୟ ହେବ ସେ ସଂପର୍କରେ ବିଧାୟକ ମତ ରଖିଥିଲେ। ନୂଆ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀଗୁଡ଼ିକ ପୁରଣ ସହ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ପୁରଣ ନେଇ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ ଅଭିଷାର ପଣ୍ଡା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ସମୟାନୁକ୍ରମେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସମସ୍ୟା ସମାଧାନ ଦିଗରେ ସେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବେ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ।

## ମାଟ୍ରିକ ପରୀକ୍ଷା ଦେବେ ବୈଭବ

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ଆସନ୍ତା ୧୭ ତାରିଖରୁ ସିବିଏସଇ ୧୦ମ ଶ୍ରେଣୀ ବା ମ୍ୟାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଭାରତୀ ବିସ୍ମୟ ବାଳକ



ତଥ ନିକଟରେ ଅନୁଷ୍ଠିତ ୧୯ ବର୍ଷରୁ କମ କ୍ରିକେଟ ବିଶ୍ୱକପ ବିଜୟୀ ଭାରତୀୟ ଦଳର ହିରୋ ବୈଭବ ସୂର୍ଯ୍ୟବଂଶୀ ଏହି ପରୀକ୍ଷା ଦେବେ । ସେ ବିହାରର ସମସ୍ତିପୁର ସ୍ଥିତ ପୋଦାର ଅନ୍ତର୍ଜାତୀୟ ସ୍କୁଲରେ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ଏଥିପାଇଁ ସ୍କୁଲ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏ ନେଇ ସ୍କୁଲର ଅଧ୍ୟକ୍ଷ ନିଲ୍ କିଶୋର କହିଛନ୍ତି ଯେ ବୈଭବଙ୍କୁ ପରୀକ୍ଷା ପ୍ରବେଶ ପତ୍ର ପ୍ରଦାନ କରାଯାଇଛି। ବୈଭବଙ୍କୁ ନେଇ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଉତ୍ସାହ ରହିଛି,କିନ୍ତୁ ତାଙ୍କୁ ପରୀକ୍ଷା ସମୟରେ ଅନ୍ୟ ପିଲାମାନଙ୍କ ପରି ସମାନ ସୁବିଧା ଓ ସୁରକ୍ଷା ପ୍ରଦାନ କରାଯିବ। କାରଣ ଏହା ଶିକ୍ଷା କ୍ଷେତ୍ର, କ୍ରିକେଟ୍ ପଡ଼ିଆ ନୁହେଁ। ଅନ୍ୟ ପିଲାମାନେ ଯେପରି ସହଜରେ ପରୀକ୍ଷା ଦେଇପାରେ ତାହା ଉପରେ ଧ୍ୟାନ ଦିଆଯାଉଛି। ଇଂଲଣ୍ଡ ବିପକ୍ଷ ୧୯ ବର୍ଷରୁ କମ ବିଶ୍ୱକପ୍ ଫାଇନାଲରେ ବୈଭବ ମାତ୍ର ୮୦ଟି ବଲରୁ ୧୫ ଛକା ଓ ୧୫ ଚୌକା ସହ ୧୭୫ ରନ କରି ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ସ୍ତମ୍ଭକାର ସନ୍ତୋଷ ଦାଶ ସମ୍ବର୍ଦ୍ଧିତ

ଚାରିଛକ, ୧୪।୨(ନି.ପ୍ର): ପୁଣ୍ୟତୋୟା ପ୍ରାଚୀ ନଦୀକୁ ସୁନାବ୍ୟା କରିବାକୁ ଓ ପ୍ରାଚୀ ଉପତ୍ୟକାରେ ଥିବା ପୁରାତନ ମଠ, ମନ୍ଦିର, କୀର୍ତ୍ତିରାଜି,ଐତିହ୍ୟ ସବୁର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରିବାକୁ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗତ ୧୫ ବର୍ଷ ଧରି ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଙ୍କ ମାର୍ଗ ଦର୍ଶନରେ ପ୍ରାଚୀ ପରିକ୍ରମା ଟ୍ରଷ୍ଟ ପକ୍ଷରୁ ଏକ ସପ୍ତାହ ବ୍ୟାପି ପ୍ରାଚୀ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି । ଚଳିତ ବର୍ଷ ଗତ ୭ ତାରିଖ ଠାରୁ ଆରମ୍ଭ ହୋଇଥିବା ପଞ୍ଚଦଶ ବାର୍ଷିକ ପ୍ରାଚୀ ନଦୀ ପରିକ୍ରମା ଶୁକ୍ରବାର ଦିନ ପ୍ରାଚୀ ଉପତ୍ୟକାର ପ୍ରସିଦ୍ଧ ଅନ୍ଧ କପିଳେଶ୍ୱର ମନ୍ଦିର ଠାରେ ଉଦଯାପିତ ହୋଇଥିଲା । ଏହି ଉଦ ଯାପନ ଦିବସ ରେ ଅନ୍ତଃରାଷ୍ଟ୍ରୀୟ କ୍ରିୟା ଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରର ମହନ୍ତ ବାବାଜୀ ଦାମୋଦର ଦାସ, ବାବାଜୀ ରାମ ଦାସ, ସ୍ୱାମୀ ଆଖଣ୍ଡାନନ୍ଦଜୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ପଣ୍ଡିତ ଚିତ୍ତ ରଞ୍ଜନ ମିଶ୍ର ପ୍ରମୁଖ ପ୍ରାଚୀ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ପ୍ରାଚୀ ସରସ୍ୱତୀ ଙ୍କୁ ଆଳତୀ କରିଥିଲେ । ଅନ୍ଧକପିଳେଶ୍ୱର ମନ୍ଦିର ଠାରେ ଉଦଯାପନ ଦିବସ ରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ପ୍ରାଚୀ ଉପତ୍ୟକାର ସମସ୍ତ ଦେବ ଦେବୀ ମାନଙ୍କ ଉଦ୍ଦେଶ୍ୟରେ ଆହୁତି



ପ୍ରଦାନ କରାଯାଇଥିଲା। ଏହି ପଦଯାତ୍ରାରେ ଭାଗ ନେଇଥିବା ସାଧୁ, ସନ୍ଥ, ମଠାଧିଶ ମାନଙ୍କ ମସ୍ତକ ରେ ଉତ୍ତରୀୟ ବନ୍ଧା ଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବା ପରେ ଶେଷ ହୋଇଥିଲା ପଞ୍ଚଦଶ ବାର୍ଷିକ ପ୍ରାଚୀ ପରିକ୍ରମା ପଦଯାତ୍ରା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ / ସ୍ତମ୍ଭକାର ସନ୍ତୋଷ ଦାଶଙ୍କୁ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ସ୍ୱହସ୍ତରେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦୀର୍ଘ ୨୦ ବର୍ଷ ଧରି ସାମ୍ବାଦିକ ଶ୍ରୀ ଦାଶ ପ୍ରାଚୀ ନଦୀର ଐତିହ୍ୟ, ମାହାତ୍ମ୍ୟ, ବିଭିନ୍ନ ଦେବ ଦେବୀଙ୍କ ସମ୍ପର୍କରେ ବିଭିନ୍ନ ଗଣ ମାଧ୍ୟମରେ ଖବର, ପ୍ରବନ୍ଧ ମାନ ପ୍ରକାଶ କରିବା ସହିତ ପ୍ରାଚୀ ପରିକ୍ରମା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତିବର୍ଷ ଖବର ପ୍ରକାଶ କରି ଜନ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରି ଆସୁଥିବାରୁ ପ୍ରାଚୀ ପରିକ୍ରମା ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବୋଲି ପଣ୍ଡିତ ଚିତ୍ତ ରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି।

# ମେଳାରେ ଜମୁଛି ଭିଡ, ପଡିଆ ଅନ୍ଧକାରମୟ

କଣ୍ଟିଲୋ,୧୪।୨(ନି.ପ୍ର): ଆଦି ପୀଠ ଭାବେ ପରିଚିତ ନୟାଗଡ଼ ଜିଲ୍ଲା କଣ୍ଟିଲୋ ଗ୍ରାମ ରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବ କ୍ଷେତ୍ରରେ ବର୍ତ୍ତମାନ ଚାଲିଥିବା ମେଳାକୁ ମାଘ ମେଳା ନକହି ସାଧାରଣରେ ଜାଗର ମେଳା ବୋଲି କହୁଥିବାର ଶୁଣିବାକୁ ମିଳୁଛି। କେଉଁ ଆବହମାନ କାଳରୁ ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ମାଘମାସ ଯାତ୍ରା ମାଘ ବଡ଼ ଏକାଦଶୀ ତିଥିରେ ଆରମ୍ଭ ହୋଇ ପୂର୍ଣ୍ଣିମାରେ ଶେଷ ହେଉଥିଲା। ମାତ୍ର ଯୁଗ ଅନୁସାରେ ରୀତି, ନୀତି ସବୁ ବଦଳି ଯାଉଛି। ଏଥିପାଇଁ ଜନସାଧାରଣ ଦେବୋତ୍ତର କାର୍ଯ୍ୟ ନିର୍ବାହି ଅଧିକାରୀଙ୍କୁ ଏବଂ ଜିଲ୍ଲା ପ୍ରଶାସନକୁ ଦୋଷ ଦେଉଛନ୍ତି। ଏହି ମେଳା ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଯାତ୍ରୀମାନେ ଆସି ପ୍ରଭୁ ଶ୍ରୀ ନୀଳମାଧବଙ୍କ ଦର୍ଶନ କରିବା ସହିତ ମେଳାବୁଲି ନିଜର ଘରକରଣା ସାମଗ୍ରୀ କିଣି ଘରକୁ ନେଉଥିବା ବେଳେ ଦିନବେଳେ ଗଛ ଛାଇ ଯୋଗୁଁ ମେଳା ବୁଲିବାର ମଜା ନେଉଛନ୍ତି। ସନ୍ଧ୍ୟା ହେଲେ ମେଳା ପଡିଆ, ରାସ୍ତାଘାଟ ଜନସମୁଦ୍ରରେ ପରିଣତ ହେଉଥିବାରୁ ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଯାତ୍ରା ପଡ଼ିଆରେ ଲାଗିଥିବା ହାଇମାଷ୍ଟ ଲାଇଟ୍କୁ ଦେବୋତ୍ତର ବିଭାଗ ପକ୍ଷରୁ ବିଦ୍ୟୁତ



ସଂଯୋଗ କରିବା ପାଇଁ ବାରମ୍ବାର କହିବା ସତ୍ତ୍ୱେ ତାହାର ଆଜି ସୁଦ୍ଧା ସଂଯୋଗ ହେଲାନାହିଁ ଫଳରେ ଯାତ୍ରା ପଡିଆ ଅନ୍ଧକାର ମୟ ହେଉଛି। ବିଦ୍ୟୁତ୍ ବିଭାଗ ସନ୍ଧ୍ୟା ପରେ ବାରମ୍ବାର ବିଦ୍ୟୁତ୍ କାଟ କରିବା ଫଳରେ ଅନ୍ଧକାର ର ସୁଯୋଗ ନେଇ କିଛି ଅଘଟଣ ଘଟିଯାଇପାରେ, ଯାହାଫଳରେ ଅଧିକାଂଶ ଜନସାଧାରଣ ପରିବାର ନେଇ ମେଳା ବୁଲି ଯିବାକୁ ଉଚିତ୍ ମନେ କରୁନାହାଁନ୍ତି। ପୂର୍ବରୁ ମେଳା ସମୟରେ ନିରାପତ୍ତା ଦୃଷ୍ଟିରୁ କୈଣସି ଅଘଟଣ ଘଟିଲେ କିମ୍ବା ବିଦ୍ୟୁତ ସର୍ଟ୍ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଲେ ଅଘଟଣରୁ ରକ୍ଷାପାଇଁ ଅଗ୍ନି ନିରାପତ୍ତା ବାହିନୀ ମୁତୟନ ହେଉଥିଲା ବେଳେ ଚଳିତ ବର୍ଷ ଯାତ୍ରା ସମୟରେ ଦେଖିବାକୁ ମିଳିନଥିଲା।। କେତେବେଳେ କିଛି ଅଘଟଣ ନଘଟିବ କିଏ କହିପାରିବ। ଜନସାଧାରଣ ପାଇଁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପକାଇବା ପାଇଁ ମେଳା ପଡିଆ ଭିତରେ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ଫାଷ୍ଟ ଏଡପୋଷ୍ଟ ଖୋଲାଯିବା କଥା ତାହା ଖୋଲାନଯାଇନାହିଁ। ଯଦି ଦେବୋତ୍ତର ବିଭାଗ ଜନସାଧାରଣଙ୍କ ମୌଳିକ ସୁବିଧା ଦୃଷ୍ଟିରୁ ଏସବୁ ଦିଗ ପ୍ରତି ଧ୍ୟାନ ନ ଦେବ ତେବେ ଆଗାମୀ ଦିନରେ ମେଳା ବୁଡ଼ିଯିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ମେଳା ପଡ଼ିଆରେ ବ୍ୟବସାୟୀ ମାନଙ୍କ ଅଧିକ କିଣାବିକା ଯୋଗୁଁ ଅସନା ହୋଇପଡ଼ିଥିଲେ ମଧ୍ୟ ପଡିଆ ଭିତର ସଫାସୁତୁରା ପ୍ରତି ଦୃଷ୍ଟି ପଡୁନି। ବ୍ୟବସାୟୀ ମାନଙ୍କ ଠାରୁ ଜାଗା ବାବଦରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହେଉଥିବା ସ୍ଥଳେ ପରିବେଶ ପ୍ରତି ଦୃଷ୍ଟି ଦିଆଯାଉନି। ଏସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିବା ସହିତ ଆଗାମୀ ବର୍ଷ ନୀଳମାଧବଙ୍କ ଭୈମୀ ଏକାଦଶୀ ଯାତ୍ରା ମାଘ ବଡ଼ ଏକାଦଶୀ ଠାରୁ ଆରମ୍ଭ କରିବାପାଇଁ ଏବେଠାରୁ ପ୍ରଶାସନ ଓ ଦେବୋତ୍ତର ବିଭାଗ ଯତ୍ନବାନ ହେବାକୁ ସାଧାରଣରେ ଦାବି ହେଉଛି।

## ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଦେହାନ୍ତ



ନୟାଗଡ଼,୧୪।୨ (ନି.ପ୍ର): ନୟାଗଡ଼ ଜିଲ୍ଲା ଓଡଗାଁ ଅଞ୍ଚଳର ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କର ୧୦୧ ବର୍ଷ ବୟସରେ ତାଙ୍କର ବାସଭବନରେ ଶୁକ୍ରବାର ରାତିରେ ଦେହାନ୍ତ ହୋଇଯାଇଛି । ୧୯୪୨ ମସିହା ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସ୍ୱର୍ଗତ ଦାସ ପ୍ରଜାମଣ୍ଡଳ ଆନ୍ଦୋଳନରେ ବାନରସେନା ଦଳରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସ୍ୱାଧୀନୋତ୍ତର କାଳରେ ସେ ଜଣେ ସ୍ୱାଧିନଚେତା ନାଗରିକ ଭାବରେ ଅନ୍ୟାୟ ଦୁର୍ନୀତି ବିରୋଧରେ ନିର୍ଭୀକ ମତପୋଷଣ କରିବାରେ ବେଶ୍ ଜନାଦୃତ ଥିଲେ। ଓଡ଼ଗାଁ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା। ତାଙ୍କର ମୃତ୍ୟୁ ସମୟରେ ତାଙ୍କର ପୁତ୍ର ଡଃ ବେଣୁଧର ଦାସଙ୍କ ସହିତ ଅନ୍ୟାନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଇଣ୍ଡିଗୋ ବିମାନରେ ବୋମା ଆତଙ୍କ

**କୋଲକାତା,୧୪।୨(ଏଜେନ୍ସି):** କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନବନ୍ଦରରୁ ମେଘାଳୟର ସିଲଂ ଅଭିମୁଖେ ଯିବାକୁ ଥିବା ଏକ ଇଣ୍ଡିଗୋ ଏୟାରଲାଇନ୍ସ ବିମାନରେ ବୋମା ଥିବା ଧମକପୂର୍ଣ୍ଣ ବାର୍ତ୍ତା ମିଳିଛି। ଶନିବାର ସକାଳେ ବିମାନ ଉଡ଼ାଣ ଆରମ୍ଭ ପୂର୍ବରୁ ଜଣେ କ୍ରୁ ସଦସ୍ୟ ଏହି ଧମକପୂର୍ଣ୍ଣ ବାର୍ତ୍ତା ଥିବା ଏକ କାଗଜ ବିମାନ ଶୌଚାଳୟରୁ ପାଇଥିଲେ। ଇଣ୍ଡିଗୋ ବିମାନ ୬ଇ୩୦୪୭ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ ଭରିବାର ଥିଲା। ଯାତ୍ରୀମାନେ ବିମାନରେ ବସିବା ସମୟରେ କ୍ରୁ ସଦସ୍ୟ ଧମକପୂର୍ଣ୍ଣ ବାର୍ତ୍ତା ଥିବା କାଗଜ ପାଇଥିଲେ। ତୁରନ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଥିଲା। ବିମାନରେ କଡ଼ା ଯାଞ୍ଚ କରାଯାଇଥିବା ବିମାନବନ୍ଦର ନିର୍ଦ୍ଦେଶକଙ୍କ ପକ୍ଷରୁ କୁହାଯାଇଛି। ଇଣ୍ଡିଗୋ ଏୟାରଲାଇନ୍ସ ପ୍ରବକ୍ତା ମଧ୍ୟ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ଯାତ୍ରୀମାନଙ୍କୁ ଏଥିପାଇଁ ହୋଇଥିବା ଅସୁବିଧା ପାଇଁ ଦୁଃଖିତ। ଯାତ୍ରୀ, କର୍ମଚାରୀ ଓ ବିମାନର ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ଏୟାରଲାଇନ୍ସ ପକ୍ଷରୁ ଏକ ବାର୍ତ୍ତାରେ କୁହାଯାଇଛି। ଏହାପୂର୍ବରୁ ଗତମାସ ଦିଲ୍ଲୀରୁ ପୁଣେ ଯାଉଥିବା ଇଣ୍ଡିଗୋ ବିମାନ ୬ଇ୨୬୦୮ରେ ବୋମା ଥିବା ଧମକ ମିଳିଥିଲା। କଡ଼ା ଯାଞ୍ଚ ପରେ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା।

# ବାଂଲାଦେଶ ନିର୍ବାଚନରେ ୩ ହିନ୍ଦୁ ପ୍ରାର୍ଥୀ ବିଜୟୀ



**ଢାକା,୧୪।୨(ଏଜେନ୍ସି):** ବାଂଲାଦେଶରେ ବିଗତ ଦେଢ଼ ବର୍ଷରେ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ଉପରେ ପ୍ରବଳ ନିର୍ଯାତନା ଦିଆଯାଇଥିବା ବେଳେ ଏବେ ଚଳିତ ସାଧାରଣ ନିର୍ବାଚନରେ ୩ଜଣ ହିନ୍ଦୁ ବିଜୟୀ ହୋଇଛନ୍ତି। ତ୍ରୟୋଦଶ ସଂସଦୀୟ ନିର୍ବାଚନରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ଏକ ବଡ଼ ବିଜୟ ହାସଲ କରିଛି। ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନପି ୨୯୯ ଆସନରୁ ୨୧୧ ଆସନ ଜିତିଛି। ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ, ଜମାତ-ଏ-ଇସଲାମି ୬୮ ଆସନ ପାଇଛି। ତିନି ଜଣ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ଟିକେଟ୍‌ରେ ଜିତିଛନ୍ତି। ସେମାନେ ହେଲେ ଗୟେଶ୍ୱର ଚନ୍ଦ୍ର ରାୟ, ନିତାଇ ରାୟ ଚୌଧୁରୀ ଓ ଦିପେନ ଦିୱାନ।

# ପୁଣି ବେଲଗାମ୍ ସୁନା ଦର

**ନୂଆଦିଲ୍ଲୀ,୧୪।୨(ଏଜେନ୍ସି):** ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ଶନିବାର ଲକ୍ଷେ ୫୭ ହଜାର ୭୫୦ ଟଙ୍କା ରହିଛି। ଶୁକ୍ରବାର ଲକ୍ଷେ ୫୫ ହଜାର ୭୮୦ ଟଙ୍କା ରହିଥିବାବେଳେ ଗୋଟିଏ ଦିନରେ ୨୪ କ୍ୟାରେଟ୍ ସୁନା ଦର ୧୯ଶହ ୭୦ ଟଙ୍କା ବୃଦ୍ଧି ପାଇଛି। ଦେଢ଼ ଲକ୍ଷ ମୁହାଁ ୨୨ କ୍ୟାରେଟ୍ ସୁନା। ଲଗାତର ସୁନା ରୁପା ଦର ବଢ଼ିବା କମିବା ଭିତରେ ପୁଣି ବଢ଼ିଛି ସୁନା ଦର।

ସେହିପରି ୨୨ କ୍ୟାରେଟ୍ ସୁନା ଦର ୧୮ ଶହ ଟଙ୍କା ବି ୧୦ ଗ୍ରାମ ପିଛା ଲକ୍ଷେ ୪୨ ହଜାର ୮୦୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ଲକ୍ଷେ ୪୨ ହଜାର ୮୦୦ ଟଙ୍କା ରହିଥିଲା।

୧୮ କ୍ୟାରେଟ୍ ସୁନା ମଧ୍ୟ ୧୦ ଗ୍ରାମ ପିଛା ୧୪ ଶହ ୭୦ ଟଙ୍କା ବଢ଼ିଛି। ଶୁକ୍ରବାର ୧୮ କ୍ୟାରେଟ୍ ସୁନା ଭରି ଲକ୍ଷେ ୧୬ ହଜାର ୮୪୦ ଟଙ୍କା ରହିଥିବାବେଳେ ଶନିବାର ଲକ୍ଷେ ୧୮ ହଜାର ୩୧୦ଟଙ୍କାକୁ ବୃଦ୍ଧି ପାଇଛି।

ବଜାରରେ ରୁପା ଦର ବି ବେଶ୍ ଝଲସୁଛି। ଶନିବାର ରୁପା ଦର ବୃଦ୍ଧି ପାଇନଥିଲେ ବି କେଜି ପିଛା ୨ ଲକ୍ଷ ୮୦ ହଜାର ରହିଛି। ଶୁକ୍ରବାର ୩ ଲକ୍ଷରୁ ୨୦ ହଜାର ଟଙ୍କା କମି ୨ଲକ୍ଷ ୮୦ ହଜାରରେ ପହଞ୍ଚିଥିଲା।

# ରାହୁଲଙ୍କୁ ଟାର୍ଗେଟ



## ଏତେ ଅଜଣା ବ୍ୟକ୍ତି କିପରି ବିରୋଧୀ ଦଳ ନେତା ହେଲେ

**ନୂଆଦିଲ୍ଲୀ,୧୪।୨(ଏଜେନ୍ସି):** ଆମେରିକା ଏବଂ ଭାରତ ମଧ୍ୟରେ ହୋଇଥିବା ବାଣିଜ୍ୟ ଚୁକ୍ତିନାମାକୁ ନେଇ ସାରା ଦେଶରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



କେନ୍ଦ୍ର ସରକାର ଏହାକୁ ଭାରତର ଏକ ବଡ଼ ବିଜୟ ଭାବରେ ଉପସ୍ଥାପନ କରୁଥିବାବେଳେ ବିରୋଧୀ ଏହାକୁ ଭାରତର ପରାଜୟ ଏବଂ ଆମେରିକାର ବିଜୟ ଭାବରେ ବର୍ଣ୍ଣନା କରୁଛନ୍ତି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏହି ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଉପରେ ପ୍ରତ୍ୟାକ୍ରମଣ କରିଛନ୍ତି। ସେ କହିଛନ୍ତି, ମୁଁ ବୁଝିପାରୁନି ଯେ ଏତେ ଅଜଣା ବ୍ୟକ୍ତି ବିରୋଧୀ ଦଳର ନେତା କିପରି ହେଲେ। ରାହୁଲ ଗାନ୍ଧୀ ଅର୍ଥନୀତିକୁ ନବୁଝି ଭୁଲ ବୟାନ ଦିଅନ୍ତି। କଂଗ୍ରେସ ଦଳ ବୁଝେ ନାହିଁ ଯେ ଅର୍ଥନୀତିକୁ ବୁଝିନଥିବା ଜଣେ ବ୍ୟକ୍ତି ସତ୍ୟଠାରୁ ହଜାର ହଜାର ମାଇଲ ଦୂରରେ।

ରାହୁଲ ଗାନ୍ଧୀ ଦାବି କରିଥିଲେ ଯେ, ଯଦି ବାଂଲାଦେଶ ଆମେରିକାରୁ ସୂତା କିମ୍ବା କପା କିଣେ, ତେବେ ସେ ଆମେରିକାକୁ ବିନା ଶୁଳ୍କରେ କପଡ଼ା ରପ୍ତାନି କରିବାର ଛାଡ଼ ପାଇବ। ଏହା ଉପରେ ପୀୟୁଷ ଗୋୟଲ କହିଥିଲେ ଯେ ଭାରତକୁ ମଧ୍ୟ ସମାନ ସୁବିଧା ମିଳିବ। ଯଦି ଭାରତୀୟ ରପ୍ତାନିକାରୀମାନେ ଆମେରିକାରୁ କପା କିମ୍ବା ସୂତା କିଣି ଏଠାରେ ପ୍ରକ୍ରିୟାକରଣ କରନ୍ତି ଏବଂ ତା'ପରେ ଆମେରିକାକୁ ରପ୍ତାନି କରନ୍ତି, ତେବେ ସେମାନଙ୍କୁ ମଧ୍ୟ ବିନା ଶୁଳ୍କର ଲାଭ ମିଳିବ। ଏହା କୌଣସି ନୂତନ ବ୍ୟବସ୍ଥା ନୁହେଁ, ଏହାପୂର୍ବରୁ ରହିଛି।

## ମିଛ ପ୍ରଚାର କରି ଜନତାଙ୍କୁ ଭ୍ରମିତ କରୁଛନ୍ତି

**ନୂଆଦିଲ୍ଲୀ,୧୪।୨ (ଏଜେନ୍ସି):** ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସାମ୍ପ୍ରତିକ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ କେନ୍ଦ୍ରର ନୀତି ଉପରେ ବୟାନ ପରେ ରାଜନୀତି ଉଷ୍ମ ହୋଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ମାମଲାରେ ସିଧାସଳଖ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ମିଛ ପ୍ରଚାର କରି ଜନସାଧାରଣଙ୍କୁ ଭ୍ରମିତ କରୁଥିବା ଅଭିଯୋଗ କରିଛନ୍ତି। ଅମିତ୍ ଶାହ କହିଛନ୍ତି, ଆମେରିକା ସହିତ ବାଣିଜ୍ୟ ଚୁକ୍ତିନାମାରେ ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି। ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ମିଛ ପ୍ରଚାର କରିବା ଏବଂ ଲୋକଙ୍କୁ ଭ୍ରମିତ କରିବାର ଅଭିଯୋଗ ଲଗାଇଥିଲେ। ବିଜେପି ର୍ୟାଲିରେ ଶାହ କହିଥିଲେ ଯେ ରାହୁଲ ଗାନ୍ଧୀ ପ୍ରତିଦିନ ମିଛ କହିବାର ଏକ ନୂତନ ପରମ୍ପରା ଚଳାଉଛନ୍ତି। ରାହୁଲ ଗାନ୍ଧୀଙ୍କ ନୀତି ହେଉଛି ମିଛ କହିବା, ଜୋରରେ କହିବା ଏବଂ ବାରମ୍ବାର ଦୋହରାଇବା। କିନ୍ତୁ ଲୋକମାନେ ଏବେ ତୁମର ମିଛ କହିବା



କଳାକୁ ଚିହ୍ନିସାରିଛନ୍ତି। ଶାହ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଏବଂ ଆମେରିକା ସହିତ ସମ୍ପ୍ରତି ହୋଇଥିବା ଚୁକ୍ତିନାମାରେ ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥର ୧୦୦% ସୁରକ୍ଷା ସୁନିଶ୍ଚିତ କରିଛନ୍ତି।

ପ୍ରଥମ ୟୁପିଏ ସରକାର ସମୟରେ କୃଷକମାନଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇଥିଲା ଏବଂ ସେମାନଙ୍କୁ କୌଣସି ଲାଭ ମିଳିନଥିଲା। ପୁଡୁଚେରୀରେ ଆୟୋଜିତ ଏକ ର୍ୟାଲିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପୁଡୁଚେରୀର ତତ୍କାଳୀନ କଂଗ୍ରେସ ସରକାର ଉପରେ ମଧ୍ୟ ଆକ୍ରମଣ କରିଥିଲେ। ସେ କହିଥିଲେ, ନାରାୟଣସାମୀ ସରକାର ପୁଡୁଚେରୀକୁ ଗାନ୍ଧୀ ପରିବାର ପାଇଁ ଏକ ଏଟିଏମ୍ କରିଥିଲେ। ପିଜି ଏବଂ ଡିପ୍ଲୋମା ସିଟ୍ ନିଲାମ କରାଯାଇଥିଲା। ଅନୁସୂଚିତ ଜାତି ଏବଂ ଜନଜାତି ପାଇଁ ସଂରକ୍ଷିତ ସିଟ୍ ମଧ୍ୟ ଧନୀ ଲୋକମାନଙ୍କୁ ବିକ୍ରି କରାଯାଇଥିଲା।

# ଭାରତ ସହ ସମ୍ପର୍କକୁ ଗୁରୁତ୍ୱ ଦେଲେ ତାରିକ ରହମାନ

**ନୂଆଦିଲ୍ଲୀ,୧୪।୨(ଏଜେନ୍ସି):** ନୂଆ ସରକାରରେ ଲୋକଙ୍କୁ ପ୍ରାଥମିକତା ମିଳିବ। ଲୋକମାନେ ପ୍ରଥମେ (ପିପୁଲ୍ସ ଫାଷ୍ଟ) ନୀତି ଦ୍ୱାରା ବାଂଲାଦେଶର ବୈଦେଶିକ ନୀତି ପରିଚାଳିତ ହେବ ବୋଲି ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ମୁଖ୍ୟ ତଥା ଭାବି ପ୍ରଧାନମନ୍ତ୍ରୀ ତାରିକ ରହମାନ କହିଛନ୍ତି।



ନିର୍ବାଚନରେ ନିଜ ଦଳର ବିପୁଳ ବିଜୟ ପରେ ଢାକାରେ ଶନିବାର ଆୟୋଜିତ ବୃହତ୍ ଜନସମାବେଶରେ ଉଦ୍‌ବୋଧନ ଦେଇ ରହମାନ କହିଛନ୍ତି, ଭାରତ ସହିତ ସମ୍ପର୍କ ସମେତ ଲୋକମାନେ ପ୍ରଥମ ନୀତି ଦ୍ୱାରା ଆମ ସରକାରଙ୍କ ବୈଦେଶିକ ନୀତି ପରିଚାଳିତ ହେବ। ଜାତୀୟ ସ୍ୱାର୍ଥ ତାଙ୍କ ସରକାରଙ୍କ ବୈଦେଶିକ ସମ୍ପର୍କର ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇ ରହିବ। ନୂଆଦିଲ୍ଲୀ ସହ ସମ୍ପର୍କ ବିଷୟରେ ଏକ ପ୍ରଶ୍ନର ଉତ୍ତର ଦେଇ ରହମନ କହିଛନ୍ତି, ବାଂଲାଦେଶ ଏବଂ ଏହାର ଜନସାଧାରଣଙ୍କ ସ୍ୱାର୍ଥ ସବୁଠାରୁ ଆଗରେ ଏବଂ ଏହା ହିଁ ଆମର ବୈଦେଶିକ ନୀତି ନିର୍ଦ୍ଧାରଣ କରିବ। ନିଜର ପ୍ରଥମ ଅଭିଭାଷଣରେ ସେ ଜାତୀୟ ଏକତା ପାଇଁ ମଧ୍ୟ ଆହ୍ୱାନ କରିଛନ୍ତି। ବିଏନ୍‌ପିର ବିଜୟକୁ ଗଣତନ୍ତ୍ର ପାଇଁ ବଳିଦାନ ଦେଇଥିବା ଲୋକଙ୍କ ଉଦ୍ଦେଶ୍ୟରେ ରହମାନ ଉତ୍ସର୍ଗ କରିଛନ୍ତି। ୨୦୨୪ର ଜନ ଆନ୍ଦୋଳନ ଯୋଗୁଁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କ୍ଷମତାଚ୍ୟୁତ ହେବା ପରେ ଅନୁଷ୍ଠିତ ଏହି ପ୍ରଥମ ସଂସଦୀୟ ନିର୍ବାଚନରେ ବିଏନପି ଦୁଇ-ତୃତୀୟାଂଶରୁ ଅଧିକ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଦିନେ ଦୁଇଦିନ ମଧ୍ୟରେ ତାରିକ ଅନୱାର ଶପଥ ନେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ରହମାନଙ୍କ ମୁଖ୍ୟ ଉପଦେଷ୍ଟା ହୁମାୟୁନ କବୀର ଦକ୍ଷିଣ ଏସିଆରେ ବୃଦ୍ଧି ପାଉଥିବା ଉଗ୍ରବାଦ ସମ୍ପର୍କରେ ସୂଚନା ଦେଇଛନ୍ତି। ପିଟିଆଇକୁ ସାକ୍ଷାତକାର ଦେଇ ସେ କହିଛନ୍ତି, ଆତଙ୍କବାଦ ଓ କଟ୍ଟରତା ଦକ୍ଷିଣ ଏସିଆରେ ମୁଖ୍ୟ ସମସ୍ୟା। ଭାରତୀୟ ସମାଜରେ ହିନ୍ଦୁ ଆତଙ୍କବାଦ ଓ ଦକ୍ଷିଣପନ୍ଥୀଙ୍କ ଅସହିଷ୍ଣୁତା ଏବଂ ପାକିସ୍ତାରେ ଚରମପନ୍ଥୀ କାର୍ଯ୍ୟକଳାପ ସମ୍ପର୍କରେ ଦେଖୁଛୁ। ବାଂଲା ଦେଶରେ କିନ୍ତୁ ସେପରି କିଛି ଗୁରୁତର ସମସ୍ୟା ନାହିଁ। ବିଏନ୍‌ପି ସରକାର ଭାରତ ସମେତ ସମସ୍ତ ଦେଶ ସହିତ ସନ୍ତୁଳନ ରକ୍ଷା କରି କାମ କରିବ।

## ବିଚାରପତିଙ୍କୁ ଲାଞ୍ଚ ମାମଲା
# ଭିଜିଲାନ୍ସ ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୪।୨(ଏଜେନ୍ସି):** ଏକ ଅପରାଧିକ ମାମଲାରେ ନିଜ ସପକ୍ଷରେ ରାୟ ପ୍ରକାଶ କରିବାକୁ ବିଚାରପତିଙ୍କୁ ଲାଞ୍ଚ ଦେବାକୁ ଜଣେ ମହକିଲଙ୍କଠାରୁ ଜଣେ ବରିଷ୍ଠ ଓକିଲ ୫୦ ଲକ୍ଷ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ଆସିବା ପରେ ମାଡ୍ରାସ ହାଇକୋର୍ଟ ଏହି ମାମଲାକୁ ତା'ର ଭିଜିଲାନ୍ସ ଶାଖାକୁ ପଠାଇ ଦେଇଛନ୍ତି।

ମାଡ୍ରାସ ହାଇକୋର୍ଟ ବିଚାରପତି ଏମ୍ ନିର୍ମଳ କୁମାର ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏସନ୍ ଫର୍ ଜଷ୍ଟିସ୍ (ଏଆଇଏଲଏଜେ) ଚେନ୍ନାଇର ଲାଞ୍ଚ ସମ୍ପର୍କିତ ଅଭିଯୋଗ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟଠାରୁ ପାଇବା ପରେ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଛନ୍ତି। କୋର୍ଟ ସିବିଆଇ ଦ୍ୱାରା ପଞ୍ଜିକୃତ ମାମଲାରେ ଏକ ଫୌଜଦାରୀ ସଂଶୋଧନ ଏବଂ ସଂଲଗ୍ନ ରଦ୍ଦ ଆବେଦନର ଶୁଣାଣି କରୁଥିଲେ। କୋର୍ଟ ଲୟର୍ସ ଆସୋସିଏସନ୍ ଅଭିଯୋଗର ଦ୍ୱାହି ଦେଇ ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ। କୋର୍ଟ ମାମଲାକୁ ଏକ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ରଖାଯିବା ପାଇଁ ମୁଖ୍ୟ ବିଚାରପତିଙ୍କ ନିକଟରେ ମାମଲାକୁ ରଖାଯାଉ ଏବଂ ଏ ସମ୍ପର୍କରେ ତଦନ୍ତ କରିବା ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭିଜିଲାନ୍ସ ସେଲ୍‌କୁ ନିର୍ଦ୍ଦେଶ ଜାରି କରାଯାଉ ବୋଲି କହିଥିଲେ।

କୋର୍ଟ ସିବିଆଇର ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ ଏବଂ ଆର ଗୋପୀନାଥଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ଏମ୍ ମୁରଲୀ କୁମାରନଙ୍କ ସହ ମଧ୍ୟ ଏହି ସୂଚନାକୁ ସେୟାର କରିଥିଲେ। ଅନ୍ୟପକ୍ଷରେ ମୁରଲୀ କୁମାରନ୍ ଅଭିଯୋଗକୁ ମିଥ୍ୟା କହିବା ସହିତ ସେ ଯେକୌଣସି ପ୍ରକାରର ତଦନ୍ତର ସହଯୋଗ କରିବେ ବୋଲି କହିଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ କହିଛନ୍ତି, କୋର୍ଟ ଏପରି ପ୍ରସ୍ତାବକୁ ଗ୍ରହଣ କରିବା କଥା ନୁହେଁ, ଏହାଦ୍ୱାରା କୋର୍ଟର ସମ୍ମାନ ହାନି ହେଉଛି। ଏପରି ମିଥ୍ୟା ଅଭିଯୋଗ ଆଣିଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ।

# ଡବ୍ଲ୍ୟୁଏଚ୍‌ଓର ଭୟଙ୍କର ଭବିଷ୍ୟବାଣୀ

## ୨୦୫୦ ସୁଦ୍ଧା ବିଶ୍ୱରେ ପ୍ରତି ୪ ଜଣରେ ଜଣେ ଶ୍ରବଣ ସମସ୍ୟାରେ ଆକ୍ରାନ୍ତ ହେବେ

**ୱାଶିଂଟନ,୧୪।୨(ଏଜେନ୍ସି):** ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ କରିଛି। ପ୍ରଥମ ୱାର୍ଲ୍ଡ ରିପୋର୍ଟ ଅନ୍ ହିୟରିଂ ଅନୁଯାୟୀ, ୨୦୫୦ ସୁଦ୍ଧା ବିଶ୍ୱରେ ପ୍ରାୟ ୨.୫ ବିଲିୟନ ଲୋକ ଅର୍ଥାତ୍ ପ୍ରତି ୪ ଜଣଙ୍କ ମଧ୍ୟରୁ ଜଣେ କିଛି ନା କିଛି ସ୍ତରର ଶ୍ରବଣ ସମସ୍ୟାରେ ପୀଡିତ ହେବେ। ଏମାନଙ୍କ ମଧ୍ୟରୁ ପ୍ରାୟ ୭୦୦ ନିୟୁତ ଲୋକଙ୍କୁ ଶ୍ରବଣ ସମ୍ବନ୍ଧୀୟ ସେବାର ଆବଶ୍ୟକତା ପଡ଼ିବ।




ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ପ୍ରତି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ବର୍ତ୍ତମାନ କୌଣସି ନା କୌଣସି ପ୍ରକାରର ଶ୍ରବଣ ସମସ୍ୟାରେ ପୀଡିତ। ସମୟୋଚିତ ଚିକିତ୍ସା ଏବଂ ଯନ୍ତ୍ରର ଅଭାବ ମାମଲା ବୃଦ୍ଧିର ଏକ ପ୍ରମୁଖ କାରଣ। ଏପରି ମାମଲା ମଧ୍ୟରୁ ୮୦ ପ୍ରତିଶତ ନିମ୍ନ ଆୟକାରୀ ଦେଶଗୁଡ଼ିକରେ ଘଟେ, ଯେଉଁଠାରେ ବିଶେଷଜ୍ଞ ଏବଂ ସମ୍ବଳର ଘୋର ଅଭାବ ରହିଛି। ଏହା ସହିତ ସଂକ୍ରମଣ, ଜନ୍ମଗତ ରୋଗ, ଶବ୍ଦ ପ୍ରଦୂଷଣ, ଉଚ୍ଚ ଶବ୍ଦରେ ଦୀର୍ଘ ସମୟ ଧରି ସଂସ୍ପର୍ଶରେ ରହିବା ଏବଂ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଶ୍ରବଣ ହ୍ରାସର ମୂଳ କାରଣ। ପିଲାମାନଙ୍କ ମଧ୍ୟରେ ପ୍ରାୟ ୬୦% ମାମଲା ଟୀକାକରଣ, ଉନ୍ନତ ମାତୃତ୍ୱ, ଶିଶୁ ଯତ୍ନ ଏବଂ କାନ ସଂକ୍ରମଣର ସମୟୋଚିତ ଚିକିତ୍ସା ମାଧ୍ୟମରେ ରୋକାଯାଇପାରିବ। ଯୁବପିଢ଼ିଙ୍କ ମଧ୍ୟରେ ଉଚ୍ଚ ସ୍ୱରରେ ସଙ୍ଗୀତ ଶୁଣିବା ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ପାଲଟିଛି। ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ସ୍ମାର୍ଟଫୋନ ଏବଂ ହେଡ୍‌ଫୋନ ମାଧ୍ୟମରେ ଉଚ୍ଚ ସ୍ୱରରେ ସଙ୍ଗୀତ ଶୁଣିବା ଯୋଗୁ ୧୨ରୁ ୩୫ ବର୍ଷ ବୟସର ଏକ ବିଲିୟନରୁ ଅଧିକ ଲୋକ ବିପଦରେ ଅଛନ୍ତି।

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ସୂଚିତ କରେ ଯେ, ଅନେକ ଦେଶ କାନ, ନାକ, ଗଳା ବିଶେଷଜ୍ଞ, ଅଡିଓଲୋଜିଷ୍ଟ ଏବଂ ସ୍ପିଚ ଥେରାପିଷ୍ଟଙ୍କ ଗମ୍ଭୀର ଅଭାବର ସମ୍ମୁଖୀନ ହେଉଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟସେବାରେ କାନ ଏବଂ ଶ୍ରବଣ ଯତ୍ନ କମ ପ୍ରତିନିଧିତ୍ୱ କରୁଛି, ଯାହା ଫଳରେ ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ଚିକିତ୍ସା ପର୍ଯ୍ୟାପ୍ତ ନୁହେଁ। ବିଶେଷଜ୍ଞମାନେ ଏହା ମଧ୍ୟ ଗୁରୁତ୍ୱାରୋପ କରନ୍ତି ଯେ, ଶ୍ରବଣ କ୍ଷତି ପାଇଁ ପ୍ରାରମ୍ଭିକ ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ପ୍ରଯୁକ୍ତିବିଦ୍ୟା ଏବେ ସୀମିତ ସମ୍ବଳ ସହିତ ମଧ୍ୟ ନିର୍ଣ୍ଣୟକୁ ସମ୍ଭବ କରିଥାଏ। ଅନେକ କାନ ରୋଗର ଔଷଧ କିମ୍ବା ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା କରାଯାଇପାରିବ।

# ଭୁଶୁଡ଼ିଲା ମେଟ୍ରୋ ପିଲାର୍, ଜଣେ ମୃତ



**ମୁମ୍ବାଇ,୧୪।୨(ଏଜେନ୍ସି):** ମହାରାଷ୍ଟ୍ରର ମୁମ୍ବାଇର ମୁଲୁଣ୍ଡ (ପଶ୍ଚିମ) ଅଞ୍ଚଳରେ ଏକ ବଡ଼ ଦୁର୍ଘଟଣା। ଏଲବିଏସ ରୋଡରେ ନିର୍ମାଣାଧୀନ ଏକ ମେଟ୍ରୋ ପିଲାରର ଗୋଟିଏ ଅଂଶ ହଠାତ୍ ଭାଙ୍ଗି ପଡ଼ିଥିଲା। ଭାଙ୍ଗି ପଡ଼ିଥିବା ସିମେଣ୍ଟ ପିଲାର ତଳେ ଅନେକ ଗାଡ଼ି ଚାପି ହୋଇଯାଇଥିଲା। ପିଲାରର କିଛି ଅଂଶ ଏକ ଅଟୋ-ରିକ୍ସା ଉପରେ ମଧ୍ୟ ପଡ଼ିଥିଲା, ଫଳରେ ସେଥିରେ ଯାତ୍ରା କରୁଥିବା ଯାତ୍ରୀ ଆହତ ହୋଇଛନ୍ତି।

କାରଖାନା ନିକଟରେ ଅପରାହ୍ନ ପ୍ରାୟ ୧୨.୨୦ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ନିର୍ମାଣ ସମୟରେ ପିଲାରର ଏକ ଅଂଶ ସିଧା ଅଟୋରିକ୍ସା ଉପରେ ପଡ଼ିଥିଲା। ଅଟୋରେ ଥିବା ଯାତ୍ରୀମାନେ (ମୃତକ ଏବଂ ଆହତ) ଉତ୍ତର ପ୍ରଦେଶର ଜୌନପୁର ଅଞ୍ଚଳର। ସେମାନେ ପର୍ଯ୍ୟଟକ ଭାବରେ ମୁମ୍ବାଇ ଆସିଥିବା ଜଣାପଡ଼ିଛି। ଘଟଣାରେ ରାମଧନ ଯାଦବ(୫୫)ଙ୍କର ମୃତ୍ୟୁ ହୋଇଥିବା ବେଳେ ବବଲୁ ଯାଦବ(୨୫) ଏବଂ ମହେନ୍ଦ୍ର ଯାଦବ(୩୦) ଆହତ ହୋଇଛନ୍ତି। ଘଟଣା ଘଟିବା ପରେ ମୁମ୍ବଇ ଅଗ୍ନିଶମ ବାହିନୀ, ସ୍ଥାନୀୟ ପୁଲିସ, ମେଟ୍ରୋ କର୍ତ୍ତୃପକ୍ଷ, ୱାର୍ଡ କର୍ମଚାରୀ ଏବଂ ୧୦୮ ଆମ୍ବୁଲାନ୍ସ ସେବା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏବଂ ମୃତକଙ୍କ ପରିବାର ପାଇଁ ୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

# ଆଇଓସିଏଲ୍ ପକ୍ଷରୁ ରାଜ୍ୟବ୍ୟାପୀ 'କ୍ଲିନ୍ ଆଣ୍ଡ୍ କେୟାର୍ ଚ୍ୟାଲେଞ୍ଜ' ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୨(ନି.ପ୍ର):** ଗ୍ରାହକ ସେବାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଇଓସିଏଲ୍ ପକ୍ଷରୁ ଓଡ଼ିଶାର ସମସ୍ତ ରିଟେଲ୍ ଆଉଟ୍‌ଲେଟ୍‌ରେ 'କ୍ଲିନ୍ ଆଣ୍ଡ୍ କେୟାର୍ ଚ୍ୟାଲେଞ୍ଜ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ପ୍ରତ୍ୟେକ ଆଇଓସିଏଲ୍ ପେଟ୍ରୋଲ ପମ୍ପରେ ସ୍ୱଚ୍ଛ ଶୌଚାଳୟ, ଶୁଦ୍ଧ ପାନୀୟ ଜଳ ଏବଂ ମାଗଣା ବାୟୁ ସୁବିଧା ସୁନିଶ୍ଚିତ କରାଯିବ। ଏହାସହ ଗ୍ରାହକମାନେ ପେଟ୍ରୋଲ ପମ୍ପରେ ଉପଲବ୍ଧ କ୍ୟୁଆର୍ କୋଡ୍ ସ୍କାନ୍ କରି ନିଜର ମୂଲ୍ୟବାନ ମତାମତ ପ୍ରଦାନ କରିପାରିବେ।

ଆଇଓସି କମିଟି ପକ୍ଷରୁ ସେହି ମତାମତଗୁଡ଼ିକର ଯାଞ୍ଚ କରାଯିବା ସହ ଯେଉଁଠି ସୁଧାରର ଆବଶ୍ୟକତା ଚିହ୍ନଟ ହେବ, ସେଠାରେ ମତାମତ ପ୍ରଦାନ କରିଥିବା ଗ୍ରାହକମାନଙ୍କୁ ପୁରସ୍କାରସ୍ୱରୂପ ୧୦୦ ଟଙ୍କା ମୂଲ୍ୟର 'ଏକ୍ସଟ୍ରା ରିୱାର୍ଡ ପଏଣ୍ଟ' ପ୍ରଦାନ କରାଯିବ। ଏହି ପଏଣ୍ଟ ମାଧ୍ୟମରେ ସେମାନେ ପେଟ୍ରୋଲ ଓ ଡିଜେଲ କ୍ରୟ କରିପାରିବେ। ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ହେଉଛି ଯାତ୍ରୀମାନଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧାଗୁଡ଼ିକୁ ସୁନିଶ୍ଚିତ କରି ଆଇଓସିଏଲ୍‌ର ଗ୍ରାହକ-କେନ୍ଦ୍ରିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବା।




ଏହି ଅଭିଯାନର ଶୁଭାରମ୍ଭ ଭୁବନେଶ୍ୱରସ୍ଥିତ ଆଇଓସିଏଲ୍‌ର ମାର୍କେଟିଂ ନିର୍ଦ୍ଦେଶକ ସୌମିତ୍ର ପ୍ରିୟ ଶ୍ରୀବାସ୍ତବଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ଆଇଓସିଏଲ୍‌ର ସିଜିଏମ ଏବଂ ରାଜ୍ୟ ମୁଖ୍ୟ କମଳ ଶୀଲ, ସିଜିଏମ (ଆରଏସ) ରୋହିତ କୁମାର, ଡିଆରଏସଏଚ୍ ବିଶାଲ ଗର୍ଗ, ଭୁବନେଶ୍ୱର ଡିଓଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଚ୍ୟାନେଲ୍ ସହଯୋଗୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ପୂର୍ବରୁ ଏହି ଅଭିଯାନ ଓଡ଼ିଶାର ୫ଟି ସହରରେ ପାଇଲଟ୍ ଭିତ୍ତିରେ ସଫଳତାର ସହ ପରୀକ୍ଷଣ କରାଯାଇଥିଲା। ବର୍ତ୍ତମାନ ଏହାକୁ ରାଜ୍ୟର ପ୍ରାୟ ୧୩୦୦ଟି ଆଇଓସିଏଲ୍ ପେଟ୍ରୋଲ ପମ୍ପରେ ବିସ୍ତାର କରାଯାଇଛି।

ଏହି ଅଭିଯାନର ଅଂଶବିଶେଷସ୍ୱରୂପ ସୌମିତ୍ର ପି ଶ୍ରୀବାସ୍ତବ ଜନସାଧାରଣଙ୍କ ମଧ୍ୟରେ ଏହି ବାର୍ତ୍ତାର ପ୍ରଚାର ପାଇଁ ଏକ ବାଇକ୍ ରାଲିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଫୋରକୋର୍ଟରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଗ୍ରାହକ ଆଟେଣ୍ଡାଣ୍ଟ (ସିଏ)ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ଆଇଓସିଏଲ୍ ଗ୍ରାହକମାନଙ୍କ ପାଇଁ ମୌଳିକ ସୁବିଧା ସୁନିଶ୍ଚିତ କରି ଉତ୍ତମ ଗ୍ରାହକ ସେବା ପ୍ରତି ନିଜର ଅତୁଟ ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିଛି।

# ଦିଲ୍ଲୀରେ ଭୟଙ୍କର ଅଗ୍ନିକାଣ୍ଡ

**ନୂଆଦିଲ୍ଲୀ,୧୪।୨(ଏଜେନ୍ସି):** ଶନିବାର ଦିଲ୍ଲୀ ବାହାରର ନିଲୋଥିରେ ଏକ ହେଲମେଟ ଉତ୍ପାଦନ କାରଖାନାରେ ବଡ଼ ଅଗ୍ନିକାଣ୍ଡ ଘଟିଛି। ଫଳରେ ସ୍ଥାନୀୟ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ତୀବ୍ର ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବା ପାଇଁ ୨୦ଟି ଦମକଳ ଗାଡିକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା। ଦିଲ୍ଲୀ ଅଗ୍ନିଶମ ସେବା ରିପୋର୍ଟ କରିଛି ଯେ ସେମାନେ ପ୍ରାୟ ୩:୧୫ରେ ସୂଚନା ପାଇଥିଲେ। ନିଆଁ ଆଂଶିକ ଭାବରେ ପାଖରେ ଥିବା ଏକ କାରଖାନାକୁ ବ୍ୟାପି ଯାଇଥିଲା। ଯାହା ବ୍ୟାପକ କ୍ଷୟକ୍ଷତିର ସମ୍ଭାବନା ବିଷୟରେ ଚିନ୍ତା ସୃଷ୍ଟି କରିଛି।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida